ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୨୯/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Wednesday, December 29/2021 | ★★

୧୮ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**୨୦୦ଉଇକେଟ ପୂରଣ କଲେ ସାମି**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ମହମ୍ମଦ ସାମି ତାଙ୍କ ୨୦୦ ଉଇକେଟ ପୂରଣ କରିଛନ୍ତି।

୦୮

୦୭

**ଆଲିଆ ପେଟା ଇଣ୍ଡିଆ ପର୍ସନ୍ ଅଫ୍ ଦି ଇୟର**

ପ୍ରାଣୀପ୍ରେମୀ ଭାବେ ଜଣା ବଲିଉଡ୍ ନାୟିକା ଆଲିଆ ଭଟ୍ଟଙ୍କୁ ପେଟା ଇଣ୍ଡିଆ ୨୦୨୧ର 'ପର୍ସନ ଅଫ୍ ଦ ଇୟର' ଭାବେ ବାଛିଛି।




## ବାଲେଶ୍ୱରରେ ଚାଷୀ ଆତ୍ମହତ୍ୟା

### ଫସଲ କ୍ଷତି ଦେଖି ବିଷ ପିଇ ଦେଇଥିଲେ

ଭୋଗରାଇ, ୨୮।୧୨(ଡି.ଏନ.ଏ.): ଚାଷରେ କ୍ଷତି ସହି ନ ପାରି ବାଲେଶ୍ୱର ଜିଲାରେ ପୁଣି ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ଅତ୍ୟଧିକ ଋଣ ଚିନ୍ତାରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଖଏର୍ଦ୍ଦା ଗ୍ରାମର ସମରେନ୍ଦ୍ର କୁଣ୍ଡୁ (୬୧)। ଚଳିତ ଖରିଫ ଋତୁରେ ସମରେନ୍ଦ୍ର ଜମି ମାଲିକଙ୍କଠାରୁ ୨୫ ଏକର ଜମି ଭାଗ ନେଇ ଧାନ ଚାଷ କରିଥିଲେ। ସେ ସ୍ଥାନୀୟ ସମବାୟ ସମିତିରୁ ୧ଲକ୍ଷ, ବାଉଁଶଡ଼ିହା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧ଲକ୍ଷ ଓ ସୁନା ଅଳଙ୍କାର ବନ୍ଧକ ରଖି ଆନୁମାନିକ ୧୨ଲକ୍ଷ ଟଙ୍କା କରଜ କରିଥିଲେ। ବାତ୍ୟା ୟାସ୍ ଓ ଜୱାଦ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଯୋଗୁ ତାଙ୍କ ପାଚିଲା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଋଣ ଶୁଝିବା ଚିନ୍ତାରେ ସେ ମାନସିକ ଭାରସାମ୍ୟ ହରାଇ ଗତ ୨୨ତାରିଖରେ ବିଷ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଅନାବଶ୍ୟକ ଏଏଫ୍ଏସ୍ପିଏ


# ସ୍କୁଲ ଯିବେ ପ୍ରଥମରୁ ୫ମ ପିଲା

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ମହାମାରୀ କରୋନା ପାଇଁ ଦୀର୍ଘ ୨ବର୍ଷ ହେଲା ସ୍କୁଲ, କଲେଜ ଆଦି ବନ୍ଦ ରହିବା ପରେ ଧୀରେ ଧୀରେ ସବୁ କିଛି ସ୍ୱାଭାବିକ ସ୍ଥିତିକୁ ଆସୁଛି। ବିଭିନ୍ନ ପର୍ଯ୍ୟାୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିଥିବାବେଳେ ଜାନୁୟାରୀ ୩ରୁ ପ୍ରଥମରୁ ୫ମ ପର୍ଯ୍ୟନ୍ତ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ ଖୋଲିବା ଲାଗି ରାଜ୍ୟ ସରକାର ମଙ୍ଗଳବାର ଘୋଷଣା କରିଛନ୍ତି। ନୂଆବର୍ଷ ଆରମ୍ଭରୁ ସ୍କୁଲ ଖୋଲିବା ପରେ ରାଜ୍ୟରେ ଥିବା ୨୭ ହଜାର ସ୍କୁଲ ଚଳଚଞ୍ଚଳ ହେବ। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ମଧ୍ୟାହ୍ନ ଛୁଟି ରହିବ ନାହିଁ। ରବିବାର ଏବଂ ସରକାରୀ ଛୁଟିଦିନକୁ ବାଦ୍ ଦେଇ ଅନ୍ୟ ଦିନ ସ୍କୁଲ ଖୋଲା ରହିବ। ମଧ୍ୟାହ୍ନଭୋଜନ ଯୋଜନା ଅନ୍ତର୍ଗତ ଶୁଖିଲା ରାଶନ ସାମଗ୍ରୀ ଯୋଗାଣ କାର୍ଯ୍ୟକ୍ରମ ଅନ୍ୟାଦେଶ ପର୍ଯ୍ୟନ୍ତ ପୂର୍ବପରି ଜାରି ରହିବ। ତେବେ ପ୍ରଥମରୁ ଦଶମ ଶ୍ରେଣୀ ଥିବା ସ୍କୁଲ୍‌ରେ ଏବେ ସମେଟିଭ

## ଜାନୁୟାରୀ ୩ରୁ ଖୋଲିବ ସ୍କୁଲ



ପରୀକ୍ଷା ଚାଲୁଥିବାରୁ ସେଠାରେ ଜାନୁୟାରୀ ୧୦ ତାରିଖ ପରେ ପ୍ରାଥମିକ ସ୍କୁଲ ଖୋଲିବ। ରାଜ୍ୟର ୩,୦୯୩ ସେଣ୍ଟରରେ ଦଶମ ପିଲାଙ୍କ ସମେଟିଭ-୧ ପରୀକ୍ଷା ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍ଓପି(ଷ୍ଟାଣ୍ଡାର୍ଡ ଅପେରେଟିଂ ସିଷ୍ଟମ) ଜାରି କରାଯାଇଛି। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନ ମୋଡ୍‌ରେ ସ୍କୁଲରେ ଯୋଗଦେବେ ସେନେଇ ସେମାନଙ୍କ ଅଭିଭାବକଙ୍କଠାରୁ ବୁଝିବେ। ସ୍କୁଲ ସହ ହଷ୍ଟେଲଗୁଡିକ ମଧ୍ୟ ଖୋଲିବ। ହେଲେ ସେଠାରେ ଥିବା କମନ୍ ଏରିଆ ସହ ଶୌଚାଳୟ ପ୍ରତ୍ୟେକ ଇଣ୍ଟରଭାଲ୍ ସମୟରେ ସାନିଟାଇଜ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନଙ୍କ ଅଧିକ ଯତ୍ନ ନେବା ଲାଗି ଏସ୍‌ସି ଏବଂ ଏସ୍‌ଟି ବିଭାଗ, ଏସ୍ଏସ୍‌ପିଡି ବିଭାଗ, ଘରୋଇ ସ୍କୁଲ ଅଧିକ ଗାଇଡ୍‌ଲାଇନ ଚାହିଁଲେ ପ୍ରସ୍ତୁତ କରିପାରିବେ। ରାଜ୍ୟର ସମସ୍ତ ଡିଇଓ(ଜିଲା ଶିକ୍ଷା ଅଧିକାରୀ), ଏଡିଇଓ, ବିଇଓ, ଏବିଇଓ, ବିଆର୍‌ସିସି ଏବଂ ସିଆର୍‌ସିସିମାନେ ବିଦ୍ୟାଳୟ ଖୋଲିବା ପୂର୍ବରୁ ସେଠାକୁ ଗସ୍ତ କରି ସ୍ଥାନୀୟ ପରିବେଶ, କ୍ଲାସ୍ ରୁମ୍‌ର ବେଞ୍ଚ, ଟେବୁଲ ଏବଂ ଶୌଚାଳୟ ଆଦି ଭଲରେ ସାନିଟାଇଜ କରାଯାଇଛି ନା ନାହିଁ ତା'ର ରିପୋର୍ଟ ପ୍ରଦାନ କରିବେ। ଏହାସହ ବାରମ୍ବାର ସ୍କୁଲ ଗସ୍ତରେ ଯାଇ ସାନିଟାଇଜେଶନକୁ କେତେ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି, କୋଭିଡ୍ ଗାଇଡ୍‌ଲାଇନ ପାଳନ ଠିକ୍‌ରେ ହେଉଛି ନା ନାହିଁ ତା'ର ରିପୋର୍ଟ ସଂଗ୍ରହ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୋଭିଡ୍-୧୯ ପାଇଁ ଜାରି କରାଯାଇଥିବା ଗାଇଡ୍‌ଲାଇନ ପାଳନ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ ସ୍କୁଲଗୁଡ଼ିକୁ ଖୋଲିବା ସମୟ ନିର୍ଦ୍ଧାରଣ କରିବାର ଜିଲାପାଳ ହେଉଛନ୍ତି ପ୍ରକୃତ ଅଧିକାରୀ। ☞ପୃଷ୍ଠା-୪

# ପୂର୍ବ ସ୍ୱାସ୍ଥ୍ୟ ସ୍ଥିତି ଆଳରେ ବୀମା ମନା କରିପାରିବନି କମ୍ପାନୀ

ନୂଆଦିଲ୍ଲୀ, ୨୮।୧୨

ସ୍ୱାସ୍ଥ୍ୟ ବୀମା ଜାରି ହେବା ପରେ ପ୍ରସ୍ତାବ ଫର୍ମରେ ବୀମାଧାରୀ ଉଲ୍ଲେଖ କରିଥିବା ବର୍ତ୍ତମାନର ରୋଗକୁ ଆଳ କରି କମ୍ପାନୀ ତାଙ୍କୁ କ୍ଷତିପୂରଣ ଦେବାକୁ ମନା କରିପାରିବ ନାହି ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷ ଅଦାଲତ ମନମୋହନ ନନ୍ଦା ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଜାତୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ (ଏନ୍‌ସିଡିଆର୍‌ସି)ଙ୍କ ଏକ ନିଷ୍ପତ୍ତି ବିରୋଧରେ ଦାଏର ଅପିଲର ଶୁଣାଣି କରି ଏହା କହିଛନ୍ତି। ମନମୋହନ ଆମେରିକାରେ ଚିକିତ୍ସାଧୀନ ଥିବାବେଳେ ହୋଇଥିବା ଡାକ୍ତରୀ ଖର୍ଚ୍ଚ ପାଇଁ କ୍ଲେମ୍ କରିଥିଲେ, ଯାହାକୁ ଖାରଜ କରିଦିଆଯାଇଥିଲା।

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ ବୀମା କ୍ଲେମ୍ ସମ୍ପର୍କିତ ଅପିଲ ପିଟିଶନର ଶୁଣାଣି କରି କହିଛନ୍ତି, ଯଦି ଥରେ ବୀମାଧାରୀଙ୍କ ଚିକିତ୍ସା ସ୍ଥିତିର ଆକଳନ କରିବା ପରେ ପଲିସି ଜାରି କରାଯାଏ



ତେବେ ବୀମା କମ୍ପାନୀ ବର୍ତ୍ତମାନର ଚିକିତ୍ସା ସ୍ଥିତିକୁ ଆଳ କରି ତାଙ୍କ ଦାବିକୁ ଅସ୍ୱୀକାର କରିପାରିବ ନାହିଁ, ଯାହାକୁ ବୀମାଧାରୀ ପ୍ରସ୍ତାବ ଫର୍ମରେ ଉଲ୍ଲେଖ କରିଥିଲେ। ଜଣେ ପ୍ରସ୍ତାବକ(ପ୍ରପୋଜର)ଙ୍କ କର୍ତ୍ତବ୍ୟ ହେଉଛି ତାଙ୍କ ଜ୍ଞାତରେ ଥିବା ସମସ୍ତ ତଥ୍ୟ ବୀମା ଚୁକ୍ତି ଅନୁସାରେ କ୍ଷତିପୂରଣ ଦେଉଥିବା ବ୍ୟକ୍ତି ବା କମ୍ପାନୀ (ଇନ୍‌ସ୍ୟୋରର୍)ଙ୍କୁ ଅବଗତ କରାଇବେ। ପ୍ରସ୍ତାବକ ପ୍ରସ୍ତାବ ସମ୍ପର୍କିତ ସମସ୍ତ ତଥ୍ୟ ଓ ସ୍ଥିତି ସମ୍ପର୍କରେ ଜାଣିଥାଆନ୍ତି ବୋଲି ସାଧାରଣତଃ ମନେକରାଯାଏ। ଯଦିଓ ପ୍ରସ୍ତାବକ କେବଳ ତାଙ୍କୁ ଜଣାଥିବା ବିଷୟ ହିଁ ଉଲ୍ଲେଖ କରିପାରିବେ, ତେବେ ପ୍ରସ୍ତାବକଙ୍କ ପ୍ରଘଟ ☞ପୃଷ୍ଠା-୪




ବିଦାୟୀ ବର୍ଷରେ ପ୍ରତ୍ୟେକ ନାଗରିକଙ୍କୁ ପ୍ରଭାବିତ କରିଥିବା ସାମଗ୍ରୀ ଥିଲା ତୈଳ। ଦର ବୃଦ୍ଧି ନିଆଁରେ ସନ୍ତୁଳି ହୋଇଥିଲେ ସାଧାରଣ ଲୋକେ। ଉତ୍‌ଥାନ ପତନ ଦେଇ ଗଡ଼ିଥିଲା ଦେଶର ଗତି ଓ ପ୍ରଗତି ଗାଡ଼ି। ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟବୃଦ୍ଧିର ବୋଝ ଉଠାଉ ଉଠାଉ ଅଣ୍ଟା ଭାଙ୍ଗିଯାଇଥିଲା ଖାଉଟିଙ୍କର। ତଥାପି ବେପାର ବଣିଜକୁ ମିଳିଥିଲା ବଳ। ସର୍ବକାଳୀନ ରେକର୍ଡସ୍ତର ଛୁଇଁଥିଲା ସୂଚକାଙ୍କ। ମୁଦ୍ରାର ଡିଜିଟାଲ ସଂସ୍କରଣ କ୍ରିପ୍ଟୋ ପଛରେ ଧାଇଁଥିଲେ ଥିଲାବାଲା ଲୋକ। ଫେସ୍‌ବୁକ୍ ପାଇଥିଲା ନୂଆ ପରିଚୟ–ମେଟାଭର୍ସ। ଶକ୍ତିକାନ୍ତ ଦାସ ଦ୍ୱିତୀୟ ଥର ଆର୍‌ବିଆଇ ଗଭର୍ନର ହୋଇ ଓଡ଼ିଶା ପାଇଁ ଆଣିଥିଲେ ଗର୍ବ। ହେଲେ ଏୟାର ଇଣ୍ଡିଆ ଟାଟା ଗ୍ରୁପ୍ ହାତକୁ ଯିବା ପରେ ଚର୍ଚ୍ଚା ହୋଇଥିଲା 'ମହାରାଜା ବିକ୍ରି ହୋଇଗଲେ'।



ଏକବିଂଶ ଶତାବ୍ଦୀର ୨ୟ ଦଶନ୍ଧି ପରେ ଦେଶବାସୀ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଦେଖି ଚକିତ ହୋଇଯାଇଛନ୍ତି। ଏହା ସେଞ୍ଚୁରୀ ଅତିକ୍ରମ କରିବା ଭାରତର ଦୁର୍ବଳ ଅର୍ଥନୈତିକ ପରିଚାଳନା ଯୋଗୁ ଘଟିଛି ବୋଲି କୁହାଯାଉଛି। କିନ୍ତୁ ସରକାର ଚିରାଚରିତ ଢଙ୍ଗରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବଢ଼ିବାକୁ ଦୋଷ ଦେଇଛନ୍ତି। ବିଡ଼ମ୍ବନା ହେଉଛି ଯେ, ଅଶୋଧିତ ତେଲ ଦର ବିଶ୍ୱସ୍ତରରେ କମ୍ ଥିବାବେଳେ ଭାରତରେ ତାହା ବୃଦ୍ଧି ପାଇବା ଚିନ୍ତାର ବିଷୟ। ୧୭ ଅକ୍ଟୋବରରେ ରାଜସ୍ଥାନର ଗଙ୍ଗାନଗରରେ ପେଟ୍ରୋଲ ୧୨୧ ଟଙ୍କା ୭୫ ପଇସା, ଡିଜେଲ ୧୧୭ ଟଙ୍କା ୨୫ ପଇସା ଛୁଇଁଥିବାବେଳେ ଓଡ଼ିଶାର ମାଲକାନଗିରିରେ ପେଟ୍ରୋଲ ୧୧୯ ଟଙ୍କା ୩୮ ପଇସା ଓ ଡିଜେଲ ୧୧୩ ଟଙ୍କା ୪୫ ପଇସାରେ ପହଞ୍ଚି ସର୍ବାଧିକ ରେକର୍ଡ କରିଥିଲା। ତେବେ ଦେଶବ୍ୟାପୀ ବିରୋଧ ହେବାରୁ ସରକାର ତୈଳ ଉପରୁ ଟିକସ କମାଇବା ପରେ ଏହାର ଦର କିଛି ଦିନ ହେବ ସ୍ଥିର ରହିଛି।

# ତେଲ ଘଣାରେ ଗ୍ରାହକ

## ଶକ୍ତିକାନ୍ତ ଦାସ



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ୧୧ ଡିସେମ୍ବରରେ ଦ୍ୱିତୀୟ ଥର ଦେଶର ଏହି କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ବ୍ୟାପ୍ତ କରିଛି। ତାଙ୍କ କାର୍ଯ୍ୟକାଳ ଡିସେମ୍ବର ୨୦୨୪ ଯାଏ ଆଉ ୩ ବର୍ଷ ବୃଦ୍ଧି କରାଯାଇଛି।

## ଫାଲ୍‌ଗୁନୀ ନାୟାର



ସୌନ୍ଦର୍ଯ୍ୟ ଓ ଜୀବନଶୈଳୀ ଆଧାରିତ କମ୍ପାନୀ 'ନ୍ୟାକା' ବା ନାୟିକା ୬.୫ ବିଲିୟନ ଡଲାରରେ ପହଞ୍ଚିବା ପରେ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫାଲଗୁନୀ ନାୟାର ଯୁବ ଉଦ୍ୟୋଗୀଙ୍କ ପାଇଁ ଆଇକନ୍ ପାଲଟି ଯାଇଛନ୍ତି। ଅନ୍ୟତମ ସ୍ୱସମୃଦ୍ଧ ମହିଳା ବିଲିୟନେୟାର ବାୟୋକନ୍‌ର ଅଧକ୍ଷା କିରନ ମଜମୁଦାର-ଶ'ଙ୍କୁ ଟପିଯିବା ପରେ ଫାଲଗୁନୀ ଭାରତର ଧନୀ ସ୍ୱସମୃଦ୍ଧ ମହିଳା ଉଦ୍ୟୋଗୀ ହେବାର ଗୌରବ ଅର୍ଜନ କରିଛନ୍ତି।

## ସୂଚକାଙ୍କ ବୃଦ୍ଧି ରେକର୍ଡ

ପ୍ରଥମ ଥର ପାଇଁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ୨୪ ସେପ୍ଟେମ୍ବରରେ ୬୦ ହଜାର ପଏଣ୍ଟ ଅତିକ୍ରମ କରି ଷ୍ଟକ୍ ବଜାର ଇତିହାସରେ ରେକର୍ଡ ସୃଷ୍ଟି କରିଥିଲା। ଏପରି କି ନିଫ୍‌ଟି ସର୍ବକାଳୀନ ୧୮ ହଜାର ପଏଣ୍ଟ ଡେଇଁଥିଲା। ୬ ବର୍ଷରୁ କିଛି ଅଧିକ ସମୟ ମଧ୍ୟରେ ସୂଚକାଙ୍କ ୩୦ ହଜାରରୁ ୬୦ ହଜାରରେ ପହଞ୍ଚିଥିଲା। ବିଦାୟୀବର୍ଷ ଜାନୁୟାରୀରେ ସୂଚକାଙ୍କ ୫୦ ହଜାର ପଏଣ୍ଟରେ ଥିବାବେଳେ ମାତ୍ର ୮ ମାସ ମଧ୍ୟରେ ଏହା ଅପ୍ରତ୍ୟାଶିତ ଭାବେ ୧୦ ହଜାର ବୃଦ୍ଧି ପାଇ ୬୦ ହଜାର ଛୁଇଁଥିଲା।



## ବ୍ରେନ୍ ଡ୍ରେନ୍, ବ୍ରେନ୍ ଗେନ୍



ଇଂଲିଶରେ କୁହାଯାଏ 'ବ୍ରେନ୍ ଡ୍ରେନ୍ ବେଟର ଦ୍ୟାନ୍ ବ୍ରେନ୍ ଇନ୍ ଦି ଡ୍ରେନ୍'। ଅର୍ଥାତ୍ ନର୍ଦ୍ଦମାରେ ବୁଦ୍ଧି ପଡ଼ିଯିବାଠାରୁ ଭଲ ହେଉଛି ପ୍ରତିଭା ଦେଶାନ୍ତରଣ। ଭାରତରୁ ମେଧା ଚାଲିଯିବା ପରେ ପାଶ୍ଚାତ୍ୟର ବ୍ରେନ୍ ଗେନ୍ ହେବାରେ ଲାଗିଛି। ଏହି କ୍ରମରେ ଦେଖିଲେ ବିଶ୍ୱ ଟେକ୍ନୋଲୋଜି କ୍ଷେତ୍ରରେ ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡାଲା, ଆଇବିଏମ୍ ସିଇଓ ଅରବିନ୍ଦ କ୍ରିଷ୍ଣା, ଆଡୋବ୍ ସିଇଓ ଶାନ୍ତନୁ ନାରାୟେନ୍ ଏବଂ ବହୁରାଷ୍ଟ୍ରୀୟ ସାଇବର ସିକ୍ୟୁରିଟି କମ୍ପାନୀ ପାଲୋ ଅଲ୍‌ଟୋ ନେଟ୍‌ୱର୍କସର ସିଇଓ ନିକେଶ ଅରୋରାଙ୍କ ପରେ ଟୁଇଟର ସିଇଓ ପରାଗ ଅଗ୍ରୱାଲ ସେହି କ୍ଲବରେ ସାମିଲ ହୋଇଛନ୍ତି। ସମ୍ଭବତଃ ନିଜ ଦେଶରେ ବ୍ରେନ୍ ଗେନ୍‌କୁ ଦେଖି ସ୍ପେସ୍‌ଏକ୍ସ ସିଇଓ ଏଲନ୍ ମସ୍କ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ପ୍ରତିଭାଙ୍କ ଦ୍ୱାରା ଆମେରିକା ଯଥେଷ୍ଟ ଲାଭବାନ୍ ହେଉଛି।

## କଲବଲ କଲା ଦରବୃଦ୍ଧି

ଆର୍ଥିକ ବର୍ଷ ଆରମ୍ଭରୁ ତୈଳ ବଜାରରେ ନିଆଁ ଲାଗିବାର ପ୍ରଭାବ ପରିବା ହାଟରୁ ପରିବହନ ସେବା ପର୍ଯ୍ୟନ୍ତ ପଡ଼ିଥିଲା। ସେହିଭଳି ଖାଇବା ତେଲ, ଡାଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ସୁନା ପର୍ଯ୍ୟନ୍ତ, ରନ୍ଧନ ଗ୍ୟାସ୍‌ଠାରୁ ଗାଡ଼ି ଯାଏ ସବୁଥିରେ ମୂଲ୍ୟ ବୃଦ୍ଧି ଖାଉଟିଙ୍କୁ କଲବଲ କରିଥିଲା। ଏସବୁଠାରୁ ବଳି ଯାଇଥିଲା ବର୍ଦ୍ଧିତ ଟିକସ। ଫଳରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ଲଗାତର ୬ ମାସ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଆଦାୟ କରିଥିଲେ।

## ବିକ୍ରି ହେଲେ ମହାରାଜା

ଋଣଗ୍ରସ୍ତ ଏୟାର ଇଣ୍ଡିଆ ଜାତୀୟକରଣ ହେବାର ୭ ଦଶନ୍ଧି ପରେ ତା'ର ପ୍ରତିଷ୍ଠାତା ଟାଟା ଗ୍ରୁପ୍ ହାତକୁ ଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୨ ମସିହାରେ ଟାଟା ଏୟାରଲାଇନ୍ସ ଦେଶର ପ୍ରଥମ ଏୟାର ଲାଇନ୍ସ ଭାବେ ଗଢ଼ି ଉଠିଥିବାବେଳେ ୧୯୫୩ରେ ଜାତୀୟକରଣ ହୋଇଥିଲା।






## ଇ-ବାଇକ୍‌ରେ ମେଲ୍

ବେଙ୍ଗାଲୁରୁର ୧୫ଜଣ ଡାକ କର୍ମଚାରୀ ପ୍ରଥମ ଥର ପାଇଁ ଇ-ବାଇକ୍ ବ୍ୟବହାର କରି ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି ମେଲ୍। ଡାକ ସପ୍ତାହ ଅବସରରେ ଅକ୍ଟୋବର ୧୪ରେ ସେମାନେ ଏଭଳି ଏକ ନୂଆ ଧରଣର ପଦକ୍ଷେପ ନେଇ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



## ହ୍ୱାଟ୍‌ସଆପ୍ ବିରୋଧରେ ଆଇନଯୁଦ୍ଧ

ହ୍ୱାଟ୍‌ସଆପ୍ ଭାରତରେ ତା'ର ବିବାଦୀୟ ପ୍ରଥମ ପ୍ରିଭେସି ନୀତି ଯୋଗୁ ଦିଲ୍ଲୀ ହାଇକୋର୍ଟରୁ ଆଇନଗତ ସମସ୍ୟାର ସମ୍ମୁଖୀନ ହୋଇଥିଲା। ପରେ ଏହା ତା'ର ବ୍ୟବହାରକାରୀଙ୍କୁ ସେହି ନୀତି ଗ୍ରହଣ କରିବାକୁ ବାଧ୍ୟ କରିବ ନାହିଁ ବୋଲି କହିଥିଲା।



## ମୁଦ୍ରାର ଡିଜିଟାଲ ରୂପ କ୍ରିପ୍ଟୋ

ସାରା ବିଶ୍ୱରେ କ୍ରିପ୍ଟୋକରେନ୍ସି ଉପରେ ଯେଉଁ ଚର୍ଚ୍ଚା ହେଉଛି ତା'ର ମାଲିକାନାକୁ ନେଇ ମଧ୍ୟ ସେହି ଅନୁସାରେ ବିବାଦ ସୃଷ୍ଟି ହୋଇଛି। ଏହି ଡିଜିଟାଲ ମୁଦ୍ରାର ଚାହିଦା ବଢୁଥିଲେ ମଧ୍ୟ ଏହାର ସପକ୍ଷ ଓ ବିପକ୍ଷରେ ବିଭିନ୍ନ ଦେଶ ସ୍ୱର ଉତ୍ତୋଳନ କରିଛନ୍ତି। ଆରବିଆଇ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜିଟାଲ ମୁଦ୍ରା ଆଣିବ ବୋଲି ସରକାରଙ୍କୁ ପ୍ରସ୍ତାବ ଦେଇଛି। ଆର୍‌ବିଆଇ ଅନୁରୋଧକୁ ରକ୍ଷା କରି କେନ୍ଦ୍ର ସରକାର କ୍ରିପ୍ଟୋକରେନ୍ସି ସଂକ୍ରାନ୍ତ ସ୍ୱତନ୍ତ୍ର ବିଲ୍ ସଂସଦରେ ପାରିତ କରିବାର ଯୋଜନା ଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀତକାଳୀନ ଅଧିବେଶନ ବନ୍ଦ ହୋଇଯିବାରୁ ଏହା ପ୍ରସ୍ତୁତିସ୍ତରରେ ରହିଯାଇଛି। ଏହାସତ୍ତ୍ୱେ ଭାରତୀୟମାନେ କ୍ରିପ୍ଟୋ ବଜାରରେ ୧୦ ବିଲିୟନ୍ ଡଲାର ନିବେଶ କରିଥିବା ଜଣାପଡ଼ିଛି। ତେବେ ୯ ନଭେମ୍ବରରେ ବିଶ୍ୱ କ୍ରିପ୍ଟୋ ବଜାର ପୁଞ୍ଜି ୩ ଟ୍ରିଲିୟନ ବା ୩ଲକ୍ଷ କୋଟି ଡଲାରରେ ପହଞ୍ଚିଥିଲା। ଅପରପକ୍ଷରେ ଏଲ୍ ସାଲ୍‌ଭାଡର ବିଶ୍ୱର ପ୍ରଥମ ଦେଶ ଭାବେ କ୍ରିପ୍ଟୋ (ବିଟ୍ କଏନ୍)କୁ ଆଇନଗତ ମାନ୍ୟତା ଦେଇଛି।




## ମେଟାଭର୍ସ

ଦୁନିଆର ସବୁଠୁ ବଡ଼ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଫେସ୍‌ବୁକ୍ ଅକ୍ଟୋବର ୧୯ରେ ପାଇଥିଲା ନୂଆ ପରିଚୟ। ସୋସିଆଲ ମିଡିଆ ବଦଳରେ ଫେସ୍‌ବୁକ୍‌କୁ 'ମେଟାଭର୍ସ'ରେ ପରିଣତ କରିଛନ୍ତି ଏହାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ। ସବୁକିଛି ଯୋଜନା ଅନୁଯାୟୀ ଚାଲିଲେ ଫେସ୍‌ବୁକ୍ ଆଗାମୀ ୫ ବର୍ଷ ମଧ୍ୟରେ 'ମେଟାଭର୍ସ'ରେ ପରିଣତ ହେବ ଏବଂ ଲୋକେ କଳ୍ପନା କରୁଥିବା ଦୁନିଆରେ ରହିବା ଭଳି ନିଆରା ଅନୁଭୂତି ଇଣ୍ଟରନେଟ ମାଧ୍ୟମରେ ନେଇଚାଲିବେ।




## ଆସୁଛି 'ୱେବ୍‌୩'

ପ୍ରଯୁକ୍ତି କ୍ଷେତ୍ରରେ 'ୱେବ୍‌୩' ଭଳି ଶବ୍ଦକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଇଣ୍ଟରନେଟ୍‌ର ପରବର୍ତ୍ତୀ ସଂସ୍କରଣ, ଯେଉଁଥିରେ ଲୋକେ ହେବେ ଇଣ୍ଟରନେଟ୍‌ର ମାଲିକ। ଫଳରେ କେହି କାହାକୁ ବ୍ଲକ୍ କରିପାରିବେ ନାହିଁ। ଏପରି କି ଗୁଗ୍‌ଲ, ଫେସବୁକ୍ ଭଳି ବୃହତ୍ କମ୍ପାନୀ ଅଧୀନରେ ରହିବନି ଇଣ୍ଟରନେଟ୍। ଏହା ଏଭଳି ଏକ ନେଟୱର୍କ ହେବ, ଯେଉଁଥିରେ କେହି କାହାକୁ ସେବାରୁ ବଞ୍ଚିତ କରିପାରିବେ ନାହିଁ।



## ଅର୍ଥନୀତିରେ ଚାଇନା ନଂ୧

ମାକେଞ୍ଜି ଆଣ୍ଡ୍ କମ୍ପାନୀର ଗବେଷଣା ଶାଖା ପକ୍ଷରୁ ନଭେମ୍ବର ୧୬ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବିଶ୍ୱର ସର୍ବାଧିକ ଧନୀ ରାଷ୍ଟ୍ର ଆମେରିକାକୁ ଚାଇନା ଅତିକ୍ରମ କରିଥିଲା। ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ସମ୍ପତ୍ତି ୩ ଗୁଣା ବୃଦ୍ଧି ପାଇଥିବାବେଳେ ଏହି ସମୟରେ ଚାଇନାର ଅର୍ଥନୀତି ୧୧୩ ଟ୍ରିଲିୟନ ଡଲାର ବଢ଼ି ରେକର୍ଡ କରିଛି। ୨୦୦୦ ମସିହାରେ ଚାଇନାର ସମ୍ପତ୍ତି ୭ ଟ୍ରିଲିୟନ ଡଲାର ଥିଲା ଓ ୨୦୨୦ରେ ଏହା ୧୨୦ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ହେଲେ ଉକ୍ତ ସମୟ ଭିତରେ ଆମେରିକାର ସମ୍ପତ୍ତି ଦୁଇ ଗୁଣ ବଢ଼ିଥିଲେ ମଧ୍ୟ ୯୦ ଟ୍ରିଲିୟନ ଡଲାରରେ ରହିଛି। ଏଥିରୁ ଜଣାପଡ଼ିଛି ଯେ ଚାଇନାର ସମ୍ପତ୍ତି ଦ୍ରୁତ ଗତିରେ ବଢ଼ିଥିବାବେଳେ ଆମେରିକା ଧିମେଇ ଯାଇଛି।


PIXMA
Quality. Promised.
Canon
Delighting You Always
୬ କଲର
ଯାହା ଦିଏ ଅତି ବଢ଼ିଆ
ପ୍ରିଣ୍ଟ୍ସ୍ ସବୁ ଥର
ପ୍ରସ୍ତୁତ କରାଯାଉଅଛି PIXMA ଫୋଟୋ ପ୍ରିଣ୍ଟର୍ ୬ ଟି କଲର ର ଇଙ୍କ୍ ଟ୍ୟାକ୍ ସହିତ
ChromaLife100 ପ୍ରିଣ୍ଟ୍ କରନ୍ତୁ ହାଇ କ୍ୱାଲିଟି ଫଟୋ ଯାହା ଚାଲେ 100 ବର୍ଷ ପର୍ଯ୍ୟନ୍ତ ।*
ଅଧିକ କ୍ଷମତା ଥିବା ଇଙ୍କ୍ ର ବୋତଲ
କମ୍ ମୂଲ୍ୟ ରେ 3800 ଫଟୋ** ପର୍ଯ୍ୟନ୍ତ ପ୍ରିଣ୍ଟ୍ କରେ
Wi-Fi, ମୋବାଇଲ୍ ପ୍ରିଣ୍ଟିଙ୍ଗ୍
ଯେ କୌଣସି ଜାଗାରେ କନେକ୍ଟ୍ ଏବଂ ପ୍ରିଣ୍ଟ୍ କରନ୍ତୁ
ରେଡ୍ ଏବଂ ଗ୍ରେ ଇଙ୍କ୍
ଉଜ୍ୱଳ ରଙ୍ଗ ଏବଂ ଚମକ୍‌ଦାର ଫଟୋ ପାଇଁ
ବ୍ୟାନର ପ୍ରିଣ୍ଟିଙ୍ଗ୍ 120cm ପର୍ଯ୍ୟନ୍ତ
ପ୍ରିଣ୍ଟିଙ୍ଗ୍ ର ବିଭିନ୍ନ ଆବଶ୍ୟକତା ପାଇଁ
ସହଜରେ ପରିବର୍ତ୍ତନ କରାଯାଇପାରୁଥିବା ମେଣ୍ଟେନାନ୍ସ୍ କାଟ୍ରିଜ୍ ଏବଂ ପ୍ରିଣ୍ଟ୍ ହେଡ୍
ରିପେୟାର୍ ସର୍ଭିସେସ୍ ଆବଶ୍ୟକତାକୁ କମ୍ କରେ
PIXMA G670
ପ୍ରିଣ୍ଟ୍, କପି, ସ୍କାନ୍
MRP: ₹24 800.00/U ସମସ୍ତ କର ସହିତ
PIXMA G570
ପ୍ରିଣ୍ଟ୍ କେବଳ
MRP: ₹19 490.00/U ସମସ୍ତ କର ସହିତ
Print Brilliance
Download catalogue
*With ChromaLife 100 inks, photos will resist colours fading for longer. Prints on PP-201 can last up to 100 years calculated based on JEITA CP-3901 under accelerated testing and assuming image is stored in a photo album at 23°C / 50% R.H. **Photo size 10.16 cm X 15.24 cm. Print yield is the estimate value based on Canon individual test method using ISO/IEC 29103 chart under ideal print conditions and continuous printing simulation with replacement after initial setup. Mentioned print yield is from the replacement set of 6 ink bottles (GY/C/M/Y/R/BK) and each bottle contains 60 ml of ink.
Scan to know more
Sambalpur: Orbit Communication -9861660379, Nexzen communication -9437055351

**ଆଜିର ମନ୍ତବ୍ୟ**
ଘୃଣା ଓ ବିଦ୍ୱେଷ ଦ୍ୱାରା ପ୍ରେରିତ ବିଭାଜନବାଦୀ ବିଚାରଧାରା ଭାରତର ମଜଭୁତ ମୂଳଦୁଆକୁ ଦୁର୍ବଳ କରିବା ଲାଗି ସବୁ ପ୍ରକାର ଉଦ୍ୟମ ଚଳାଇଛି।
– ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡୁଲି
ପରିବାରବର୍ଗ


ଦେବ୍‌ଜାନୀ
ପରିବାରବର୍ଗ


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୫୯ ଇନ୍ସପେକ୍ଟର ହେଲେ ଡିଏସ୍‌ପି

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୫୯ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ଭାବେ ପଦୋନ୍ନତି ଦିଆଯାଇଛି। ଏନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିକାରୀମାନେ ଦାୟିତ୍ୱ ନେବା ପରେ ଲେଭଲ-୧୨ ଅନୁଯାୟୀ ଦରମା ବୃଦ୍ଧି ହେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯେବଣ ମୁଖେ**
**ଚୋରି କରି ଯାଏ ଆଲୁଅ ପକ୍ଷେ**
**ନିର୍ଲଜ ପଣରେ ଖାଆନ୍ତି ମାଡ଼**
**କହେ ଦନାଇ ତାଙ୍କ ମୁହଁ ପୋଡ଼।**

ବେଖାତିର ଭାବେ ସ୍ଥାନ, କାଳ ଓ ପାତ୍ର ନ ଦେଖି କିଛିବ୍ୟକ୍ତି ନିଜ କାର୍ଯ୍ୟ କରିଥାନ୍ତି। ସମାଜରେ ଏହି ଧରଣର ବ୍ୟକ୍ତିଙ୍କୁ ତିରସ୍କାର ମିଳିବା ସହ ବେଳେବେଳେ ମାଡ଼ ଓ ଗାଳି ଖାଇବାକୁ ପଡିଥାଏ ।ଅତ୍ୟନ୍ତ ବେପରୁଆ ଭାବେ କାର୍ଯ୍ୟ କରୁଥିବା ଲଜ୍ୟାହୀନ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲବଙ୍ଗଲତା ଫୁଲ ଚହଟା**
**ଫୁଲ କୋଉଦିନ ଫୁଟିବ**
**ଅନାଇ ଅନାଇ ବଅସ ଗଲା**
**କାନ୍ତ କୋଉଦିନ ଆସିବ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘ ବର୍ଷ ଧରି ପ୍ରେମିକକୁ ପ୍ରତୀକ୍ଷା କରି ହତାଶ ହୋଇ ପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ୨୦୦୭ ପୂର୍ବରୁ ଜନ୍ମିତ ପିଲାଙ୍କୁ ମିଳିବ ଟିକା

■ ରାଜ୍ୟରେ ୨କୋଟି ଟପିଲା ଦ୍ୱିତୀୟ ଡୋଜ୍ ଟିକାକରଣ
■ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ, କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ରାଜ୍ୟରେ ଏବେ କିଶୋରଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। କିଶୋରଙ୍କୁ କେବଳ କୋଭାକ୍ସିନ ଟିକା ଦିଆଯିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିବା ପରେ ୧୫ରୁ ୧୮ ବର୍ଷ ବର୍ଗ ବୟସ ମଧ୍ୟରେ ଥିବା ଦ୍ୱନ୍ଦ୍ୱର ଅବସାନ ଘଟିଛି। ଏ ସମ୍ପର୍କରେ ମଙ୍ଗଳବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ୨୦୦୭ ମସିହା ଜାନୁଆରୀ ୧ ତାରିଖ ପୂର୍ବରୁ ଜନ୍ମିତ ପିଲାମାନେ ଏହି ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଟିକା ପାଇଁ ସେମାନେ ଅନଲାଇନ୍ କିମ୍ବା ଅନ୍‌ସାଇଟ ପଞ୍ଜୀକରଣ କରିପାରିବେ। ପରିସ୍ଥିତିକୁ ଦେଖି କିଶୋରଙ୍କ ଟିକାକରଣ ପାଇଁ ସ୍ଥାନ ବଢ଼ାଯିବ। ସୁବିଧା ହେଲେ ସେମାନଙ୍କ ଟିକା ଅଲଗା କରାଯିବ ନଚେତ୍ ଯେଉଁ ସ୍ଥାନରେ ବର୍ତ୍ତମାନ ଟିକାକରଣ ଚାଲିଛି ସେହିଠାରେ ଅଲଗା ଧାଡ଼ି କରି ଟିକା ଦିଆଯିବ। କିଶୋରଙ୍କ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ମଧ୍ୟରେ ୨୮ଦିନର ବ୍ୟବଧାନ ରହିବ। ଅପରପକ୍ଷେ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ବରିଷ୍ଠ ନାଗରିକମାନେ ଟିକା ନେବା ପାଇଁ ଆସିବେ। ଡାକ୍ତର ବୁଷ୍ଟର ଡୋଜ୍ ପାଇଁ କହିଲେ, ୯ ମାସ ବ୍ୟବଧାନରେ ଟିକା ନେଇପାରିବେ। ଏପ୍ରିଲ ସୁଦ୍ଧା ଦ୍ୱିତୀୟ ଡୋଜ୍ ନେଇଥିଲେ ଜାନୁଆରୀ ୧୦ରେ ତୃତୀୟ ଡୋଜ୍ ନେଇପାରିବେ। ତେବେ ତୃତୀୟ ଡୋଜ୍ କେଉଁମାନେ ନେଇପାରିବେ ତାହାର ତାଲିକା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ କରୁଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଚଳିତମାସ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୪ କୋଟି ୯୦ଲକ୍ଷ ୩୧ହଜାର ୪୫୨ ଡୋଜ୍ ଟିକା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୨କୋଟି ୮୯ଲକ୍ଷ ୯୬ହଜାର ୯୪୪ ପ୍ରଥମ ଡୋଜ୍ ଏବଂ ୨କୋଟି ୩୪ ହଜାର ୫୦୮ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ରାଜ୍ୟରେ ଦ୍ୱିତୀୟ ଡୋଜ୍ ଟିକାକରଣ ୨କୋଟି ପାର୍ କରିଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିବା ସହ ଆଗକୁ ମଧ୍ୟ ଟିକାକରଣ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

# classifieds Everyday

0674-2580101, 2549302




**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496. D-22558

**GROOM WANTED**

38 ବୟସ, ୫'୪''/ ଉଚ୍ଚତା, ସରକାରୀ Head Master, ଦରମା 48 ହଜାର, ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି)। ଯୋଗାଯୋଗ-7381009738. D-22682

Private Teacher ଭାବେ କାର୍ଯ୍ୟରତ ୪୬ ବୟସ୍କା ଛାଡ଼ପତ୍ରପ୍ରାପ୍ତ ବ୍ରାହ୍ମଣ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7326057574. D-22683




**SALE**

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71761

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ ସ୍ଥିତିବାନ୍ ଘରବାରି ପ୍ଲଟ୍ 20X71 ବିକ୍ରିହେବ। Rs.- 16,00000/-, 9437177131. D-69054

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

Demarcated ପ୍ଲଟ୍ KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity ସହିତ 30ft. road sqft.-730/-ରେ ମିଳୁଛି। 7008045582, 9692003948. D-22681

**Infocity-II ମଦନପୁର (1500sqft.) ପ୍ଲଟ୍‌କୁ 12,000,00/- ଟଙ୍କାରେ ବିକ୍ରିହେବ। ଯୋଗାଯୋଗ- 8093959827.** D- 22679

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759.** D-71758

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




**House on rent purpose for Office, Clinic, Educational institute, Godam, Shops available at Cooperative Colony, Berhampur. Mobile No.- 9348121441, 9439288171.** D-22666

Two Bedroom, Ground Floor near DAV School, Nilakantha Nagar, Unit-8, BBSR, One Bedroom Prachivihar, Palasuni, BBSR. Contact:9078706109. D-22674




One hour any therapy by expert therapist @800 only. 9078484455. D-71458

Full body massage in homely atmosphere all therapy. Contact: 8114881641. D-60893

Newly Open Saikrupa Panchakarma Spa positively health benefits with Expert. 8984068077. D-22620




ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

**AFFIDAVIT**

By virtue of an affidavit sworn before the Notary Public, Sambalpur, I Debaki Pradhan, W/o. Army No.4572770K, Rank-L HAV, Name-Bhabani Shankar Pradhan, C/o.56 APO Unit-12 MAHAR REGT, R/o. Vill./PO-A.Katapali, Burla, Dist. Sambalpur, Pin-768006 (Odisha) declare that I have changed my name from Deviki Pradhan to Debaki Pradhan for all purposes. D-22680

**LEGAL NOTICE**

ମୁଁ ରାଜୁ ଗୌଡ଼, ପି- କଇ ଗୌଡ଼, ଗ୍ରାମ- ରାମଗିରି, ପୋ-ଥାନା/ତହସିଲ- ଶେରଗଡ଼ ସୂଚିତ କରେ କି ରାମଗିରି ମୌଜା ଖାତା ନଂ.- ୭୨ ଜଣେ ପଟ୍ଟାଦାର। ମୋର ବଡ଼ବାପା ପୁଅ ଗୁରା ଗୌଡ଼ ମଧ୍ୟ ଜଣେ ପଟ୍ଟାଦାର। ଗୁରା ୬୦ବର୍ଷ ହେଲା କେଉଁଆଡେ ପଳେଇ ଯାଇଛନ୍ତି। ଜମି ଖାତା ନଂ.-୭୨ର ପ୍ଲଟ୍ ନଂ.- ୧୮୯୨କୁ ବିକ୍ରୟ କରିବି। ଏହି ସୂଚନା ଅନୁସାରେ ଗୁରା ତୁମେ ଯଦି ଅଛ ତେବେ ଆପତ୍ତି ତହସିଲ କାର୍ଯ୍ୟାଳୟରେ ଏକମାସ ମଧ୍ୟରେ ମତ ରଖିବାକୁ ନୋଟିସ୍ ଜାରି କରାଗଲା।
ରାଜୁ ଗୌଡ଼, ରାମଗିରି
ଧ-୨୨୬୭୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**
ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ

କଟକ ଅଫିସ,୨୮।୧୨

କଟକ ଗତିରାଉତପାଟଣାସ୍ଥିତ ଏକ ଚିକେନ୍ କାଉଣ୍ଟରରେ ଜଣେ ନାବାଳିକାଙ୍କୁ ୨୦ଦିନ ରଖି ଗଣବଳାତ୍କାର କରିବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କଟକସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ୨ଅଭିଯୁକ୍ତଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ରାୟରେ ଉଲ୍ଲେଖ ହୋଇଛି। ଏଭଳି ଏକ ସଙ୍ଗିନ ଅପରାଧରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୨୦ ସେପ୍ଟେମ୍ବରରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ବାଳିକା ନିଜ ଘରୁ ରାଗି ପ୍ରଫେସରପଡ଼ାସ୍ଥିତ ବଡ଼ଭଉଣୀ ଘରକୁ ପଳାଇଆସିଥିଲେ। ସେଠାରେ ଉଭୟ ଭଉଣୀ ଓ ଭିଣୋଇଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ନାବାଳିକା ଜଣକ ସେଠାରୁ ପୁଣି ନିଜ ଗାଁ ଅଭିମୁଖେ ବାହାରିଥିଲେ। ଓଏମ୍‌ପି ଛକରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଗତିରାଉତପାଟଣା ଅଞ୍ଚଳର ସନ୍ତୋଷ କୁମାର ବେହେରା ସେଠାରୁ ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଗତିରାଉତପାଟଣାସ୍ଥିତ ସାଙ୍ଗ ରାକେଶ ରାଉତଙ୍କ ଚିକେନ କାଉଣ୍ଟରକୁ ନେଇ ସେଠାରେ ରଖିଥିଲେ। ଏଥିସହ ନାବାଳିକାଙ୍କୁ ଉଭୟେ ସନ୍ତୋଷ ଏବଂ ରାକେଶ ବଳପୂର୍ବକ ୨୨ଦିନ ଧରି ବନ୍ଦ କୋଠରିରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ୨୦୨୦ ଅକ୍ଟୋବର ୧୨ତାରିଖରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଚାଉଳିଆଗଞ୍ଜ ଥାନାରେ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ନାରାୟଣ ଶୁକ୍ଳା ଅକ୍ଟୋବର ୧୩ରେ ଏକ ଏତଲା ଦେଇଥିଲେ। ଏତଲାକୁ ଆଧାରକରି ଅକ୍ଟୋବର ୧୫ରେ ଅଭିଯୁକ୍ତ ସନ୍ତୋଷ ଓ ରାକେଶଙ୍କୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସପନ କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

## ପୂର୍ବ ସ୍ୱାସ୍ଥ୍ୟ ସ୍ଥିତି...

ପ୍ରଥମ ପୃଷ୍ଠାରୁ...

କର୍ତ୍ତବ୍ୟ ତାଙ୍କ ବାସ୍ତବିକ ଜ୍ଞାନରେ ସୀମିତ ନୁହେଁ। ତାହା ସେହି ଭୌତିକ ତଥ୍ୟ ପର୍ଯ୍ୟନ୍ତ ବିସ୍ତାରିତ, ଯାହା କାର୍ଯ୍ୟର ସାଧାରଣ ପ୍ରକ୍ରିୟାରେ ସେ ଜାଣିବା ଉଚିତ। ପ୍ରକାଶ ଯେ, ମନମୋହନ ନନ୍ଦା ଓଭରସିଜ୍ ମେଡିକ୍ଲେମ୍ ବିଜ୍‌ନେସ୍ ଆଣ୍ଡ ହଲିଡେ ପଲିସି ନେଇଥିଲେ। କାରଣ ସେ ଆମେରିକା ଯିବାକୁ ଚାହୁଁଥିଲେ। ସାନ୍ ଫ୍ରାନ୍‌ସିସ୍କୋ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ହଠାତ୍ ହୃତ୍‌ଘାତ ହୋଇଥିଲା। ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରି ଏନ୍‌ଜିଓପ୍ଲାଷ୍ଟି କରାଯାଇଥିଲା। ହୃଦୟ ବାହିକାଗୁଡ଼ିକରେ ରୋଧ ଦୂର କରିବା ପାଇଁ ୩ ଷ୍ଟେଣ୍ଟ ମଧ୍ୟ ଲଗାଯାଇଥିଲା। ଏହା ପରେ ମନମୋହନ ସ୍ୱାସ୍ଥ୍ୟ ବୀମା କମ୍ପାନୀକୁ ଚିକିତ୍ସା ଖର୍ଚ୍ଚ ମାଗିଥିଲେ। ତେବେ ବୀମା କମ୍ପାନୀ କହିଥିଲା, ଅପିଲକର୍ତ୍ତା ପୂର୍ବରୁ ହାଇପରଲିପିଡିମିଆ ଓ ମଧୁମେହ ରୋଗରେ ଆକ୍ରାନ୍ତ ଥିଲେ। ସେ ଏ ସମ୍ପର୍କରେ ବୀମା ପଲିସି କିଣିବା ସମୟରେ ଜଣାଇ ନ ଥିଲେ। ଏନ୍‌ସିଡିଆର୍‌ସି କହିଥିଲେ, ଅଭିଯୋଗକାରୀ ଷ୍ଟେଟିନ ଔଷଧ ନେଉଥିଲେ। କିନ୍ତୁ ମେଡିକ୍ଲେମ୍ ପଲିସି କିଣିବା ସମୟରେ ଏନେଇ ସେ ଜଣାଇ ନ ଥିଲେ। ଏଭଳି ଭାବେ ସେ ନିଜ ସ୍ୱାସ୍ଥ୍ୟ ସ୍ଥିତିକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ପ୍ରଘଟ କରିବା ସମ୍ପର୍କିତ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଛନ୍ତି। ତେବେ ସୁପ୍ରିମକୋର୍ଟ ଏନ୍‌ସିଡିଆର୍‌ସିଙ୍କ ରାୟକୁ ଖାରଜ କରି କହିଛନ୍ତି, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୋରେନ୍ସ କମ୍ପାନୀ କ୍ଲେମ୍ ଖାରଜ କରିବା ଅବୈଧ। ଏହା ଆଇନର ଅନୁକୂଳ ନୁହେଁ। ମେଡିକ୍ଲେମ୍ ପଲିସି କିଣିବାର ଉଦ୍ଦେଶ୍ୟ ହେଉଛି ହଠାତ୍ ରୋଗାକ୍ରାନ୍ତ ହେଲେ ଚିକିତ୍ସା ନିମନ୍ତେ ହେଉଥିବା ଖର୍ଚ୍ଚ ଦାବି କରିବା, ଯାହା ବୀମା କମ୍ପାନୀଠାରୁ ଅପେକ୍ଷା କରାଯାଇଥାଏ। ଯଦି ଜଣେ ବୀମାଧାରକ ବୀମାରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇ ନ ଥିବା ଏକ ରୋଗରେ ହଠାତ୍ ଆକ୍ରାନ୍ତ ହୋଇଯାଆନ୍ତି ତେବେ ତାଙ୍କୁ କ୍ଷତିପୂରଣ ଦେବା ବୀମା କମ୍ପାନୀର କର୍ତ୍ତବ୍ୟ ହୋଇଯାଏ।

## ସ୍କୁଲ ଯିବେ...

ଯଦି କୌଣସି ପିଲା କିମ୍ବା ଶିକ୍ଷକ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବେ ସେମାନଙ୍କୁ ସ୍କୁଲକୁ ପ୍ରବେଶ ଅନୁମତି ମିଳିବ ନାହିଁ। ଏହାସହ ସେମାନଙ୍କୁ କୌଣସି କଣ୍ଟେନ୍‌ମେଣ୍ଟ ଜୋନକୁ ନ ଯିବା ଲାଗି ବାରଣ କରାଯାଇଛି। ଯଦି କୌଣସି ଜୋନ୍‌କୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି ତେବେ ସେହି ଅଞ୍ଚଳର ସ୍କୁଲକୁ ବନ୍ଦ କରିବା ଲାଗି ଜିଲାପାଳ ନିଷ୍ପତ୍ତି ନେବେ। ସ୍କୁଲରେ ହାତ ଧୋଇବା ଲାଗି ବ୍ୟବସ୍ଥା ରହିବ। ଯେଉଁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ପଠାଇବାକୁ ଠିକ୍ ଭାବିବେ କେବଳ ସେମାନେ ହିଁ ଆସିପାରିବେ। କ୍ଲାସ୍ ରୁମ୍ ଭିତରେ ପିଲାମାନେ ୬ ଫୁଟ୍ ଦୂରତା ରକ୍ଷା କରିବେ। ଷ୍ଟାଫ ରୁମ୍‌ରେ ମଧ୍ୟ ସମାନ ନିୟମ ଲାଗୁ ହେବ। ସ୍କୁଲରେ ଥିବାର ସମସ୍ତ ସମୟ ମାସ୍କ ପିନ୍ଧିବା ଜରୁରୀ କରାଯାଇଛି। ଅତି ବେଶିରେ ଗୋଟିଏ ଶ୍ରେଣୀଗୃହରେ ସର୍ବାଧିକ ୨୫ ଜଣ ପିଲା ବସିବେ। ପିଲାମାନେ ଯେପରି ସୁଷମ ଖାଦ୍ୟ ଘରୁ ଆଣି ଖାଇବେ ଏବଂ ତାହା ଆଉ କାହାକୁ ନ ବାଣ୍ଟନ୍ତି ତାହା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି। କୌଣସି ଦୋକାନୀ ସ୍କୁଲ ପରିସର କିମ୍ବା ସ୍କୁଲଠାରୁ ୧୦୦ ମିଟର ଭିତରେ ଖାଦ୍ୟ ବିକ୍ରି ଉପରେ ବାରଣ ଲାଗି ନିର୍ଦ୍ଦେଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରିୟ ବ୍ୟକ୍ତିଙ୍କର ନିକଟ ଭବିଷ୍ୟତରେ ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ କାମ ହାସଲ କରିବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ। ମନେ ମନେ ଭାବୁଥିବା କାମ ହାସଲ କରିବେ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ କୌଣସି ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ମଧ୍ୟ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକେନ୍ଦ୍ରିକ ହୋଇଯାଇପାରେ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ଲକ୍ଷ୍ୟ ହାସଲ ପାଇଁ ଅନ୍ୟମାନଙ୍କୁ ସହଜରେ ଆକର୍ଷିତ କରିପାରିବେ। ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖି ବାର କଥା କହିବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସଙ୍ଗକୁ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଆଜି ଅପରାହ୍ନରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ସିଂହ** ଆଜି କୌଣସି ଦୁଃଖଦ ଖବର ମନକୁ ସାମୟିକ ବିଚଳିତ କରିପାରେ। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ସତ କଥା କହିବାରୁ କେତେକ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଙ୍କୁଚିତ ମନେକରିବେ।

**କନ୍ୟା** କିଛି ନୂତନ କର୍ମାରମ୍ଭ ସକାଶେ ହଠାତ୍ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ କେବଳ କଥାରେ ହିଁ ତାହା ସୀମିତ ରହିବ।

**ତୁଳା** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିବାର ସମ୍ଭାବନା ରହିଛି। ସମସ୍ୟା ରହିଥିଲେ ମଧ୍ୟ ବାଣିଜ୍ୟ ଓ ବ୍ୟବସାୟରୁ ଲାଭବାନ ହେବେ। ଦୀର୍ଘଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନେ ପାଇ ଖୁସି ହେବେ। ଆର୍ଥିକ ସଙ୍କଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି।

**ବିଛା** ବନ୍ଧୁଙ୍କ ସମର୍ଥନ ନ ପାଇ କେତେକ କାମରେ ଦୂରେଇ ରହିବାକୁ ବାଧ ହେବେ । ଗାଡ଼ି, ମୋଟର, ଘର ମରାମତି ସକାଶେ ଯୋଜନା ପ୍ରଣୟନ କରିପାରନ୍ତି। ଟେନସନ୍ ଦୂରେଇଯିବ ଓ ଅଟକି ରହିଥିବା କାମ ଯଥାବିଧି ସମ୍ପନ୍ନ ହେବ। କଳା, ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ ଓ ସମସ୍ୟାକୁ ସୁଧାରି ନେବେ।

**ଧନୁ** ବିଭିନ୍ନ ପ୍ରକାରର କାମର ଚାପ ହେତୁ ମାନସିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବ୍ୟବସାୟ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ନତୁବା ମନସ୍ତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି।

**ମକର** ଅନୁକୂଳ ସମୟ ନ ଥିବା କାରଣରୁ ସବୁଠି ଅଶାନ୍ତିର ଝଲକ ଅନୁଭବ କରିବେ। ନିଜ ଲୋକଙ୍କୁ ଛାଡ଼ି ପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା ମଧ୍ୟ କରି ପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ମାନସିକ ଚାପଗ୍ରସ୍ତହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହି ପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡ଼ିପାରେ। ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ସକାଶେ ବନ୍ଧୁଙ୍କ ସହ ଆଲୋଚନା ଆରମ୍ଭ କରିପାରନ୍ତି।

**ମୀନ** ପରିବାରରେ ସମସ୍ୟା ସମାଧାନ, ପରିବହନରେ ଅର୍ଥଲାଭ, ନିର୍ମାଣରେ ଅଗ୍ରଗତି କରିବେ। ଜମିଜମା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପୂର୍ବରୁ କଳହ ଲାଗିଥିବା ସମ୍ପର୍କୀୟ ପ୍ରତି ସତର୍କ ରହନ୍ତୁ, ନତୁବା ଅଯଥା ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ ନାହିଁ।

## ବାଲେଶ୍ୱରରେ ଚାଷୀ...

ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସମରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୃତ ଚାଷୀଙ୍କ ପରିବାର ଲୋକେ କମର୍ଦ୍ଦା ରାଜସ୍ୱ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ନଭେମ୍ବର ୧୫ ତାରିଖରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମର ଲକ୍ଷ୍ମୀନାରାୟଣ ଜେନା ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଥିଲେ।

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। –ଶ୍ରୀମା

# ଅନାବଶ୍ୟକ ଏଏଫ୍ଏସ୍ପିଏ

ଡିସେମ୍ବର ୫ରେ ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିରେ ୧୪ ଜଣ ସାଧାରଣ ଲୋକଙ୍କ ପ୍ରାଣ ଯିବା ପରଠାରୁ ରାଜ୍ୟରେ ବିବାଦୀୟ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍ପିଏ) ପ୍ରତ୍ୟାହାର ନେଇ ଦାବି ଜୋରଦାର ହେଉଛି। ଏହି ଆଇନ ଦ୍ୱାରା ସେନାକୁ ପର୍ଯ୍ୟାପ୍ତ କ୍ଷମତା ଦିଆଯାଇଥିବାରୁ ମୁତୟନରତ କର୍ମଚାରୀ ତାହାର ଦୁରୁପଯୋଗ କରୁଛନ୍ତି। ତେଣୁ ଏହା ବିରୋଧରେ ରାଜଧାନୀ କୋହିମାଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖାଯାଉଛି। ଏଭଳି ସ୍ଥିତିକୁ ଦେଖି ନାଗାଲାଣ୍ଡରୁ ଏଏଫ୍ଏସ୍ପିଏ ପ୍ରତ୍ୟାହାର କରାଯାଇପାରିବ କି ନାହିଁ, ତାହା ଉପରେ ଅନୁଧ୍ୟାନ କରିବା ଲାଗି କେନ୍ଦ୍ର ସରକାର ଉଚ୍ଚସ୍ତରୀୟ କମିଟି ଗଠନ ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ନାଗା ପିପୁଲ୍ସ ଫ୍ରଣ୍ଟ ଲେଜିସ୍ଲେଟିଭ୍ ପାର୍ଟି ନେତା ଟି. ଆର୍. ଜିଲିଆଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ପରେ ଏପରି ପଦକ୍ଷେପ ନିଆଯାଇଛି। ଉକ୍ତ କମିଟିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ଏବଂ ରାଜ୍ୟ ପୋଲିସର ଅଧିକାରୀ ରହିବେ ବୋଲି ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇଛି। କମିଟିର ନେତୃତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଉତ୍ତର ପୂର୍ବାଞ୍ଚଳ ଦାୟିତ୍ୱରେ ଥିବା ଅତିରିକ୍ତ ସଚିବ ନେବେ। ଏଥିରେ ନାଗାଲାଣ୍ଡ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ସଦସ୍ୟ ରହିବା ସ୍ଥିର କରାଯାଇଛି। ବାସ୍ତବରେ ଦେଖିବାକୁ ଗଲେ ଏହା ଏକ ପ୍ରଶାସନିକ ଘେର ଭିତରେ ରହିଯାଇଛି। କୌଣସି ଅଫିସର ସରକାରଙ୍କ ନୀତିକୁ ବିରୋଧ କରି ଜନସାଧାରଣଙ୍କ ହିତ ପାଇଁ ମତ ରଖିବେ ବୋଲି ବିଶ୍ୱାସ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ହେବ। ଏହି ଆଇନ ଅଧୀନରେ ଆସୁଥିବା ସେନା ଯେହେତୁ ସୀମାନ୍ତ ଏବଂ ଅଶାନ୍ତ ଅଞ୍ଚଳରେ ମୁତୟନ ହେଉଛନ୍ତି, ସେଥିରେ ରାଜନୈତିକ, ପ୍ରଶାସନିକ, ସାମାଜିକ ଓ ବୌଦ୍ଧିକ ସ୍ତରର ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବା ଦରକାର। କାରଣ ସେନା ଅନାବଶ୍ୟକ ସ୍ଥଳେ ସାଧାରଣ ଲୋକଙ୍କୁ ଅତ୍ୟାଚାର କରିବା ଏପରିକି ହତ୍ୟା କରିବା ପର୍ଯ୍ୟନ୍ତ ଚାଲିଯାଉଛି। ଏପରିସ୍ଥଳେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସାମିଲ କରାଗଲେ ସେମାନଙ୍କ ମତ ଗୁରୁତ୍ୱ ରଖିବ। ସେନା ଅତ୍ୟାଚାରର କାରଣ ବୁଝିବା କଷ୍ଟକର ନୁହେଁ। ଭାରତୀୟ ସେନା ଏବଂ ଅର୍ଦ୍ଧ ସାମରିକ ବାହିନୀରେ ଯୋଗ ଦେଉଥିବା ଯବାନମାନେ ଅତ୍ୟନ୍ତ ଗାଉଁଲି ଏବଂ ଅଶିକ୍ଷିତ ପରିବାରରୁ ସାଧାରଣତଃ ଆସିଥାଆନ୍ତି। ସେମାନଙ୍କୁ ନିଜ ଦେଶବାସୀଙ୍କ ସହ କେଉଁଭଳି ବ୍ୟବହାର କରାଯିବା ଦରକାର ସେ ସମ୍ପର୍କରେ କୌଣସି ପ୍ରଶିକ୍ଷଣ ଦିଆଯାଏ ନାହିଁ। ହାତରେ ବନ୍ଧୁକ, ମନରେ ପ୍ରବଳ ଭୟ ଏବଂ ଅସୀମିତ କ୍ଷମତାଧାରୀ ଭାବେ ଏହି ଯବାନ ସମସ୍ତଙ୍କୁ ଶତ୍ରୁ ଭାବେ ଦେଖିବା ସ୍ୱାଭାବିକ। ଏହା ବ୍ୟତୀତ ସେନାର ଉଚ୍ଚକର୍ତ୍ତୃପକ୍ଷ ମଧ୍ୟ ଯବାନଙ୍କର ମାନସିକ ସ୍ଥିତି ସମ୍ପର୍କରେ କୌଣସି ଅଧ୍ୟୟନ କରନ୍ତି ନାହିଁ। ଏହା ଯୋଗୁ ସୀମାନ୍ତ ଅଞ୍ଚଳ ହେଉ କିମ୍ବା ଦେଶ ଭିତରେ ଭାରତର ଯବାନ ସବୁବେଳେ ଚାପଗ୍ରସ୍ତ ହୋଇ ରହିଥାଏ, ଯାହା ଫଳରେ ମାନସିକ ଉତ୍ତେଜନାର ଶିକାର ମଧ୍ୟ ହୋଇଥାଏ। ଏହି ଯବାନମାନେ ଯେଉଁ ଜାଗାରେ ମୁତୟନ ହୁଅନ୍ତି ସେଠାକାର ସାଧାରଣ ଲୋକଙ୍କ ସହ ତାଙ୍କର ସମ୍ପର୍କ ସନ୍ଦେହ ଘେର ଭିତରେ ସୀମିତ ରହିଯାଏ। ଯେଉଁଥିପାଇଁ କଶ୍ମୀରରୁ ନାଗାଲାଣ୍ଡ ପର୍ଯ୍ୟନ୍ତ ମୁତୟନ ହୋଇଥିବା ଭାରତର ବନ୍ଧୁକଧାରୀ ଯବାନ ଦୀର୍ଘକାଳ ଧରି କୌଣସି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସେହି ସବୁ ସ୍ଥାନରେ ଉତ୍ତେଜନା ଏବଂ ଅଶାନ୍ତି ବୃଦ୍ଧି କରାଇବାରେ ସହାୟକ ହେଉଛନ୍ତି।

ଭାରତବର୍ଷର ପୋଲିସବାହିନୀ ଆଜି ପର୍ଯ୍ୟନ୍ତ ସେହି ପୁରୁଣା ଉପନିବେଶବାଦ ମାନସିକତାକୁ ବଞ୍ଚାଇରଖି ଲୋକଙ୍କ ସହିତ ବ୍ୟବହାର କରୁଛି। ନିର୍ଯାତିତ ବ୍ୟକ୍ତିଠାରୁ ଶୋଷଣ କରିବାରେ ଭାରତର ପୋଲିସ ସର୍ବାଗ୍ରେ ରହିଥାଏ। ସେଭଳି ପରିସ୍ଥିତିରେ ଯଦି ସୀମା ଜଗିବା ପାଇଁ ଉଦ୍ଦିଷ୍ଟ ଅର୍ଦ୍ଧ ସାମରିକ ଏବଂ ସାମରିକ ବାହିନୀକୁ ଜନସାଧାରଣଙ୍କ ମଝିରେ ଛାଡ଼ିଦିଆଯାଏ ତେବେ ସେମାନେ ନିର୍ଦ୍ଦୟ ଏବଂ କଠୋର ହେଲେ କେହି ଆଶ୍ଚର୍ଯ୍ୟ ହେବା କଥା ନୁହେଁ। ଉଦାହରଣ ସ୍ୱରୂପ ଓଡ଼ିଶାର ଅନେକ ଜିଲାରେ ମୁତୟନ ହୋଇଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ବା ସୀମା ସୁରକ୍ଷା ବଳର କାର୍ଯ୍ୟକଳାପକୁ ଦେଖାଯାଇପାରେ। ଗଣମାଧ୍ୟମରେ ଏହି ଅର୍ଦ୍ଧସାମରିକ ବାହିନୀର ଅତ୍ୟାଚାର ସମ୍ପର୍କରେ ବିଶେଷ ଖବର ପ୍ରକାଶ କରାଯାଏ ନାହିଁ। କାରଣ ତାହା ଯଦି କେହି କରେ ତେବେ ପ୍ରଶାସନ ତରଫରୁ ସେହି ଖବରଦାତାଙ୍କୁ ମାଓବାଦୀ ସମର୍ଥକ ଆଖ୍ୟା ଦିଆଯାଇ ଅନେକ ପ୍ରକାର ହଇରାଣ କରାଯାଏ। ଅନ୍ୟପଟେ କେହି ଜଣେ ମଧ୍ୟ ପ୍ରଶ୍ନ କରେ ନାହିଁ କାହିଁକି ଓଡ଼ିଶାରେ ସୀମା ସୁରକ୍ଷା ବଳ ମୁତୟନ କରାଯାଇଛି। ଏଠାରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଏହି ବିଏସ୍ଏଫ୍ ମୁତୟନ ପାଇଁ ଯେତେ ଖର୍ଚ୍ଚ ହେଉଛି ତାହା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ରାଜକୋଷରୁ କରାଯାଉଛି। ଅର୍ଥାତ୍ ସାଧାରଣ ଓଡ଼ିଆ ଟିକସ ଦେଇ ଏହି ବାହିନୀକୁ ପୋଷଣ କରୁଛି।

ଉଲ୍ଲେଖଯୋଗ୍ୟ ଯେ, ଭାରତର ଅଶାନ୍ତ ଅଞ୍ଚଳରେ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ, ୧୯୫୮ ବଳରେ ସେନାକୁ ମୁତୟନ କରାଯାଇଛି। ଏହି ଆଇନ ଜରିଆରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ଗୁଳି କରିବା, ବିନା ୱାରେଣ୍ଟରେ ଲୋକଙ୍କୁ ଗିରଫ କରିବା ଏବଂ କୌଣସି ୱାରେଣ୍ଟ ନ ଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଓ ପରିସରରେ ପ୍ରବେଶ କରି ଖୋଜାଖୋଜି କରିବାର ଅଧିକାର ସେନା କର୍ମଚାରୀଙ୍କୁ ଦିଆଯାଇଛି। ଯେହେତୁ ସୀମାନ୍ତ ଅଞ୍ଚଳଗୁଡ଼ିକରେ ଅନୁପ୍ରବେଶ ଓ ଆଭ୍ୟନ୍ତରୀଣ ବିଶୃଙ୍ଖଳାର ଭୟ ରହୁଛି, ସେହି ଦୃଷ୍ଟିରୁ ଏଏଫ୍ଏସ୍ପିଏ ଭଳି ସ୍ୱତନ୍ତ୍ର ଆଇନର କିଛି ମାତ୍ରାରେ ଆବଶ୍ୟକତା ରହିଛି। କିନ୍ତୁ ସେନା ଅଧିକାରୀ ଓ କର୍ମଚାରୀମାନେ ମୁତୟନ ହୋଇଥିବା ଅଞ୍ଚଳର ସ୍ଥିତିକୁ ଦେଖି ଅନେକ କିଛି ଜାଣିପାରିବା କଥା। ଯେହେତୁ ତାହା କରାଯାଉ ନାହିଁ ସେଥିପାଇଁ ଭାରତୀୟ ନାଗରିକଙ୍କୁ ନିର୍ଯାତନା ଦେବା ପରିବର୍ତ୍ତେ ଏହି ଏଏଫ୍ଏସ୍ପିଏ ଆଇନକୁ ପ୍ରତ୍ୟାହାର କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 8 | 1 | 2 | |
| | | 7 | | | | | 3 | |
| | | | 3 | 6 | | | 9 | |
| 9 | 4 | | 7 | | | | | 3 |
| | 1 | 3 | 2 | | | | | |
| | | | 8 | | | | | |
| | | 6 | | | | | | |
| | 7 | | | 9 | | | | 5 |
| | | 1 | | | | 4 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 8 | 4 | 5 | 9 | 6 | 3 |
| 8 | 3 | 6 | 7 | 9 | 2 | 1 | 5 | 4 |
| 4 | 5 | 9 | 3 | 1 | 6 | 7 | 2 | 8 |
| 1 | 4 | 7 | 6 | 3 | 9 | 2 | 8 | 5 |
| 9 | 2 | 3 | 5 | 8 | 4 | 6 | 7 | 1 |
| 5 | 6 | 8 | 2 | 7 | 1 | 3 | 4 | 9 |
| 3 | 7 | 4 | 1 | 2 | 8 | 5 | 9 | 6 |
| 2 | 8 | 5 | 9 | 6 | 3 | 4 | 1 | 7 |
| 6 | 9 | 1 | 4 | 5 | 7 | 8 | 3 | 2 |

ଗତକାଲିର ଉତ୍ତର

# ଅସମାନତାର ବାରୁଦଗଦାରେ ଭାରତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟରେ ଭାରତ ସମେତ ବିଶ୍ୱରେ ଆର୍ଥିକ ଅସମାନତାର ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଆର୍ଥିକ ଅସମାନତାର ବ୍ୟବଧାନ ଯେଉଁ ପରିମାଣରେ ଗଭୀର ହୋଇଛି, ସେପରି ବିଂଶ ଶତାବ୍ଦୀର ଆରମ୍ଭରେ ବି ନ ଥିଲା। ସମାଜରେ ଗରିବ ଅଧିକ ଗରିବ ହେଉଥିବା ବେଳେ ଧନୀମାନଙ୍କ ସମ୍ପତ୍ତିରେ ସୀମାହୀନ ବୃଦ୍ଧି ଦେଖିବାକୁ ମିଳିଛି। ବିଶ୍ୱର ୧୦% ଅଧିକ ଧନୀଙ୍କ ପାଖରେ ମୋଟ ସମ୍ପତ୍ତିର ତିନି ଚତୁର୍ଥାଂଶ ବା ୭୬% ରହିଥିବା ବେଳେ ଅଧାରୁ ଅଧିକ ବିଶ୍ୱବାସୀ ମାତ୍ର ୨%ରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି।

ବିଶ୍ୱରେ ଅସମାନତାର ଭୟାନକ ସ୍ଥିତି ପରିପ୍ରେକ୍ଷୀରେ ଆମ ଦେଶର ସ୍ଥିତିକୁ ବି ଚର୍ଚ୍ଚା କରିବା ଜରୁରୀ। ପ୍ୟାରିସ୍ସ୍ଥିତ 'ୱାର୍ଲ୍ଡ ଇନଇକ୍ୱାଲିଟି ଲେବ୍' ନାମକ ସଂସ୍ଥା ଦ୍ୱାରା ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟରେ ଭାରତକୁ ଏକ ଅତ୍ୟନ୍ତ ଅସମାନତାପୂର୍ଣ୍ଣ ଦେଶ ବୋଲି ଘୋଷଣା କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ବିଶ୍ୱର ଯେଉଁ ଦେଶମାନଙ୍କରେ ସବୁଠାରୁ ବେଶି ଅସମାନତା ରହିଛି, ତା'ମଧ୍ୟରେ ଭାରତ ରହିଛି। ସେଥିରେ କୁହାଯାଇଛି ଯେ ଭାରତ ଚରମ ଦାରିଦ୍ର୍ୟ ଓ ଅସମାନତାରେ ବୁଡ଼ି ରହିଛି। ଆୟ ତୁଳନାରେ ସମ୍ପତ୍ତିର ମାପକାଠିରେ ଏହି ଅସମାନତା ଆହୁରି ବେଶି। ଦେଶର ଶୀର୍ଷସ୍ତର ୧୦% ଧନୀ ଲୋକଙ୍କ ହାତରେ ମୋଟ ଜାତୀୟ ସମ୍ପତ୍ତିର ୬୫% ରହିଥିବା ବେଳେ ପ୍ରାୟ ଅର୍ଦ୍ଧେକ ମଣିଷଙ୍କ ହାତରେ ସମ୍ପତ୍ତି ବୋଲି କିଛି ନାହିଁ। କିଛିଦିନ ପୂର୍ବରୁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ମଧ୍ୟ ଭାରତର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ରହିଥିବା ଦେଖିବାକୁ ମିଳିଥିଲା। ବିଶ୍ୱର ସବୁଠାରୁ କ୍ଷୁଧାଗ୍ରସ୍ତ ୧୦୭ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୪ ରହିଥିଲା ; ଯାହା ଫଳରେ ଦେଶର ୧୪% ମଣିଷ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ପର୍ଯ୍ୟାପ୍ତ ପୁଷ୍ଟିର ଅଭାବରେ ୩୭% ଶିଶୁଙ୍କ ଶାରୀରିକ ବିକାଶ ବାଧିତ ହେଉଛି। ନିକଟରେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଦ୍ୱାରା ଜାରି ଗରିବୀ ସୂଚକାଙ୍କରେ ମଧ୍ୟ ଦେଶର ପ୍ରତି ଚାରି ଜଣରେ ଜଣେ ବ୍ୟକ୍ତି ବହୁ କୋଣୀୟ ଭାବେ ଗରିବ ବୋଲି କୁହାଯାଇଛି।

ଦି ୱାର୍ଲ୍ଡ ମ୍ୟାପ୍ ଅଫ୍ ଇନ୍ଇକ୍ୱାଲିଟି ଅନୁଯାୟୀ କୌଣସି ଦେଶର ନାଗରିକମାନଙ୍କ ହାରାହାରି ଆୟ ଦେଖି ସେଠାକାର ଆୟ ଅସମାନତାର ଚିତ୍ରକୁ ବୁଝିହେବନି। ଉଦାହରଣ ସ୍ୱରୂପ ଆମେରିକାରେ ନାଗରିକମାନଙ୍କ ହାରାହାରି ମୁଣ୍ଡପିଛା ଆୟ ଅଧିକ ହେଲେ ବି ସେଠାରେ ଅସମାନତା ଅତ୍ୟଧିକ। ଅନ୍ୟପକ୍ଷରେ ସ୍ୱାଡେନରେ ଏହି ଅସମାନତା ଅନେକ ପରିମାଣରେ କମ୍। ଗରିବ ଦେଶମାନଙ୍କ ମଧ୍ୟରେ ଭାରତରେ ଅସମାନତା ଅତ୍ୟଧିକ ରହିଛି। ଦାରିଦ୍ର୍ୟ ଓ ଅସମାନତା ଉଭୟ ଭୟଙ୍କର ରୂପ ଧାରଣ କରିଛନ୍ତି। ଦେଶର ୧% ଧନ କୁବେରଙ୍କ ହାତରେ ଦେଶର ମୋଟ ଜାତୀୟ ଆୟର ଏକ ପଞ୍ଚମାଂଶ (୨୨%) ଜମା ହୋଇଥିବା ବେଳେ ଶୀର୍ଷ ୧୦% ଲୋକ ଦେଶର ମୋଟ ୫୭% ଆୟର ଅଧିକାରୀ ଥିବା ଜଣାପଡ଼ିଛି। ଅନ୍ୟପଟେ ଦେଶର ଅର୍ଦ୍ଧେକ ବ୍ୟକ୍ତିଙ୍କ ମୋଟ ଆୟ ଦେଶର ମୋଟ ଜାତୀୟ ଆୟର ମାତ୍ର ୧୩.୧% ରହିଥିବା ଜଣାପଡ଼ିଛି।

ଆମ ଦେଶରେ ଲିଙ୍ଗଗତ ଅସମାନତା ମଧ୍ୟ ଯଥେଷ୍ଟ ବେଶି। ବିଶ୍ୱସ୍ତରରେ ଶ୍ରମ ବଜାରରେ ମହିଳାଙ୍କ ଭାଗିଦାରି କ୍ଷେତ୍ରରେ ଭାରତର ସ୍ଥିତି ନିରାଶାଜନକ। ଚାଇନାକୁ ବାଦ ଦେଲେ ବାକି ଏସିଆରେ ମହିଳା ଶ୍ରମିକମାନଙ୍କ ଆୟ ପୁରୁଷଙ୍କ ଆୟ ତୁଳନାରେ ୨୧% ରହିଥିବା ବେଳେ ଭାରତରେ ତାହା ମାତ୍ର ୧୮% । ୨୦୧୧-୧୯ ମଧ୍ୟରେ ଗ୍ରାମୀଣ କ୍ଷେତ୍ରରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ଭାଗିଦାରି ୩୫.୮% ରୁ ୨୬.୪%କୁ ହ୍ରାସ ପାଇଛି। ମହିଳାଙ୍କୁ ମିଳୁଥିବା ମଜୁରି ସାଧାରଣତଃ ପୁରୁଷଙ୍କ ତୁଳନାରେ କମ୍ ହୋଇଥାଏ। ଦେଶର ଶ୍ରମ ବଜାରରେ ଲିଙ୍ଗଗତ ଭେଦଭାବ ଏତେ ବ୍ୟାପକ ଯେ ଆଜି ମଧ୍ୟ ଅନେକ କ୍ଷେତ୍ର ଓ କାମ କେବଳ ପୁରୁଷଙ୍କ ପାଇଁ ହିଁ ସଂରକ୍ଷିତ ରହିଛି। ତମାମ ଆଇନଗତ ବ୍ୟବସ୍ଥା ଓ ସାମାଜିକ ସଚେତନତା ସତ୍ତ୍ୱେ ସମ୍ପତ୍ତି ଓ ଜମିର ଅଧିକାରରୁ ମହିଳାମାନେ ବଞ୍ଚିତ ହେବା ଦେଖାଯାଉଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇଲେ ମହିଳାମାନେ ଆମର ମଜୁରି ମିଳୁଥିବା ଶ୍ରମଶକ୍ତିର ମାତ୍ର ୧୮% ରହିଛନ୍ତି।

ଗତବର୍ଷ ତୁଳନାରେ ଚଳିତବର୍ଷ ଦେଶରେ ବେରୋଜଗାରୀଙ୍କ ସଂଖ୍ୟାରେ ବୃଦ୍ଧି ପାଇଛି। କରୋନା ଓ ଲକ୍ଡାଉନ୍ ଯୋଗୁ ଦେଶର ପ୍ରତି ପାଞ୍ଚ ଜଣରେ ଜଣେ ବ୍ୟକ୍ତି ରୋଜଗାର ହରାଇଛନ୍ତି। କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି ଯେ ୧୮ରୁ ୨୯ ବର୍ଷ ମଧ୍ୟରେ ରୋଜଗାର ହରାଇବା ସଂଖ୍ୟା ସବୁଠାରୁ ବେଶି। ୨୦୨୧ର ପ୍ରଥମ ତିନି ମାସ ମଧ୍ୟରେ ୨୨.୯% ବ୍ୟକ୍ତି ରୋଜଗାର ହରାଇଥିବା ବେଳେ ୨୦୨୦ରେ ତାହା ୨୧.୧% ରହିଥିଲା। ୨୦୧୯ ଶେଷ ତ୍ରୈମାସିକୀରେ ସହରାଞ୍ଚଳରେ ମହିଳା ବେରୋଜଗାରଙ୍କ ହାର ୨୫% ଥିବା ବେଳେ ଗତବର୍ଷ ତାହା ୩୦%କୁ ବୃଦ୍ଧି ପାଇଥିଲା।

କରୋନା କାଳରେ ଦୁଇ କୋଟି ଲୋକ ଚାକିରି ହରାଇଥିବା ବେଳେ ୧୨ କୋଟି ଶ୍ରମିକ ରୋଜଗାର ହରାଇଛନ୍ତି। ଦେଶର ୪୦ କୋଟି ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଛନ୍ତି। ହେଲେ କରୋନାର ଏହି ଅବଧିରେ ଦେଶର ପ୍ରମୁଖ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୨ ଲକ୍ଷ କୋଟି ବୃଦ୍ଧି ପାଇଥିବା ବେଳେ ଗୌତମ ଆଦାନୀ, ଅଜୀମ ପ୍ରେମଜୀ, ପୁନାୱାଲା ଆଦି ଶିଳ୍ପପତିଙ୍କ ସମ୍ପତ୍ତିରେ ୩୦ ରୁ ୭୦ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ପୁଞ୍ଜିପତି ବିପୁଳ ସମ୍ପତ୍ତି କମାଇବା ପଛରେ ରହିଛି ସରକାରଙ୍କ ଅସମାନତା ବୃଦ୍ଧିକାରୀ ଆର୍ଥିକ ନୀତି ।

ରିପୋର୍ଟରେ ବିଶ୍ୱରେ ବର୍ଦ୍ଧିତ ଅସମାନତା ପାଇଁ ନବଉଦାର ଆର୍ଥିକ ନୀତିକୁ ହିଁ ଦାୟୀ କରାଯାଇଛି। ଅର୍ଥନୀତିଜ୍ଞମାନଙ୍କ ମତରେ ୮୦ ଦଶକରୁ ହିଁ ସାରା ବିଶ୍ୱରେ ଆର୍ଥିକ ଅସମାନତା ବୃଦ୍ଧି ପାଇ ଚାଲିଛି। ଯଦିଓ ପ୍ରାୟତଃ ସବୁଦେଶ ଆର୍ଥିକ ଅସମାନତା ବୃଦ୍ଧି ପାଇଁ ଦାୟୀ ନବ ଉଦାର ଅର୍ଥନୀତିକୁ ଆପଣେଇଛନ୍ତି, କିନ୍ତୁ ସବୁଠାରେ ଅସମାନତା ଏକା ଭାବେ ବୃଦ୍ଧି ପାଇନି। ଆମେରିକା, ରୁଷିଆ, ଭାରତ ପରି ଦେଶଗୁଡ଼ିକରେ ଅସମାନତା ଦ୍ରୁତ ହାରରେ ବୃଦ୍ଧି ପାଇଥିବା ବେଳେ ପୂର୍ବ ୟୁରୋପ ଦେଶଗୁଡ଼ିକରେ ଏହି ହାର ମନ୍ଥର । ଆମେରିକାର ନବେ ପ୍ରତିଶତ ଜନତାଙ୍କ ଆୟରେ ଗତ ୪୦ ବର୍ଷ ମଧ୍ୟରେ ବୃଦ୍ଧି ଘଟି ନ ଥିବା ଜଣାପଡ଼ିଛି। ସେଠାକାର ୧% ଧନୀଙ୍କର ସମ୍ପତ୍ତିରେ ଗତବର୍ଷ ୨୧୩% ବୃଦ୍ଧି ପାଇଥିବା ଜଣାପଡ଼ିଛି।

ଦେଶ ସ୍ୱାଧୀନ ହେବା ସମୟରେ ଦେଶର ୧% ଧନୀ ଲୋକଙ୍କ ପାଖରେ ୨୦% ସମ୍ପତ୍ତି ଥିବା ବେଳେ ତାହା ବୃଦ୍ଧି ପାଇଁ ଆଜି ବିପଜ୍ଜନକ ସ୍ତରରେ ପହଞ୍ଚିଛି। ୧୯୮୦ ଦଶକରୁ ଏହି ବିଷମତା ବୃଦ୍ଧି ପାଇବା ସହିତ ୧୯୯୧ରେ ଦେଶରେ ଆର୍ଥିକ ଉଦାରୀକରଣ ନୀତି ଲାଗୁ ହେବା ପରେ ଏହା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ନବ ଉଦାର ଆର୍ଥିକ ନୀତି ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ଆର୍ଥିକ ବୈଷମ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ଭାବେ ଦେଖାଦେଇଛି। ୧୯୯୧ରେ ଭାରତରେ ନବ ଉଦାର ଅର୍ଥନୀତିକୁ ଲାଗୁ କରିବାର ପରିଣତି ସ୍ୱରୂପ ଉଭୟ ଆୟ ଏବଂ ସମ୍ପତ୍ତିର ଅସମାନତା ବୃଦ୍ଧି ପାଇଛି। ସେତେବେଳେ ଦେଶର ଶୀର୍ଷ ୧୦% ଧନୀଲୋକଙ୍କ ହାତରେ ୫୧% ସମ୍ପତ୍ତି ରହିଥିବା ବେଳେ ତଳର ୫୦% ଲୋକଙ୍କ ହାତରେ ମାତ୍ର ୯% ସମ୍ପତ୍ତି ରହିଥିଲା। ଅଥଚ ୨୦୨୧ରେ ଉପରୋକ୍ତ ୧୦% ଲୋକଙ୍କ ହାତରେ ସମ୍ପତ୍ତିର ପରିମାଣ ୬୫%କୁ ବୃଦ୍ଧି ପାଇଥିବା ବେଳେ ୫୦% ଗରିବଙ୍କ ହାତରେ ସମ୍ପତ୍ତି ୬%କୁ ହ୍ରାସ ପାଇଛି। ସେହିପରି ୧୯୯୧ରେ ଶୀର୍ଷସ୍ଥ ୧୦% ଲୋକେ ମୋଟ ଜାତୀୟ ଆୟର ୩୫%ର ଅଧିକାରୀ ହୋଇଥିବା ବେଳେ ତଳର ୫୦% ଗରିବଙ୍କ ହାତରେ ୨୦% ଜାତୀୟ ଆୟ ରହିଥିଲା। ଅଥଚ ୨୦୨୧ରେ ଉପରୋକ୍ତ ୧୦% ଧନୀ ଲୋକଙ୍କ ଆୟ ଜାତୀୟ ଆୟର ୫୭%ରେ ପହଞ୍ଚିଥିବା ବେଳେ ସର୍ବାଧିକ ଗରିବ ୫୦% ଲୋକଙ୍କ ଆୟ ଜାତୀୟ ଆୟର ୧୩%କୁ ହ୍ରାସ ପାଇଛି। ବର୍ତ୍ତମାନ ଏଭଳି ଅସ୍ୱାଭାବିକ ବୃଦ୍ଧି ପାଇବା ଆମର ଆର୍ଥିକ ନୀତିର ବିଫଳତାକୁ ହିଁ ଦର୍ଶାଉଛି।

ଦେଶରେ ଧନୀ ଓ ଗରିବଙ୍କ ଆୟ ଓ ସମ୍ପତ୍ତିରେ ଏଭଳି ଦ୍ରୁତ ବୈଷମ୍ୟ ପଛରେ ସାଧାରଣତଃ ପାଞ୍ଚୋଟି କାରଣକୁ ଚିହ୍ନିତ କରାଯାଇପାରେ। ପ୍ରଥମତଃ ଦେଶରେ ସମ୍ବଳର ଅସମାନ ବଣ୍ଟନ ବା ମାଲିକାନା। ଜମି, ଜଙ୍ଗଲ ପରି ଉତ୍ପାଦନର ଉପକରଣ ବା ସମ୍ପତ୍ତି ଉପରେ ଲୋକଙ୍କ ଅଧିକାର ଦେବାକୁ ଅତୀତରେ ଭୂସଂସ୍କାର ଆଇନ ଓ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ଏସବୁ ଆଇନ ଲୋକଙ୍କୁ ସେସବୁ ସମ୍ବଳ ଉପରେ ମାଲିକାନା ଦେବାରେ ସଫଳ ହୋଇପାରିନି। ଚାଷରେ ନିୟୋଜିତ ଅଧିକାଂଶ ଲୋକ ଭୂମିହୀନ ରହିଥିବା ବେଳେ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିକାଂଶ ଲୋକଙ୍କର ତା'ଉପରେ କୌଣସି ମାଲିକାନା ନାହିଁ। ଦେଶରେ ଆର୍ଥିକ ଅସମାନତାର ଅନ୍ୟତମ କାରଣ ହେଉଛି କୃଷି କ୍ଷେତ୍ରରେ ବୃଦ୍ଧି ପାଉଥିବା ସଙ୍କଟ ; ଯାହା କି ଦେଶର ସିଂହଭାଗ ଲୋକଙ୍କୁ ଗରିବ କରିବା ସହିତ ସେମାନଙ୍କ କ୍ରୟ କ୍ଷମତାକୁ ହ୍ରାସ କରିଚାଲିଛି। ତୃତୀୟତଃ ଦେଶରେ ଦରବୃଦ୍ଧି ତୁଳନାରେ ଶ୍ରମିକଙ୍କ ମଜୁରିରେ ଲଗାତର ହ୍ରାସ। ଚତୁର୍ଥତଃ ନବ ଉଦାର ଅର୍ଥନୀତିରେ ସରକାରମାନେ ପୁଞ୍ଜିର ସ୍ୱାର୍ଥରେ ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ବିଭିନ୍ନ ସେବାର ଯେଉଁ ଘରୋଇକରଣ କଲେ ତାହା ଆର୍ଥିକ ବିଷମତାକୁ ଅନେକ ପରିମାଣରେ ବଢ଼ାଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଆଦି ମୌଳିକ ସେବାମାନଙ୍କର ଘରୋଇକରଣ ହେବା ଫଳରେ ସରକାରୀ ବିନିଯୋଗ ହ୍ରାସ ସହ ଲୋକଙ୍କ ଖର୍ଚ୍ଚଭାର ବଢ଼ି ସେମାନଙ୍କ ଦାରିଦ୍ର୍ୟକୁ ବଢ଼ାଇଛି। ଦେଶରେ ଆର୍ଥିକ ବୈଷମ୍ୟର ଆଉ ଏକ କାରଣ ହେଉଛି ସରକାରଙ୍କ ଗରିବ ବିରୋଧୀ ତଥା ଧନୀ ସପକ୍ଷବାଦୀ ଟିକସ ବ୍ୟବସ୍ଥା।

ଆର୍ଥିକ ବୈଷମ୍ୟରେ ଏଭଳି ବୃଦ୍ଧି ନିଶ୍ଚିତ ରୂପେ ଚିନ୍ତାଜନକ। ଆମ ଦେଶରେ ସମ୍ବିଧାନ ପ୍ରଦତ୍ତ ସମାନତାର ବିଚାରକୁ ସାକାର କରିବାକୁ ହେଲେ ଆର୍ଥିକ ସମାନତା ଅତ୍ୟନ୍ତ ଜରୁରୀ। ସମାଜର ପଛୁଆ ଓ ଅବହେଳିତ ଲୋକଙ୍କୁ ଅନ୍ୟମାନଙ୍କ ସହ ସମାନ ସୁଯୋଗ ଓ ପ୍ରତିନିଧିତ୍ୱ ମିଳିବାକୁ ସୁନିଶ୍ଚିତ କରିବା ପାଇଁ ଆର୍ଥିକ ସମାନତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆର୍ଥିକ ଅସମାନତାରେ ଏଭଳି ବୃଦ୍ଧି ଦେଶର ଅର୍ଥନୀତିକୁ ଭୟଙ୍କର ଭାବେ ଯେ ପ୍ରଭାବିତ କରିପାରେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ: ୯୪୩୭୧୬୬୩୯୧

# ଟଙ୍କା କମଉଛି କାହା ପାଇଁ



ସୌମ୍ୟା ପରିଡ଼ା

ମାଆବାପା ଅଫିସ୍‌ରେ ଥାଆନ୍ତି। ହଠାତ୍ ଝିଅର ଫୋନ୍ ଆସିଲା। ଘରେ ସାନ ଭାଇ ଆତ୍ମହତ୍ୟା କରିଦେଇଛି। କିଛି ସମୟ ପୂର୍ବରୁ ମାଆଙ୍କ ଆକାଉଣ୍ଟରୁ କିଛି ଟଙ୍କା କଟିଯାଇଥାଏ। ଆଉ ତାହା ବି ଅନ୍‌ଲାଇନ୍ ଗେମ୍‌ରେ। ସେଥିପାଇଁ ମାଆ ତାକୁ ଗାଳି ଦେଇଥିଲେ। ମାତ୍ର ୧୨ ବର୍ଷର ପୁଅ ପୁଣି ଆତ୍ମହତ୍ୟା କରିବା ପୂର୍ବରୁ ଚାଳିଶ ହଜାର ଟଙ୍କା ଅନ୍‌ଲାଇନ୍ ଗେମ୍‌ରେ ହାରିଥିବା କଥା ଚିଠିରେ ଲେଖିଦେଇ ଯାଇଥାଏ। ହୃଦୟ ବିଦାରକ ଘଟଣାଟି ମଧ୍ୟପ୍ରଦେଶର। ଏଇ କିଛି ମାସ ମଧ୍ୟରେ ଆମ ରାଜ୍ୟର କିଛି ସ୍ଥାନରେ ଏମିତି ଘଟଣା ଘଟିବାର ନଜିର ରହିଛି ; ଯେଉଁଥିରେ ତେର-ଚଉଦ ବର୍ଷର ପିଲା ଅନ୍‌ଲାଇନ୍ କ୍ଲାସ୍ କରୁକରୁ ଅନ୍‌ଲାଇନ୍ ଗେମ୍ ନିଶାରେ ପଡ଼ିଛନ୍ତି। ଆଉ ମାଆବାପା ଜାଣିବା ପରେ ଖେଳିବାକୁ ମୋବାଇଲ୍ ଦେବାକୁ ମନାକରିଛନ୍ତି, ବୁଝାଇଛନ୍ତି, ଗାଳି ବି ଦେଇଛନ୍ତି। ଆଉ ତା'ପରେ ସେମାନେ ରାଗରେ ହେଉ କି ବିଷାଦରେ ହେଉ ଏମିତି ଗୋଟେ ପଦକ୍ଷେପ ନେଇଯାଇଛନ୍ତି।

ଆମ ଦେଶରେ ପ୍ରତି ଘଣ୍ଟାରେ ଜଣେ ପିଲା ଆତ୍ମହତ୍ୟା କରୁଥିବାର ଆକଳନ କରାଯାଇଛି। ୨୦୧୯ରେ ଦଶ ହଜାରରୁ ଅଧିକ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି; ଯାହା ବିଗତ ପଚିଶ ବର୍ଷ ଭିତରେ ସବୁଠୁ ଅଧିକ। ପିଲାମାନେ ଆତ୍ମହତ୍ୟା କରିବା ପଛରେ ବିଭିନ୍ନ କାରଣ ରହିଛି। ପରୀକ୍ଷାରେ ଖରାପ୍ କରିବା କି କରିବାର ଡର, ପାଠ ପାଇଁ ମାଆବାପାଙ୍କର ମାତ୍ରାଧିକ ଚାପ, ନିଶାଦ୍ରବ୍ୟ ସେବନ, ଯୌନ ଶୋଷଣ, ଅଭିଭାବକଙ୍କ ପିଲାଙ୍କୁ ଆଗଧାଡ଼ିରେ ଦେଖିବାର ନିଶା ଏମିତି ଅନେକ କାରଣ। ଆଉ ଏସବୁ ଭିତରେ ବିଗତ କିଛିବର୍ଷ ହେବ ଅନ୍‌ଲାଇନ୍ ଗେମ୍, ମୋବାଇଲ୍ ଦେଖିବା ବା ସେଥିରେ ଖେଳିବାର ନିଶା ସାମିଲ୍ ହୋଇଛି। ଆଉ ଗତ ଦୁଇବର୍ଷ ଧରି କରୋନା ପାଇଁ ଯେମିତି ଏ ଚିତ୍ରରେ ଆହୁରି ଅନେକ ପରିବର୍ତ୍ତନ ଦେଖାଦେଇଛି।

ଏବେ ଘରେ ଘରେ କୁନି ପିଲାଏ ମୋବାଇଲ୍ ନିଶାରେ ପଡ଼ିଛନ୍ତି। ସ୍କୁଲ୍ କଲେଜ୍ ବନ୍ଦ ପରେ କିଛି ଶ୍ରେଣୀର ପିଲାଙ୍କ ପାଇଁ ଏହା ସାମୟିକ ଭାବେ ଖୋଲିଛି। ହେଲେ ଅଧିକାଂଶ କ୍ଲାସ୍ ଅନ୍‌ଲାଇନ୍ ମାଧ୍ୟମରେ ଏବେ ବି ହେଉଛି। ତେଣୁ ପାଠପଢ଼ା ସମୟ ପରେ ବି ପିଲାଏ ମୋବାଇଲ୍, ଲାପ୍‌ଟପ୍, ସୋସିଆଲ୍ ମିଡିଆ ନିଶାରୁ ବାହାରି ପାରୁନାହାନ୍ତି। କରୋନା ପାଇଁ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଆଉ ତା'ପରେ ପୁଣି ବିଭିନ୍ନ ଜାଗାକୁ ଯିବାର ପ୍ରତିବନ୍ଧକ, ଏସବୁ ଯେମିତି ଆମ ପିଛା ଛାଡୁନି। ଆଉ ଏସବୁ ଭିତରେ ସବୁଠୁ ବେଶି ପ୍ରଭାବିତ ହୋଇଛନ୍ତି ପିଲାଏ। କିନ୍ତୁ ଅଭିଭାବକମାନେ ଯେମିତି କେବଳ ପିଲାଙ୍କ ପାଠକୁ ନେଇ ବେଶ୍ ଚିନ୍ତିତ। ଏତେ ମାସ ହେଲା ସ୍କୁଲ୍ ନ ଯାଇ ଘରଭିତରେ ରହି ରହି ତାଙ୍କ ମାନସିକତାରେ କେତେ ଯେ ପରିବର୍ତ୍ତନ ହୋଇଛି ସେ କଥା ବୁଝିବାକୁ ଯେମିତି କେହି ନାହାନ୍ତି।

ନିଜ ପିଲାଙ୍କୁ ଆଗଧାଡ଼ିରେ ଦେଖିବାର ନିଶା ବି କିଛି କମ୍ ନୁହେଁ। ଦିନେ ଶହେରୁ ପଚାଶ ରଖିପାରି ନ ଥିବା ଲୋକର ବି ଇଚ୍ଛା ତା' ଛୁଆ ଶହେରୁ ଶହେ ରଖୁ। ଏସବୁ ଚାପ ଭିତରେ ପିଲା ମାଆବାପାଙ୍କଠୁ ଦୂରେଇ ଯାଉଛନ୍ତି। ବିଭିନ୍ନ ପରିସ୍ଥିତି ଦେଇ ଗତିକରିବା ବେଳେ କେମିତି ତା'ର ମୁକାବିଲା କରିବେ ସେ କଥା ବୁଝିପାରୁନାହାନ୍ତି। କାରଣ ଚାମଚରେ ଖୁଆଇବା ପରି ଆମେ ତାଙ୍କୁ ଘରଭିତରେ ରଖି କେବଳ ପାଠପଢ଼ାର ବୋଝ ଦେଇ ଅତି ସୀମିତ ପରିସ୍ଥିତିର ମୁକାବିଲା କରିବାର ରାସ୍ତା ବତେଇ ଦେଉଛେ। ଆଉ ପ୍ରକୃତ ସଂଘର୍ଷ କଥା ଛାଡ଼ନ୍ତୁ ନିତିଦିନିଆ ଜୀବନରେ ମାମୁଲି ଅସୁବିଧାର ସମ୍ମୁଖୀନ ହେବାକୁ ବି ସେମାନେ ନିଜକୁ ପ୍ରସ୍ତୁତ କରିପାରୁନାହାନ୍ତି। ବରଂ ଛୋଟଛୋଟ କଥାରେ ସେମାନେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଆଉ ଏ ସବୁ ପାଇଁ କେବଳ ଆମପରି ଅଭିଭାବକମାନେ ହିଁ ଦାୟୀ।

ନଡ଼ିଆ ଫୋପଡ଼ାରୁ ତିଆରି କ୍ରିକେଟ୍ ବ୍ୟାଟ୍, ଜରି କି ପତ୍ର ସବୁକୁ ନେଇ ସୁତୁଲି ଗୁଡ଼ାଇ ସେଥିରେ ବଲ୍ ତିଆରିକରି ଖେଳିବା, ସାଇକେଲ୍ କି ଗାଡ଼ି ଟାୟାରକୁ କାଠିରେ ଗଡ଼େଇବା ଆଦିପରି ଅନେକ କଥା ଆଗରୁ ଦେଖିବାକୁ ମିଳୁଥିଲା। ସେମିତି ନଟୁ, କାଚବାଟି ଖେଳ, ଡାଗରପୁଆ ସାଙ୍ଗକୁ କବାଡ଼ି, କିତିକିତି, ବୋହୂଚୋରି ଏମିତି ଅନେକ ଖେଳ ଗାଁ ଦାଣ୍ଡରେ ଦେଖିବାକୁ ମିଳୁଥିଲା। ହେଲେ ଏସବୁ ଏବେ ସ୍ୱପ୍ନ ପ୍ରାୟ। ଆଉ ଏସବୁର ଜାଗା ଏବେ ନେଇଛି ଟିଭି, ମୋବାଇଲ୍, ସୋସିଆଲ୍ ମିଡିଆ ଇତ୍ୟାଦି। ଆମ ଜେଜେବାପା ଅମଳରେ ପାଲିଙ୍କି, ଶଗଡ଼ଗାଡ଼ି ଥିଲା। ଆଉ ବାପାଙ୍କ ଅମଳରେ ସାଇକେଲ, ଦୁଇଚକିଆ, ଚାରିଚକିଆ ଆମେ ଦେଖିଲେ। ଆଉ ଆମ ପିଲାଏ ଏକାଥରେ ଜନ୍ମରୁ ଚାରିଚକିଆରେ ବସିଲେ। ଖଣ୍ଡେ ସାଇକେଲ୍ କିଣିବାକୁ ହେଲେ ଆମକୁ ଅନ୍ତତଃ ସପ୍ତମ କି ଅଷ୍ଟମ ଶ୍ରେଣୀଯାଏ ଅପେକ୍ଷା କରିବାକୁ ପଡୁଥିଲା। ସାଇକେଲ୍ ମିଳୁଥିଲା। ହେଲେ ଅନେକ ସର୍ତ୍ତ ପରେ। ଆଉ ସର୍ତ୍ତଟି ହେଲା ପାଠପଢ଼ାରେ ଧ୍ୟାନ ଦିଅ। ଆଉ ଉପର ତଳ ଭାଇଭଉଣୀଙ୍କର ବି ସେ ସାଇକେଲ୍‌ରେ ଭାଗ ରହୁଥିଲା। କିନ୍ତୁ ଏବେ ସେଇସମୟ ଭିତରେ ଅଧିକାଂଶ ପିଲା ଦୁଇ ତିନୋଟି କି ତାଠୁ ବି ଅଧିକ ସାଇକେଲ ବଦଳାଇ ଦେଉଛନ୍ତି। କଥା ନୁହେଁ ଆମେ ତାଙ୍କୁ କ'ଣ ଦେଇପାରୁଛେ। କଥା ହେଉଛି ତାଙ୍କୁ କ'ଣ କ'ଣ ନ ମିଳିଲେ ସେମାନେ କେମିତି ପ୍ରତିକ୍ରିୟାଶୀଳ ହେଉଛନ୍ତି। ଆଗରୁ ଆମ ମାଆବାପା ଆମକୁ କିଛି ପାଇଁ ନା କହିବାଟା ଆମ ଲାଗି ବେଶ୍ ସ୍ୱାଭାବିକ ଥିଲା। ହେଲେ ଏବେ ପିଲାଙ୍କ ପାଇଁ ନା ଶୁଣିବାଟା ଏତେ ସହଜ ନୁହେଁ।

ଥିଲାବାଲା ହେଉ କି ନ ଥିଲାବାଲା, ଅଧିକାଂଶ ମାଆବାପାଙ୍କର ମାନସିକତା ହେଲା ଯାହା ମୁଁ କରିନି ତାହା ମୋ ପିଲା କରିବ। ଯାହା ମୁଁ ପାଇନି ସେସବୁ ଯେମିତି ମୋ ପିଲା ପାଇବ। ସେଥିପାଇଁ କେବେକେମିତି ଆମ ଛୁଆଙ୍କୁ କେହି କିଛି ପାଇଁ ଆକଟ କଲାବେଳେ ଆମେ କହୁ ଟଙ୍କା କମଉଛି କାହା ପାଇଁ! ମାନେ ଯଦି ମୋ ଛୁଆକୁ ସମସ୍ତ ସୁଖସୁବିଧା ନ ମିଳିଲା, ଯଦି ମୋ ଛୁଆ ଯାହା ମାଗୁଛି କି ଦରକାର କରୁଛି ମୁଁ ନ ଦେଇ ପାରିଲି ତା'ହେଲେ ମୁଁ ରୋଜଗାର କରୁଥିବା ଟଙ୍କା କି କାମର। ମାଆବାପା କି ଅଭିଭାବକ ହିସାବରେ ଏମିତି ଭାବିବା ସ୍ୱାଭାବିକ। ହେଲେ ପିଲାଙ୍କୁ ଆପଣ ନା କହିବା ଯେତିକି ଜରୁରୀ ନୁହେଁ, ପିଲା କେବେ କେମିତି ନା ଶୁଣି ତାକୁ ସହଜରେ ଗ୍ରହଣ କରିବା ସେତିକି ଜରୁରୀ ; ଯାହାଫଳରେ ସେମାନେ ନା ଶବ୍ଦକୁ ଅତି ସହଜରେ ଗ୍ରହଣ କରିପାରିବେ। ଆଉ ଏଇ ନା, ଶବ୍ଦ ହିଁ ସେମାନଙ୍କୁ ଜୀବନ ଜିଇବାର ପରିଭାଷା ଶିଖାଇବ।

ମୋ-୯୩୩୮୫୬୬୫୮୭

## ଏଇ ଭାରତରେ

ଓକିଲାତି ଛାଡ଼ି ଘରଦ୍ୱାର ଜମିବାଡ଼ି ବିକ୍ରି କରି ମାଗଣାରେ ହେଲ୍‌ମେଟ ବାଣ୍ଟୁଛନ୍ତି ରାଘବେନ୍ଦ୍ର କୁମାର। ତାଙ୍କୁ ମଧ୍ୟ ଭାରତର 'ହେଲ୍‌ମେଟ ମ୍ୟାନ' ବୋଲି କୁହାଯାଉଛି। ସେ ଏବେ ୨୨ଟି ରାଜ୍ୟରେ ୫୦,୦୦୦ରୁ ଅଧିକ ହେଲ୍‌ମେଟ ବାଣ୍ଟି ସାରିଲେଣି। ୭ ବର୍ଷ ପୂର୍ବେ ଦିଲ୍ଲୀରେ ଏକ ରାସ୍ତା ଦୁର୍ଘଟଣାରେ ରାଘବେନ୍ଦ୍ରଙ୍କ ସାଙ୍ଗ କୃଷ୍ଣକୁମାରଙ୍କ ମୃତ୍ୟୁ ହୋଇଥିଲା ଓ ହେଲ୍‌ମେଟ ନ ଥିବା ଯୋଗୁ ଏହା ଘଟିଥିଲା। ଏହି ଦୁର୍ଘଟଣା ପରେ ସେ ହେଲ୍‌ମେଟ ବଣ୍ଟନ ଆରମ୍ଭ କରିଥିଲେ। ରାଘବେନ୍ଦ୍ରଙ୍କ ଘର ବିହାରର କଇମ୍‌ପୁର ଜିଲାର ଏକ ଛୋଟ ଗାଁରେ। ରହୁଛନ୍ତି ଗ୍ରେଟର ନଏଡାରେ। ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ କରିବା ଲାଗି ସେ ୨୦୧୮ରେ ଓକିଲାତି ଛାଡ଼ି ଦେଇଛନ୍ତି ଓ ଜମି ମଧ୍ୟ ବିକ୍ରି କରିଦେଇଛନ୍ତି। ଏପରି କି ହେଲ୍‌ମେଟ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ସେ କାର୍ ଚଳାଇବାବେଳେ ହେଲ୍‌ମେଟ ପିନ୍ଧୁଛନ୍ତି। ଏହା ବ୍ୟତୀତ ରାଘବେନ୍ଦ୍ର ସ୍କୁଲ ଓ କଲେଜରେ ପଢୁଥିବା ପାଖାପାଖି ୮.୫ ଲକ୍ଷ ଗରିବ ପିଲାମାନଙ୍କୁ ବହି ବାଣ୍ଟି ସାରିଲେଣି। ସେ ଗ୍ରେଟର ନଏଡାରେ ଏକ ବୁକ୍ ବ୍ୟାଙ୍କ ଖୋଲି ବହି ସଂଗ୍ରହ କରି ତାହାକୁ ବାଣ୍ଟୁଛନ୍ତି। ଅଧିକ ବହି ବ୍ୟାଙ୍କକୁ ଆସିବା ପରେ ଏହାକୁ ସେ ବିହାର, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀକୁ ସମ୍ପ୍ରସାରିତ କରିଛନ୍ତି। ସେ ମଧ୍ୟ ବହୁ ଗାଁରେ ମିନି ଲାଇବ୍ରେରି ପ୍ରତିଷ୍ଠା କରୁଛନ୍ତି। ଏହି କାର୍ଯ୍ୟ ଲାଗି ରାଘବେନ୍ଦ୍ର ତାଙ୍କ ଗ୍ରେଟର ନଏଡାସ୍ଥିତ ଘରକୁ ୪୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଡିସେମ୍ବର ୧୯୯୬

- ୮ କୋଟି ଟଙ୍କାର କୋଇଲା ଦୁର୍ନୀତି ମାମଲାରେ ତାମିଲନାଡୁର ମୁଖ୍ୟ ସଚିବ ଏନ୍. ହରିଭାସ୍କର ଗିରଫ।
- ଚିନି ଓ କୋଇଲା ଶିଳ୍ପକୁ ଲାଇସେନ୍ସ ମୁକ୍ତ କରିବା ପାଇଁ ଯୋଜନା କମିଶନର ସୁପାରିଶ।

## ଚିରନ୍ତନୀ

ଆସିଲ ଯେବେ କି ପାଇଁ ଦୂରେ ?
ମୁଁ ପରା ଅଛି ନିକଟେ ଅତି
ତୁମରି ପାଇଁ ରହିଛି ଚାହିଁ
ବିରହ-ବ୍ୟଥା ଟଳାଏ ମତି।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମଡେଲ ପୋଷ୍ଟ ଅଫିସ ହେଉ

ମହାଶୟ,

ସାକ୍ଷୀଗୋପାଳର ଉପ ଡାକଘରଟି ଅତୀତରେ ଏକ ବିଳାସପୂର୍ଣ୍ଣ ରାଜପ୍ରାସାଦ ଭଳି ଦିଶୁଥିଲା। ପୋଷ୍ଟ ଅଫିସ ଭିତରେ ପଶୁ ପଶୁ ମନ ଆନନ୍ଦରେ ପୂରି ଉଠୁଥିଲା। ଦୁଃଖର କଥା ଦଇବ ସହିଲାନି ନ୍ୟାୟରେ ରାସ୍ତା ସମ୍ପ୍ରସାରଣ ନାମରେ ସରକାର ପୋଷ୍ଟ ଅଫିସକୁ ଭାଙ୍ଗି ମାଟିରେ ମିଶାଇ ଦେଲେ। ଭଙ୍ଗାଭଙ୍ଗି ଜିନିଷ ସବୁ ବିକ୍ରି କରିଦିଆଗଲା। ପୋଷ୍ଟ ଅଫିସ ଭାଙ୍ଗିବା ପରଠାରୁ ଅର୍ଦ୍ଧଭଗ୍ନ ସରକାରୀ କ୍ୱାର୍ଟରରେ ଅଫିସ କାମ ଚାଲିଛି। ନାନା ପ୍ରକାର ଅବ୍ୟବସ୍ଥା ଭିତରେ ସାକ୍ଷୀଗୋପାଳ ଉପଡାକଘର ଚାଲିଛି। ସତ୍ୟବାଦୀ ପୋଲିସ ଥାନା ନୂତନ ମଡ଼େଲରେ ସାକ୍ଷୀଗୋପାଳ ଉପଡାକଘରକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ଉଚିତ ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେନ୍‌ସେକ୍ସ ୪୭୭ ପଏଣ୍ଟ ବୃଦ୍ଧି**

ଦଲାଲ ଷ୍ଟ୍ରିଟ୍‌ରେ କ୍ରମାଗତ ୨ୟ ଦିନ ଲାଗି ନିବେଶକମାନେ ଭଲ ବ୍ୟବସାୟ କରିଛନ୍ତି। ଓମିକ୍ରନ୍‌ର ଭୟର ବାତାବରଣ ମଧ୍ୟରେ ଶେୟାର ବଜାରର ସ୍ୱଳ୍ପ ବୃଦ୍ଧି ଉଭୟ ନିବେଶକ ଓ ଷ୍ଟକ୍ ବଜାର କର୍ମଚାରୀଙ୍କ ମନରେ ଉତ୍ସାହ ଆଣି ଦେଇଛି। ଏଭଳି ସ୍ଥିତିରେ ୨୮ ଡିସେମ୍ବରରେ ଶେୟାର ବଜାର ସବୁଜ ଅଙ୍କରେ ଅଭିବୃଦ୍ଧି କରିଛି। ଶେୟାର ବଜାରର ସୂଚନା ଅନୁସାରେ ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ର ବେଞ୍ଚମାର୍କ ଇଣ୍ଡେକ୍ସ ମୂଲ୍ୟ ୪୭୭ ପଏଣ୍ଟ ବଢ଼ି ୫୭,୮୯୭ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ମଧ୍ୟ ୧୪୭ ଅଙ୍କ ବଢ଼ି ୧୭,୨୩୩ ପଏଣ୍ଟରେ କାରବାର ଶେଷ ହୋଇଛି।

## ସଂକ୍ଷେପରେ

### ଟିକସ ହ୍ରାସ ଯୋଗୁ କମିବ ଦର

**ନୂଆଦିଲ୍ଲୀ,୨୮।୧୨:** ଦେଶର ପ୍ରମୁଖ ଖାଇବା ତେଲ ଯୋଗଣାକାରୀ କମ୍ପାନୀ ଆଦାନୀ ୱିଲିମାର ଏବଂ ରୁଚି ସୋୟା ଭଳି ଅଧିକାଂଶ କମ୍ପାନୀ ସେମାନଙ୍କ ଉତ୍ପାଦଗୁଡ଼ିକର ଦର (ମୂଲ୍ୟସୂଚୀ) ହ୍ରାସ କରିଛନ୍ତି। ଫଳରେ ଖାଉଟିଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ମିଳିବ ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି। ନିକଟରେ ସରକାରଙ୍କ ପ୍ରସ୍ତାବ ଅନୁସାରେ ଖାଦ୍ୟ ମନ୍ତ୍ରଣାଳୟ ଖାଇବା ତେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରିଥିଲେ। ଉଭୟ ମନ୍ତ୍ରଣାଳୟ ଓ ସରକାରଙ୍କ ଘୋଷଣା ଅନୁସାରେ କମ୍ପାନୀଗୁଡ଼ିକ ସର୍ବୋଚ୍ଚ ଖୁଚୁରା ଦରରେ ୧୦ରୁ ୧୫% ମୂଲ୍ୟ ହ୍ରାସ କରିଥିବା ଶିଳ୍ପସଂଘ ସୋଲେଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ଇଏ) ପକ୍ଷରୁ ସୋମବାର ଏ ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ଫର୍ଚ୍ୟୁନ୍ ବ୍ରାଣ୍ଡ ପାଇଁ ଜଣାଶୁଣା ଆଦାନି ୱିଲିମାର, ମହାକୋଶ, ସନ୍ରିଚ୍, ରୁଚି ଗୋଲ୍ଡ ଏବଂ ନ୍ୟୁଟ୍ରେଲା ବ୍ରାଣ୍ଡ ପାଇଁ ବେଶ୍ ପରିଚିତ ରୁଚି ସୋୟା, ଇମାମି ଏବଂ ଜେମିନି ଭଳି ଅନେକ ଖାଇବା ତେଲ କମ୍ପାନୀ ବର୍ତ୍ତମାନ ଦର କମାଇଥିବା ଜଣାପଡ଼ିଛି। ଖାଇବା ତେଲର ବର୍ଦ୍ଧିତ ଦରରୁ ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ଶିଳ୍ପପତିମାନଙ୍କୁ ଭେଟିଥିଲେ ଏବଂ ଏହା ଉପରୁ ଆବଶ୍ୟକ ପରିମାଣର ଆମଦାନୀ ଶୁଳ୍କ ହ୍ରାସର ଲାଭ ଖାଉଟିଙ୍କୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଥିଲେ।

### ରୁଡ୍‌ସେଟ୍ ପକ୍ଷରୁ ତାଲିମ ଶିବିର

**ଭୁବନେଶ୍ୱର,୨୮।୧୨:** ରୁଡ୍‌ସେଟ୍ ପକ୍ଷରୁ ସ୍ଥାନୀୟ ଝାରପଡ଼ା ଜେଲର ୩୫ଜଣ ଅନ୍ତେବାସୀଙ୍କ ପାଇଁ ଏକ ୬ଦିନିଆ ତାଲିମ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ଅନ୍ତେବାସୀଙ୍କୁ ମହମବତି, ଫିନାଇଲ ଓ ତରଳ ସାବୁନ ଭଳି ଅନେକ ସାମଗ୍ରୀର ପ୍ରସ୍ତୁତି ପ୍ରଣାଳୀ ଜେଲ ପରିସରରେ ପ୍ରଦାନ କରାଯାଇଥିଲା। ରୁଡ୍‌ସେଟର ନିର୍ଦ୍ଦେଶକ ଅରକ୍ଷିତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷକ ରଜତ ଶତପଥୀ, ଜେଲର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ ଓ ଜେଲର ସନ୍ତୋଷିନୀ ପ୍ରମୁଖ ଉପସ୍ଥିତ ରହି ଜେଲର ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ।

# ୬ ମାସରେ ୧୦ ହଜାର ଷ୍ଟାର୍ଟ ଅପ୍

**ନୂଆଦିଲ୍ଲୀ,୨୮।୧୨**



ନରେନ୍ଦ୍ର ମୋଦି

ଭାରତର ଟେକ୍ନୋଲୋଜି ଏବଂ ନବସୃଜନ କ୍ଷେତ୍ରରେ ଦେଶର କ୍ଷମତାକୁ ଚିହ୍ନଟ କରିବା ପାଇଁ ଗତ ୬ ମାସ ମଧ୍ୟରେ ପ୍ରାୟ ୧୦,୦୦୦ ଷ୍ଟାର୍ଟ ଅପ୍ ଆସିଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଅଭିଭାଷଣରେ ପ୍ରଶଂସାକରି ଏଭଳି କିଛି ସୂଚନା ପ୍ରଦାନ କରିଛନ୍ତି। ମୋଦି ଆଇଆଇଟି କାନପୁରର ୫୪ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଭାରତ ହେଉଛି ବିଶ୍ୱର ୨ୟ ବୃହତ୍ତମ ଷ୍ଟାର୍ଟ ଅପ୍ ହବ୍ ଏବଂ ୟୁନିକର୍ନ ପାଇଁ ତୃତୀୟ ବୃହତ୍ତମ ଯାହା ଆମର ଆଇଆଇଟି ଛାତ୍ରମାନଙ୍କ ପାଇଁ ସମ୍ଭବ ହୋଇପାରିଛି । ଏହି ଅବସରରେ ସେ କହିଛନ୍ତି, ଭାରତରେ ବର୍ତ୍ତମାନ ୭୫ରୁ ଅଧିକ ୟୁନିକର୍ନ ଥିବାବେଳେ ଷ୍ଟାର୍ଟ ଅପ୍ ସଂଖ୍ୟା ପ୍ରାୟ ୫୦,୦୦୦ ରହିଛି। ବିଶେଷକରି ଗତ ୬ ମାସ ମଧ୍ୟରେ ପ୍ରାୟ ୧୦,୦୦୦ ଷ୍ଟାର୍ଟ ଅପ୍ ଆସିଛନ୍ତି ବୋଲି ମୋଦି ମତବ୍ୟକ୍ତ କରିଛନ୍ତି। ଜଗତୀକରଣକୁ ନେଇ ଆଜି ଅନେକ ବିତର୍କ ଚାଲିଛି। ଏହା ମଧ୍ୟରେ ଭାରତୀୟ କମ୍ପାନୀ ଏବଂ ଉତ୍ପାଦଗୁଡ଼ିକ ସର୍ବଭାରତୀୟ ସ୍ତରରେ ଲକ୍ଷ୍ୟ କରିବାର ସୁଯୋଗ ପାଇଛନ୍ତି। ଦେଶର ଛାତ୍ରୀଛାତ୍ରଙ୍କ ସାମର୍ଥ୍ୟ ଉପରେ ମୋର ବିଶ୍ୱାସ ରହିଛି ଏବଂ ନିଶ୍ଚିତ କରିବାକୁ ଚାହୁଁଛି ଯେ ସରକାର ଆପଣଙ୍କ ସହ ସବୁ ସମୟରେ ଛିଡ଼ା ହେବେ। ସେହିପରି ସ୍ୱାଧୀନତାର ୨୫ବର୍ଷ ପର୍ଯ୍ୟନ୍ତ ଭାରତ ଯାହା ପାଇବା ଉଚିତ ତାହା ହାସଲ କରିପାରିଲା ନାହିଁ। ଫଳରେ ସେ ସମୟର ଯୁବସମାଜ ତାଙ୍କର ମୂଲ୍ୟବାନ୍ ସମୟ ପ୍ରାୟ ୨ପିଢ଼ି ପର୍ଯ୍ୟନ୍ତ ହରାଇଲୁ। ବର୍ତ୍ତମାନ ଆମକୁ ନଷ୍ଟ କରିବାକୁ ଆଉ ସମୟ ନାହିଁ। ବର୍ତ୍ତମାନ ଏକବିଂଶ ଶତାବ୍ଦୀର ଜ୍ଞାନକୌଶଳ ଓ ଟେକ୍ନୋଲୋଜି ଚାଳିତ ବୋଲି ମୋଦି କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜି ବ୍ୟାପି ଚାଲିଛି। ଆଇଆଇଟି ଟେକ୍ନୋଲୋଜି ଇନ୍‌କ୍ୟୁବେସନ ସେଣ୍ଟର ଭାବେ କାର୍ଯ୍ୟ କରି ଚାଲିଛି। ଆପଣ ବିଶ୍ୱସ୍ତରରେ ଟେକ୍ନୋଲୋଜି କ୍ଷେତ୍ରରେ ଅବଦାନ ରଖିବା ପାଇଁ ସଜ୍ଜିତ ହୋଇଛନ୍ତି। ବୈଜ୍ଞାନିକ ଅନୁସନ୍ଧାନ କ୍ଷେତ୍ରରେ ଆଇଆଇଟି କାନପୁରର ଅବଦାନକୁ ପ୍ରଶଂସା କରି ମୋଦି କହିଛନ୍ତି, ଏହାର ଛାତ୍ରମାନେ ସେମାନଙ୍କ ଅନୁଷ୍ଠାନର ଗୌରବମୟ ଉତ୍ତରାଧିକାରୀ ଧାରା ବଜାୟ ରଖିବା ଉଚିତ। କାନପୁର ଆଇଆଇଟିର କାର୍ଯ୍ୟକ୍ରମ ପରେ ମୋଦି ୧୧,୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା କାନପୁର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟର ଉଦ୍‌ଘାଟନ କରିଥିଲେ।

**ଆଇଆଇଟି କାନପୁରର ୫୪ ତମ ସମାବର୍ତ୍ତନ ଉତ୍ସବ**

## ଏଏମ୍‌-ଏନ୍‌ଏସ୍ ଇଣ୍ଡିଆର କ୍ରୀଡ଼ା ଉତ୍ସବ



**ଭୁବନେଶ୍ୱର,୨୮।୧୨**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କମ୍ପାନୀର କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ସହ ସେମାନଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ ଆର୍ସେଲର ମିତ୍ତଲ- ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ପାରାଦୀପ ଏବଂ ଡାବୁନାରେ କ୍ରୀଡ଼ା ଉତ୍ସବର ଆୟୋଜନ କରାଯାଇଛି। ଏହି ଉତ୍ସବ ଏଏମ୍‌-ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଜି. ସୁରେଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ସୁନୀଲ ଦାସ, ସୁରକ୍ଷା ବିଭାଗ ମୁଖ୍ୟ ଦୁର୍ଲଭ ସିଂ ଏବଂ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସନର ସିନିୟର ଲିଡର ତୁଷାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜି. ସୁରେଶ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତମାନଙ୍କୁ ସମ୍ବୋଧନ କରି କହିଥିଲେ, ଏହା କର୍ମଚାରୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ଉତ୍ସାହ ବଢ଼ାଇବା ସହ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରାଇବା ଲକ୍ଷ୍ୟରେ ଆୟୋଜନ କରାଯାଇଛି। କମ୍ପାନୀର ବିଭିନ୍ନ ବିଭାଗର କର୍ମଚାରୀମାନେ କ୍ରିକେଟ, ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ, ଭଲିବଲ, କ୍ୟାରମ, ଚେସ୍, ଟେବୁଲ ଟେନିସ୍ ଭଳି ଖେଳରେ ଭାଗ ନେଇଛନ୍ତି।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଓପନ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୧୨**




ଆଇଆଇଟି ଭୁବନେଶ୍ୱରର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ପାର୍କ ପକ୍ଷରୁ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏଆର୍‌-ଭିଆର୍ ଜରିଆରେ ଏକ ଓପନ ଚ୍ୟାଲେଞ୍ଜ ପ୍ରୋଗ୍ରାମ ଆୟୋଜନ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ, ଷ୍ଟାର୍ଟ ଅପ୍ ଓଡ଼ିଶା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଭାରତ ସରକାରଙ୍କ ସହଯୋଗ ରହିଛି। ଚଳିତ ବର୍ଷର ଓପନ ଚ୍ୟାଲେଞ୍ଜ ପ୍ରୋଗ୍ରାମର ଉଦ୍ଦେଶ୍ୟ ହେଉଛି ଷ୍ଟାର୍ଟ ଅପ୍ ଦ୍ୱାରା ପରିଚାଳିତ ଏବଂ କାର୍ଯ୍ୟକାରୀ ହୋଇଥିବା ୨୦ଟି ସର୍ବୋତ୍ତମ ଉପସ୍ଥାପନା ଚୟନ କରାଯିବ। ମେଡିକାଲ ପ୍ଲାନିଂ, ଟୁରିଜମ୍, ସାଂସ୍କୃତିକ ଐତିହ୍ୟ ଏବଂ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୪ ଜଣ ଅଂଶଗ୍ରହଣ କରିପାରିବେ। ଏହି ଅବସରରେ ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜା କୁମାର କହିଛନ୍ତି, ବର୍ତ୍ତମାନ ସମୟରେ ଏଆର୍‌-ଭିଆର ଅଞ୍ଚଳରେ ଅଭିବୃଦ୍ଧି ଘଟୁଛି ଯାହା ଆଗାମୀ ୩ ବର୍ଷରେ ବର୍ତ୍ତମାନର ୩୦ ବିଲିୟନରୁ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ଏହା ମଧ୍ୟ ଆମ ଦେଶ ପାଇଁ ଏକ ଦୃଢ ଅର୍ଥନୀତି ପ୍ରଭାବ ଏବଂ ଏହି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପ୍ରସ୍ତାବିତ ମେକ୍ ଇନ୍ ଇଣ୍ଡିଆ ସ୍ୱପ୍ନକୁ ମଧ୍ୟ ସାକାର କରିବା ପାଇଁ ଆମକୁ ଏହି ସୁଯୋଗକୁ ମଧ୍ୟ ବ୍ୟବହାର କରିବାକୁ ପଡ଼ିବ। ସେହିଭଳି ଜଣାଶୁଣା ଉଦ୍ୟୋଗୀ ସୁସ୍ମିତା ବାଗ୍‌ଚୀ, ସୁବ୍ରତ ବାଗ୍‌ଚୀଙ୍କ ଠାରୁ ନେଇ ଓଡିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି ଏବଂ ଏମ୍‌ଏସ୍‌ଏମ୍‌ଇ ଓ ଏସ୍‌ଟିପିଆଇର ମିଳିତ ସହଯୋଗ ପ୍ରଦାନ କରିବାକୁ ସହମତି ମିଳିଛି। ନିକଟରେ ଏହାର ଉଦ୍‌ଘାଟନ ହୋଇଛି। ୨୬ ଜାନୁୟାରୀରେ ଏହାର ଆବେଦନ ପ୍ରକ୍ରିୟା ଶେଷ ହେବ। ପ୍ରସ୍ତାବଗୁଡ଼ିକର ସ୍କ୍ରିନିଂ ଫେବୃୟାରୀ ୧ ରୁ ଆରମ୍ଭ ହେବ ଏବଂ ଅନ୍ତିମ ଚୟନ ୧ ମାର୍ଚ୍ଚରେ ଉପସ୍ଥାପନା ପରେ ତାଲିକଭୁକ୍ତ ଦଳଗୁଡ଼ିକର ନାମ ଘୋଷଣା କରାଯିବ।

## ଏସ୍‌ଏସ୍ ଟିଭିର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୧୨**

ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଯାଉଛି ଗୋଟିଏ କେବୁଲ ଇଣ୍ଟରନେଟ ଏବଂ ଟିଭି ଚ୍ୟାନେଲ । ଏହି ସେବାର ଶୁଭାରମ୍ଭ ମଙ୍ଗଳବାର ସ୍ଥାନୀୟ ପ୍ରେସ୍ କ୍ଲବଠାରେ ଅନୁଷ୍ଠାନିକ ଭାବେ ହୋଇଯାଇଛି। ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଅଭିନେତା ସବ୍ୟସାଚୀ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍ କେବୁଲ୍ସର ପ୍ରତିଷ୍ଠାତା ସଭାପତି ସୁଶାନ୍ତ ସାହୁ, ଉପସଭାପତି ସଞ୍ଜୟ ଦାସ, ମୁଖ୍ୟ ପରିଚାଳକ ପଙ୍କଜ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ, ଅନ୍ୟ ଅପରେଟରମାନଙ୍କ ଠାରୁ ଶସ୍ତା, ସୁନ୍ଦର ଓ ଅଧିକ ସେବା ଏହି କେବୁଲର ସଂଯୋଗ ଜରିଆରେ ଗ୍ରାହକମାନେ ପାଇପାରିବେ। ଉତ୍ସବରେ ଓଡ଼ିଶାର ସମସ୍ତ ଏଲ୍‌ସିଓ ଯୋଗ ଦେଇ ନିଜ ମତ ଉପସ୍ଥାପନ ସହ ସେମାନେ କେବୁଲ ନେଟ୍‌ୱାର୍କରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଏସ୍‌ଏସ୍ କେବୁଲ ନେଟ୍ ଓ ଏନ୍‌ଏସ୍‌ଟି ଡିଜିଟାଲ ଜରିଆରେ ସମାଧାନ କରିବା ସହ ଉପଯୁକ୍ତ ସେବା ପ୍ରଦାନ ବୋଲି ଆଶା ପ୍ରକଟ କରିଥିଲେ । ଏହି ଅବସରରେ ସମସ୍ତ ଏଲ୍‌ଏସିଓଙ୍କୁ ସମ୍ମାନିତ କରାଯାଇଥିଲା।

## ୨୦୨୨ରୁ ୫ଜି ସେବାର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୧୨**




ନୂଆବର୍ଷରୁ ଦେଶବାସୀଙ୍କ ପାଇଁ ଦୂରସଞ୍ଚାର ମନ୍ତ୍ରଣାଳୟ ନୂଆ ସେବା ଆଣିବାକୁ ଯାଉଛି। ୨୦୨୨ରୁ ଭାରତରେ ୫ଜି ଇଣ୍ଟରନେଟ୍ ସେବା ପ୍ରଚଳନ ହେବାକୁ ଯାଉଛି ବୋଲି ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୧୩ଟି ସହରରେ ଏହି ସେବା ଉପଲବ୍ଧ ହେବ ବୋଲି ଜଣାପଡିଛି। ପରବର୍ତ୍ତୀ ସମୟରେ ଏହି ସେବା କ୍ରମଶଃ ଦେଶର ଅବଶିଷ୍ଟ ସହରଗୁଡ଼ିକରେ ପ୍ରଚଳନ କରାଯିବ। ଏ ସମ୍ପର୍କରେ ଦୂରସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି , ପ୍ରାଥମିକ ପର୍ଯ୍ୟାୟରେ ଦେଶର ୧୩ଟି ସହରରେ ୫ଜି ସେବା ପ୍ରଚଳନ ପାଇଁ ଦୂରସଞ୍ଚାର ଅପରେଟରମାନେ ପୂର୍ବରୁ ୫ଜି ପରୀକ୍ଷାମୂଳକ ସେବା ଆରମ୍ଭର ବ୍ୟବସ୍ଥା କରିସାରିଛନ୍ତି। ଏହି ସହରଗୁଡ଼ିକ ହେଉଛି ଅହମଦାବାଦ, ବେଙ୍ଗାଲୁରୁ, ଚଣ୍ଡିଗଡ, ଚେନ୍ନାଇ, ଦିଲ୍ଲୀ, ଗାନ୍ଧୀନଗର, ଗୁରୁଗ୍ରାମ, ହାଇଦ୍ରାବାଦ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଓ ପୁଣେ । ତେବେ କେଉଁ ଦୂରସଞ୍ଚାର କମ୍ପାନୀ ପ୍ରଥମେ ୫ଜି ସେବା ପ୍ରଚଳନ କରିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦେଶର ୩ ପ୍ରମୁଖ ଦୂରସଞ୍ଚାର କମ୍ପାନୀ ରିଲାଏନ୍ସ ଜିଓ, ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆ ଏହି ସହରଗୁଡିକରେ ପରୀକ୍ଷାମୂଳକ କ୍ଷେତ୍ର ସ୍ଥିର କରି ୫ଜିର ପରୀକ୍ଷାମୂଳକ ବ୍ୟବହାର କରୁଛନ୍ତି।

**ଫୁର୍‌ସତ୍**

## ଘୁଞ୍ଚିଲା 'ଜର୍ସି' ରିଲିଜ ତାରିଖ



**ମୁମ୍ବାଇ:** ସାହିଦ କପୁରଙ୍କ ଏ ପର୍ଯ୍ୟନ୍ତ ଶେଷ ଚଳଚ୍ଚିତ୍ର କବୀର ସିଂ ଯାହାକି ୨ ବର୍ଷ ପୂର୍ବେ ପରଦାକୁ ଆସିଥିଲା। ସିନେମାଟି ଲୋକଙ୍କ ଦ୍ୱାରା ବହୁ ଆଦୃତ ପାଇଥିଲା। ତା ପରଠୁ ସେ ଆଉ କୌଣସି ସିନେମା କରିନାହାନ୍ତି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଗୌତମ ତିନାନୁରୀଙ୍କ ନିର୍ଦ୍ଦେଶନାରେ ସାହିଦଙ୍କ ଆଗାମୀ ଚଳଚ୍ଚିତ୍ର 'ଜର୍ସି' ଯେଉଁଥିରେ ସାହିଦ ଏକ ୩୫ ବର୍ଷର କ୍ରିକେଟର୍ ଭୂମିକାରେ ନଜର ଆସିବେ। ନିଜ ପୁଅର ଇଚ୍ଛାକୁ ପୂରଣ କରିବାକୁ ସେ ପୁଣି ଥରେ କ୍ରିକେଟ୍‌କୁ ଫେରିଛନ୍ତି। ଏଥିରେ ସାହିଦଙ୍କ ସହ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଯୋଡି ଦେଖିବାକୁ ମିଳିବ। ତେବେ ସାହିଦ ତାଙ୍କ ଫ୍ୟାନ୍ସଙ୍କୁ ଚଳିତ ବର୍ଷ ଶେଷରେ ଏହି ସିନେମାଟି ଭେଟି ଦେବାକୁ ମନସ୍ଥ କରିଥିଲେ। ଯାହା ଡିସେମ୍ବର ୩୧ ତାରିଖରେ ରିଲିଜ୍ ହେବାର ଥିଲା। କିନ୍ତୁ କିଛି ସମସ୍ୟା କାରଣରୁ ଅନ୍ତିମ ସମୟରେ ଚଳଚ୍ଚିତ୍ରଟିର ରିଲିଜ ତାରିଖ ଘୁଞ୍ଚାଇବାକୁ ପଡିଛି। କିନ୍ତୁ 'ଜର୍ସି' କେଉଁ ତାରିଖରେ ରିଲିଜ ହେବ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ଏନେଇ ଫିଲ୍ମର ସମୀକ୍ଷକ ତରଣ ଆଦର୍ଶ ଖୁବ ଶୀଘ୍ର ତାରିଖ ଘୋଷଣା ହେବ ବୋଲି ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଚଳଚ୍ଚିତ୍ରଟି ଚଳିତ ବର୍ଷ ପହିଲାରେ ରିଲିଜ୍ ହେବାର ଥିଲା। କିନ୍ତୁ କରୋନା କାରଣରୁ ରିଲିଜ୍ ହୋଇପାରି ନ ଥିଲା।

## ସୀମା ପାର ପାଇଁ ଦରକାର ପଡ଼େନି ଭିଜା



ଦୁନିଆରେ କିଛି ଏପରି ଭୂସୀମା ରହିଛି ଯେଉଁଠାରେ ଉତ୍ତେଜନା କିମ୍ବା ସଂଲଗ୍ନ ଦେଶ ମଧ୍ୟରେ ସୀମା ବିବାଦ ପ୍ରାୟତଃ ଦେଖାଯାଇ ନ ଥାଏ। ଗୁଳିମାଡ଼ ଭଳି ଘଟଣା ମଧ୍ୟ ସେଠାରେ ବିରଳ। ଏପରିକି ସୀମା ସଂଲଗ୍ନ ଦେଶରୁ ଅନ୍ୟ ଦେଶକୁ ଯିବା ପାଇଁ କୌଣସି ଭିଜା କିମ୍ବା ପାସ୍‌ପୋର୍ଟ ମଧ୍ୟ ଆବଶ୍ୟକ ପଡ଼େନାହିଁ, ଯାହା ଜର୍ମାନୀ, ନେଦରଲାଣ୍ଡ୍ସ ଏବଂ ବେଲ୍‌ଜିୟମ ଦେଶ ମଧ୍ୟରେ ଦେଖିବାକୁ ମିଳେ। ଏହି ୩ ଦେଶର ସୀମା ପରସ୍ପର ସହ ଲାଗିଥିଲେ ସେଠାରେ ଭାରତ-ପାକିସ୍ତାନ ସୀମା ପରି ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳି ନ ଥାଏ। ସେହି ୩ ଦେଶର ଲୋକେ ସୀମା ନିକଟରେ ଏକାଠି ମଧ୍ୟ ହୋଇଥାନ୍ତି। ସେଠାକାର ଲୋକ ବିନା କୌଣସି ପାସପୋର୍ଟ କିମ୍ବା ଭିଜାରେ ସୀମାକୁ ଲାଗିଥିବା ଏହି ୩ ଦେଶ ମଧ୍ୟରେ ଅନାୟାସରେ ପ୍ରବେଶ କରିଥାନ୍ତି। ନେଦରଲାଣ୍ଡ୍ସର ଲିମ୍ବର୍ଗରେ ଏକ ଛୋଟ ସହର 'ଭାଲ୍ସ' ରହିଛି। ସୌନ୍ଦର୍ଯ୍ୟ ପାଇଁ ଏହି ସ୍ଥାନ ପ୍ରସିଦ୍ଧ। ସେହି ସ୍ଥାନ ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଅନ୍ୟ ଦୁଇ ଦେଶର ଲୋକେ ସେଠାକୁ ଭ୍ରମଣରେ ଯାଇଥାନ୍ତି। ଏହାର ଗୋଟିଏ ପଟେ 'N' ଆଉ ଗୋଟେ ପଟେ 'G' ଏବଂ ଅନ୍ୟ ପଟେ 'B' ଲେଖା ହେଇଛି। ଯେଉଁଥିରୁ ୩ ଦେଶର ଦିଗ ଜଣା ପଡୁଛି।

**Birthday Wish**



ANKITA PRIYADARSHINEE
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Bapa, mama, Bhai, Bada bapa, Bada mama, kaki, kaka, jeje Maa, Aja, Ai, Mamu, Mai and Family.
D-22687

**୧୩ତମ ଜନ୍ମଦିନ ଶୁଭେଚ୍ଛା**



ସ୍ୱାଗତିକା ମହାପାତ୍ର (ଗୁଲୁଲି)
ଟାଙ୍ଗୀବନ୍ତ, ନିୟୁ ଭୁବନେଶ୍ୱର
ଆଜି ତୋର ଜନ୍ମବାର୍ଷିକୀ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟ ଦେବୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁ କି ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
–:ଶୁଭେଚ୍ଛା ସହ:–
ମମି: ସୌଦାମିନୀ, ବାବା: ସୁବ୍ରତ, ଅଜା, ଆଇ, ଜେଜେ, ଜେଜେମା', ଦାଦା, ଖୁଡ଼ୀ, ମାମୁ, ମାଇଁ, ଅପା, ପିଇସା, ମୁନା, ମାମାଲୀ, ଲାଡଲୀ, ଶୁଭ, ସୁୟାଂଶୁ ।
ଧ-୨୨୬୭୮

**CLASSIFIED DISPLAY** ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR BOMIKHAL DHENKANAL

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କେଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଅଞ୍ଜଳୀ ସ୍ୱାଇଁ
କୁଲାଡ଼, ଅନୁଗୋଳ
ଆବିର୍ଭାବ: ୧୫।୦୪।୧୯୫୨
ତିରୋଧାନ: ୦୮।୦୧।୨୦୨୧
ତୁମେ ଆମକୁ ସବୁଦିନ ପାଇଁ ଏକାକୀ କରିଗଲ ସତ, ହେଲେ ସବୁଦିନ ପାଇଁ ତୁମେ ଆମ ହୃଦୟରେ ରହିଥିଲ ଏବଂ ରହିଥିବ ଅଭୁଲା ସ୍ମୃତିକୁ ଆମେ କେବେ ବି ଭୁଲି ପାରିବୁନି । ତୁମର ଆଶୀର୍ବାଦ ସର୍ବଦା ଆମର କାମ୍ୟ ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ।
ଧ-୨୨୬୮୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅଲେଖ ଚରଣ ପଟ୍ଟନାୟକ
ଆବିର୍ଭାବ: ୨୩।୦୩।୧୯୨୭
ତିରୋଧାନ: ୦୮।୦୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ହେ ପରମ ପୂଜ୍ୟ ଚିରବନ୍ଦନୀୟ ବାପା, ଦେଖୁ ଦେଖୁ ବର୍ଷେ ବିତିଗଲା। ସମସ୍ତେ ଅଛନ୍ତି। ପୂର୍ବପରି ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ଋତୁ ପରିବର୍ତ୍ତନ ଧରାପୃଷ୍ଠରେ ଚାଲୁ ରହିଛି। ମାତ୍ର ଆପଣଙ୍କର ଅବର୍ତ୍ତମାନ ପ୍ରତିଟି ମୁହୂର୍ତ୍ତ ପ୍ରତିଟି ହୃଦୟରେ ଆଣି ଦେଉଛି ଅଶେଷ ଯାତନା, ପରିବାର, ପରିଜନ ବନ୍ଧୁ ପ୍ରିୟ ଜନ୍ମମାଟିକୁ ଛାଡ଼ି କାଳର ଅପ୍ରତିହତ ଗତିରେ ଆପଣ ଯାଇଛନ୍ତି ଅଫେରା ରାଇଜକୁ ପ୍ରତି ହୃଦୟରେ ଶୋକର ଉଚ୍ଛ୍ୱାସ ଖେଳିଯାଇଛି। ପ୍ରିୟ ଜନ୍ମଭୂମି ଝୁରୁଛି ତାର ପ୍ରିୟଜନକୁ। ମାତ୍ର ହାୟ! ସମସ୍ତେ ଅଛନ୍ତି ହେଲେ ଆପଣ ନାହାନ୍ତି। ଯେଉଁଠି ଅଛନ୍ତି ସେଇଠି ଅନନ୍ତ ସୁଖରେ ଥାଆନ୍ତୁ, ବ୍ରହ୍ମଲୀନ ହୁଅନ୍ତୁ ଏତିକି ଶ୍ରୀ ପରମାତ୍ମାଙ୍କ ଶ୍ରୀଚରଣରେ ଅନନ୍ତ କୋଟି ପ୍ରାର୍ଥନା।
ଆପଣଙ୍କର ଚିର ଆଶୀର୍ବାଦ ଭିକ୍ଷୁ ହତଭାଗ୍ୟ ପରିବାରବର୍ଗ ।
ଧ-୨୨୬୮୬

## ପେଟା ଇଣ୍ଡିଆ ୨୦୨୧ର 'ପର୍ସନ ଅଫ୍ ଦି ଇୟର' ଆଲିଆ



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡ୍ ନାୟିକା ଆଲିଆ ଭଟ୍ଟଙ୍କୁ ପେଟା ଇଣ୍ଡିଆ ୨୦୨୧ର 'ପର୍ସନ ଅଫ୍ ଦ ଇୟର' ଭାବେ ବାଛିଛି। ଆଲିଆ ଜଣେ ଆଗଧାଡିର ଅଭିନେତ୍ରୀ ସହ ଜଣେ ପ୍ରାଣୀପ୍ରେମୀ ବୋଲି ଅନେକେ ହୁଏତ ଜାଣିଥିବେ। ସେ ପଶୁପକ୍ଷୀଙ୍କ କଥା ଅଧିକାଂଶ ସମୟରେ ଆଲୋଚନା କରୁଥିବା ବେଳେ ଆନିମଲ୍ ଫ୍ରେଣ୍ଡଲି ଫ୍ୟାଶନ ବାଛିବାକୁ ଲୋକଙ୍କୁ ପ୍ରୋତ୍ସାହିତ କରିଥାଆନ୍ତି। ନିକଟରେ ଆଲିଆ କୁକୁର ଓ ବିଲେଇଙ୍କ ପାଇଁ ତାଙ୍କର ଓକିଲାତି ଓ ଆନିମଲ ଫ୍ରେଣ୍ଡଲି ଫ୍ୟାଶନ ଇଣ୍ଡଷ୍ଟ୍ରିର ସପୋର୍ଟରେ କାମ କରିଥିବା ବେଳେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏବେ ପିପୁଲ ଫର ଦି ଏଥିକାଲ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ(ପେଟା) ଇଣ୍ଡିଆ ୨୦୨୧ ବର୍ଷ ପାଇଁ ଆଲିଆଙ୍କୁ 'ପର୍ସନ ଅଫ୍ ଦି ଇୟର' ଭାବେ ବାଛିଛି। ସୂଚନାଯୋଗ୍ୟ, ଆଲିଆ ଭଟ୍ଟ ଶାକାହାରି ଫ୍ୟାଶନକୁ ଆଗକୁ ବଢ଼ାଇବା ଦିଗରେ ସାହାଯ୍ୟ କରିବା ସହ ଅଗାମୀ ପିଢ଼ିକୁ ପ୍ରାଣୀଙ୍କ ପ୍ରତି ଦୟାଳୁ ହେବାଲାଗି ପ୍ରୋତ୍ସାହିତ କରୁଛନ୍ତି। ଆଲିଆ ସବୁବେଳେ କୁକୁର ବା ବିଲେଇଙ୍କୁ ପୋଷ୍ୟଭାବେ ଗ୍ରହଣ କରିବା ହେଉ କି ଏମାନଙ୍କ ଉପରେ ଅତ୍ୟାଚାର କରୁଥିବା ବ୍ୟକ୍ତିଙ୍କ ଉପରେ ଆକ୍ସନ ନେବାକୁ ପସନ୍ଦ କରି ଥାଆନ୍ତି। ପ୍ରାଣୀଙ୍କ ପ୍ରତି ଥିବା ତାଙ୍କର ଉଦାରକୁ ନେଇ ସେ 'କୋଏକଜିଷ୍ଟ' ନାମକ ଏକ ପ୍ରୋଗ୍ରାମ ଆରମ୍ଭ କରିଥଲେ। ଏହା ଏମିତି ଏକ ମଞ୍ଚ ଯେଉଁଠି ଜୀବ ଓ ଇକୋଲୋଜି ୱେଲଫେୟାର ପାଇଁ କାମ କରାଯାଏ ଓ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଏ। ଆଲିଆଙ୍କର ମିଶନ କମ୍ୟୁନିଟି ଏମିତି ଏକ ଭବିଷ୍ୟତର ନିର୍ଣ୍ଣୟ କରେ ଯେଉଁଠାରେ ଲୋକଙ୍କୁ ପ୍ରକୃତି ଓ ବ୍ୟକ୍ତି ଏକାଠି ରହିବାର ଶିକ୍ଷା ଦିଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୨୯/୨୦୨୧ Sambalpur, wednesday, December 29/ 2021

# ସାମିଙ୍କୁ ୫: ଭାରତ ଅଗ୍ରଣୀ

**ସେଞ୍ଚୁରିୟନ,୨୮।୧୨**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ସୁପର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ୫ ଉଇକେଟ ହାସଲ କରି ଘରୋଇ ଦଳକୁ ବଡ଼ ସ୍କୋର ହାସଲର ସୁଯୋଗ ଦେଇନାହାନ୍ତି। ଭାରତ ପ୍ରଥମ ଇନିଂସରେ ୩୨୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ମଙ୍ଗଳବାର ତୃତୀୟ ଦିବସର ତୃତୀୟ ସେସନରେ ୧୯୭ ରନକରି ଅଲଆଉଟ ହୋଇଛି। ଫଳରେ ଭାରତ ପ୍ରଥମ ଇନିଂସରେ

## ପ୍ରଥମ ଟେଷ୍ଟ

୧୩୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଓଭରରେ ୧ ଉଇକେଟ ହରାଇ ୧୬ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲୋକେଶ ରାହୁଲ ୫ ଓ ନାଇଟ୍ ୱାଚମ୍ୟାନ ଶାର୍ଦ୍ଦୁଳ ଠାକୁର ୪ ରନକରି ଅପରାଜିତ ରହିଛନ୍ତି। ମୟଙ୍କ ଅଗ୍ରୱାଲ ୪ ରନ କରି ଆଉଟ ହୋଇଛନ୍ତି। ତୃତୀୟ ଦିବସରେ ମୋଟ ୧୮ଟି ଉଇକେଟର ପତନ ହୋଇଛି।

ବର୍ଷା ଯୋଗୁ ଦ୍ୱିତୀୟ ଦିବସ ଖେଳ ଧୋଇଯାଇଥିଲା। ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୨/୩ରୁ ଖେଳ ଆରମ୍ଭ କରି ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ଅଲଆଉଟ ହୋଇଥିଲା। ମାତ୍ର ୫୫ ରନରେ ଭାରତ ୭ ଉଇକେଟ ହରାଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ୧୨୨ରୁ ଖେଳ ଆରମ୍ଭ କରି ଆଉମାତ୍ର ୧ ରନ ସଂଗ୍ରହ କରି ୧୨୩ ରନ କରିଥିବା ବେଳେ କାଗିସୋ ରାବାଡ଼ାଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡି'କକ୍‌ଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ସେହିପରି ୪୦ ରନରୁ ଖେଳ ଆରମ୍ଭ କରି ଅଜିଙ୍କ୍ୟ ରାହାନେ ୪୮ ରନକରି ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯଶପ୍ରୀତ ବୁମ୍‌ରା ୧୪ ରନ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏହି କ୍ରମରେ ରିଷଭ ପନ୍ତ ୮, ରବିଚନ୍ଦ୍ରନ ଅଶ୍ୱିନ ୪, ଶାର୍ଦ୍ଦୁଳ ଠାକୁର ୪, ସାମି ୮ ରନକରି ଆଉଟ ହୋଇଥିବା ବେଳେ ମହମ୍ମଦ ସିରାଜ ୪ ରନକରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୬, କାଗିସୋ ରାବାଡା ୩, ଜାନସେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



୫ ଉଇକେଟ ସଫଳତାରେ ଉଲ୍ଲସିତ ମହମ୍ମଦ ସାମି।

### ସାମିଙ୍କୁ ୨୦୦ ଉଇକେଟ

ଏହି ଟେଷ୍ଟରେ ଚମତ୍କାର ବୋଲିଂ କରିଥିଲେ ଭାରତର ମହମ୍ମଦ ସାମି। ଦକ୍ଷିଣ ଆଫ୍ରିକା ଭାରତୀୟ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଟେମ୍ବା ବଭୁମା ୫୨ ରନର ଅର୍ଦ୍ଧଶତକୀୟ ଇନିଂସ, ଡିକକ୍ ୩୪ , କାଗିସୋ ରାବାଡ଼ା ୨୫ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଅଧିନାୟକ ଡିନ୍ ଏଲଗାର ୧, ଏଡେନ ମାରାକ୍ରମ ୧୩, କିଗାନ ପିଟରସନ ୧୫, ରାସି ଭାନ ଡେର ଡୁସେନ ୩, ୱିଆନ ମୁଲ୍ଡର ୧୨, ମାର୍କୋ ଜାନସେନ ୧୯, କେଶବ ମହରାଜ ୧୨ ରନକରି ଆଉଟ ହୋଇଥିଲେ। ଭାରତ ତରଫରୁ ସାମି ୪୫ ରନ ଦେଇ ସର୍ବାଧିକ ୫, ଯଶପ୍ରୀତ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର ୨ଟି ଲେଖାଏ, ସିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସାମି ଏଥିସହିତ ୨୦୦ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ସେ ଭାରତର ୧୧ତମ ବୋଲର ତଥା ପଞ୍ଚମ ଦ୍ରୁତ ବୋଲର ଭାବେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଦ୍ରୁତ ୨୦୦ ଉଇକେଟ ନେବାରେ ସେ କପିଳ ଦେବ (୫୦ ଟେଷ୍ଟ) ଓ ଜଭାଗଲ ଶ୍ରୀନାଥ (୫୪ ଟେଷ୍ଟ)ଙ୍କ ପରେ ତୃତୀୟ ବୋଲର ସାବ୍ୟସ୍ତ ହୋଇଛନ୍ତି। ସାମି ୫୫ ଟେଷ୍ଟ ଖେଳି ଏହି ସଫଳତା ପାଇଛନ୍ତି। ସାମି ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତୃତୀୟ ଓ ମୋଟ ଉପରେ ଷଷ୍ଠ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୨୭ ଅଲଆଉଟ (ରାହୁଲ- ୧୨୩, ରାହାନେ- ୪୮, ବୁମ୍‌ରା- ୧୪, ଏନ୍‌ଗିଡି- ୬/୭୧, ରାବାଡା- ୩/୭୨)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:୧୯୭ ଅଲଆଉଟ (ବଭୁମା- ୫୨, ଡିକକ- ୩୪, ରାବାଡା- ୨୫, ସାମି- ୫/୪୪, ବୁମ୍‌ରା- ୨/ ୧୬, ଠାକୁର- ୨/୫୧, ସିରାଜ- ୧/ ୪୫)। ଭାରତ ଦ୍ୱିତୀୟ ଇନିଂସ:୧୬/୧।

# ଆଶେସ ଜିତିଲା ଅଷ୍ଟ୍ରେଲିଆ

**ମେଲବୋର୍ନ,୨୮।୧୨:** ଆଶେସ ସିରିଜ୍‌ରେ ଘରୋଇ ଅଷ୍ଟ୍ରେଲିଆ ବାଜି ମାରିଛି। ତୃତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ମଙ୍ଗଳବାର ତୃତୀୟ ଦିନରେ ଇଂଲଣ୍ଡକୁ ଏକ ଇନିଂସ ଓ ୧୪ ରନରେ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ସ୍କଟ ବୋଲାଣ୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହ ଅଷ୍ଟ୍ରେଲିଆ ଆଶେସ ବଜାୟ ରଖିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୮୨ ରନର ଅଗ୍ରଣୀ ହାସଲ କରିଥିଲା। ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ୨୭.୪ ଓଭରରେ ୬୮ ରନକରି ଅଲଆଉଟ ହୋଇ ଆତ୍ମ ସମର୍ପଣ କରିଥିଲା। ଅଧିନାୟକ ଜୋ ରୁଟ୍ ୨୮ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ୮ ରନରେ ଇଂଲଣ୍ଡ ତା'ର ଅନ୍ତିମ ୫ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବୋଲାଣ୍ଡ ୬, ମିଚେଲ ଷ୍ଟାର୍କ ୩, କାମେରନ ଗ୍ରୀନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୧/୪ରୁ ଇଂଲଣ୍ଡ ଖେଳ ଆରମ୍ଭ କରି ମଙ୍ଗଳବାର ଅଲଆଉଟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୧୮୫। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୬୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭.୪ ଓଭରରେ ୬୮ ଅଲଆଉଟ (ରୁଟ୍-୨୮, ଷ୍ଟୋକ୍ସ-୧୧, ବୋଲାଣ୍ଡ- ୬/୭, ଷ୍ଟାର୍କ- ୩/୨୯, ଗ୍ରୀନ- ୧/୮)।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ DHARITRI

ପୃଷ୍ଠା-୮+୮

ସମ୍ବଲପୁର, ବୁଧବାର, ଡିସେମ୍ବର ୨୯/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Wednesday, December 29/2021 | ପୃଷ୍ଠା-୧




**ଆଇସିସି ପୁରସ୍କାର ଦୌଡ଼ରେ ଅଶ୍ୱିନ**

ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ରହିଛନ୍ତି।

୦୮

୦୨

**ବିକ୍ରମ ମିସ୍ରି ଡେପୁଟି ଏନ୍ଏସ୍ଏ**

ବରିଷ୍ଠ କୂଟନୀତିଜ୍ଞ ବିକ୍ରମ ମିସ୍ରି ଭାରତର ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି।





କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ମଙ୍ଗଳବାର ପର୍ଯ୍ୟଟକଙ୍କ ପ୍ରବଳ ଗହଳି।

# ସୂର୍ଯ୍ୟମନ୍ଦିର ପ୍ରବେଶ ପଥରେ ଠେଲାପେଲା

## ପାଚେରି ଡେଇଁ ପଶିଲେ ପର୍ଯ୍ୟଟକ

**କୋଣାର୍କ,୨୮।୧୨(ଡି.ଏନ୍.ଏ.)**

ରାଜ୍ୟରେ ଏବେ ଶୀତର ପ୍ରକୋପ ସହ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଗତ କିଛିଦିନ ହେଲା କୋଣାର୍କରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ତେବେ ମଙ୍ଗଳବାର ପୂର୍ବାହ୍ନରେ ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ହଠାତ୍ ଟିକେଟ କାଉଣ୍ଟରରୁ ଟୋକନ ପାଇ ନ ଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷାରେ ଥିବା ପର୍ଯ୍ୟଟକମାନେ ଉତ୍ତ୍ୟକ୍ତ ହୋଇ ସୂର୍ଯ୍ୟମନ୍ଦିର ପ୍ରବେଶ ପଥରେ ଠେଲାପେଲା କରି ମନ୍ଦିର ଭିତରକୁ ଧସେଇ ପଶିଥିଲେ। ଏପରିକି କିଛି ସମୟ ପାଇଁ ପରିସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ଖବରପାଇ କୋଣାର୍କ ଥାନା ପୋଲିସ ପହଞ୍ଚି ପର୍ଯ୍ୟଟକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ମଙ୍ଗଳବାର ପୂର୍ବାହ୍ନରୁ ସୂର୍ଯ୍ୟମନ୍ଦିରକୁ ପର୍ଯ୍ୟଟକ ଆସିବାର ସଂଖ୍ୟା ବଢ଼ିଚାଲିଥିଲା। ଏଥିପାଇଁ ଟିକେଟ କାଉଣ୍ଟରରେ ପର୍ଯ୍ୟଟକଙ୍କ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ କାଉଣ୍ଟରରେ ପର୍ଯ୍ୟାପ୍ତ ପରିମାଣର ଟୋକନ ନ ଥିବାରୁ ପର୍ଯ୍ୟଟକଙ୍କୁ ଆଉ ଟିକେଟ ମିଳିପାରି ନ ଥିଲା। ଫଳରେ ଅପେକ୍ଷାରତ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିବା ସହ ମନ୍ଦିର ଭିତରକୁ ଧସେଇ ପଶିଥିଲେ। ଏପରିକି କେତେଜଣ ପର୍ଯ୍ୟଟକ ବିପଦପୂର୍ଣ୍ଣ ଭାବେ ମନ୍ଦିରକୁ ଲାଗିଥିବା ପାଚେରି ଉପରୁ ତଳକୁ ଡିଆଁ ମାରି ପଶିଥିଲେ। ଉପାୟଶୂନ୍ୟ ହୋଇ ସୁରକ୍ଷାକର୍ମୀମାନେ ମନ୍ଦିର ବନ୍ଦ ରଖିଥିଲେ। ଅନ୍ୟପଟେ ଟୋକନ ନ ପାଇ ନିରାଶରେ ଫେରିଯାଇଥିଲେ ହଜାର ହଜାର ପର୍ଯ୍ୟଟକ। ଏଥିପାଇଁ ପର୍ଯ୍ୟଟକମାନେ ଏଏସ୍ଆଇ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଛନ୍ତି। ଏପରିକି ଟୋକନର ଅନ୍ୟ ବିକଳ୍ପ ବ୍ୟବସ୍ଥା ସେମାନେ ଦାବି କରିଛନ୍ତି। ପଶ୍ଚିମବଙ୍ଗର ଅଧିକାଂଶ ପର୍ଯ୍ୟଟକଙ୍କୁ ଟୋକନ ନ ମିଳିବାରୁ ମନ୍ଦିର ବୁଲି ପାରି ନ ଥିବା କ୍ଷୋଭର ସହ କହିଥିଲେ। ବସ୍ ସମୟ ହୋଇଯାଇଥିବାରୁ ସେମାନେ ଫେରିଯାଇଥିଲେ। ଏ ସମ୍ପର୍କରେ ଏଏସ୍ଆଇ ସଂରକ୍ଷଣ ଅଧିକାରୀ ନୀରଜ ସିଂ କହିଛନ୍ତି, ଏବେ ୧୦ହଜାର ଟୋକନ ରହିଛି। ହଠାତ୍ ସର୍ଭର ଡାଉନ ହେବାରୁ ଏଭଳି ପରିସ୍ଥିତି ଦେଖାଦେଇଥିଲା।

# ବିନା ମେଡିକାଲ ପ୍ରମାଣପତ୍ରରେ ବୟସ୍କଙ୍କୁ ବୁଷ୍ଟର ଡୋଜ୍

- ୧୫+ଙ୍କ ପାଇଁ ସ୍ୱତନ୍ତ୍ର ଟିକାକେନ୍ଦ୍ର
- ତୃତୀୟ ଡୋଜ୍ ନେବେ ନିର୍ବାଚନ କର୍ମଚାରୀ

**ନୂଆଦିଲ୍ଲୀ, ୨୮।୧୨**

ଜାନୁୟାରୀ ୧୦ରୁ କୋଭିଡ୍ ଟିକାର ସମସ୍ତ ଡୋଜ୍ ନେଇସାରିଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବୁଷ୍ଟର ଡୋଜ୍ ପାଇଁ ନାଁ ପଞ୍ଜୀକରଣ କରାଇପାରିବେ। କୌଣସି ରୋଗର ଶିକାର ହୋଇଥିଲେ କିମ୍ବା ଚିକିତ୍ସାଧୀନ ଥିଲେ ମଧ୍ୟ ସେମାନେ ବୁଷ୍ଟର ଡୋଜ୍ ପାଇଁ ଡାକ୍ତରଙ୍କୁ ମେଡିକାଲ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ ନାହିଁ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ତେବେ ସେମାନେ ତୃତୀୟ ଡୋଜ୍ ନେବା ପୂର୍ବରୁ ସେମାନଙ୍କ ଡାକ୍ତରଙ୍କ ପରାମର୍ଶ ନେବାକୁ ଉପଦେଶ ଦିଆଯାଇଛି। ନିର୍ବାଚନୀ ରାଜ୍ୟଗୁଡ଼ିକରେ ମୁତୟନ ହେବାକୁ ଥିବା କର୍ମଚାରୀଙ୍କୁ ଡାକ୍ତର ସ୍ୱାସ୍ଥ୍ୟକର୍ମୀଙ୍କ ପରି ସମ୍ମୁଖ ଯୋଦ୍ଧା ବର୍ଗରେ ସାମିଲ କରାଯାଇ ସେମାନଙ୍କୁ ବୁଷ୍ଟର ଡୋଜ ପ୍ରଦାନ କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଦିଆଯାଇଥିବା ଚିଠିରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି।

ସମ୍ପୃକ୍ତ ବ୍ୟକ୍ତି କେବେ ବୁଷ୍ଟର ଡୋଜ୍ ନେଇପାରିବେ ତାହା ସେମାନଙ୍କ ଦ୍ୱିତୀୟ ଡୋଜ୍‌ର ☞ପୃଷ୍ଠା-୬




## କୋର୍ବେଭାକ୍ସ, କୋଭୋଭାକ୍ସକୁ ଅନୁମତି

- ଚିକିତ୍ସାରେ ଲାଗିବ ମୋଲ୍‌ନୁପିରାଭିର୍ ଔଷଧ

**ନୂଆଦିଲ୍ଲୀ, ୨୮।୧୨**

ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କୋଭିଡ୍ ଟିକା କୋଭୋଭାକ୍ସ, ବାୟୋଲୋଜିକାଲ ଇ'ର କୋର୍ବେଭାକ୍ସ ଏବଂ କୋଭିଡ୍ ଔଷଧ ସିପ୍ଲାର ମୋଲ୍‌ନୁପିରାଭିର୍‌କୁ ଜରୁରିକାଳୀନ ବ୍ୟବହାର ନିମନ୍ତେ ଅନୁମତି ମିଳିଛି। ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ଉକ୍ତ ୨ ଟିକା ଏବଂ ଔଷଧକୁ କଟକଣା ମଧ୍ୟରେ ବ୍ୟବହାର ନିମନ୍ତେ ଅନୁମତି ପ୍ରଦାନ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ ମଙ୍ଗଳବାର ସୂଚନା ଦେଇଛନ୍ତି। କୋଭୋଭାକ୍ସ ଏବଂ କୋର୍ବେଭାକ୍ସକୁ କେତେକ ନିର୍ଦ୍ଦିଷ୍ଟ ସ୍ଥିତିରେ ଚିକିତ୍ସା ପାଇଁ ବ୍ୟବହାର ନିମନ୍ତେ ସିଡିଏସ୍‌ସିଓ ବୈଷୟିକ ବିଶେଷଜ୍ଞ କମିଟି ସୁପାରିସ କରିବାର ଦିନକ ପରେ ଏହି ଘୋଷଣା କରାଯାଇଛି। ସେହିପରି କୋଭିଡ୍ ସଂକ୍ରମଣ ଓ ଏଥିଜନିତ ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହେବା ଆଶଙ୍କା ଥିଲେ ମୋଲ୍‌ନୁପିରାଭିର୍‌କୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯିବା ନିମନ୍ତେ ଉକ୍ତ କମିଟି ସୁପାରିସ କରିଥିଲା। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ଏକ ଟୁଇଟ୍ କରିଛନ୍ତି। କରୋନା ବିରୋଧୀ ଲଢ଼େଇକୁ ଆହୁରି ମଜଭୁତ କରିବାକୁ ସିଡିଏସ୍‌ସିଓ ଗୋଟିଏ ଦିନରେ ଦୁଇଟି ଟିକା ଏବଂ ଏକ ☞ପୃଷ୍ଠା-୬

## 'ଫେବୃୟାରୀରେ ଶୀର୍ଷ ଛୁଇଁବ ସଂକ୍ରମଣ'

### ସର୍ଭିଲାନ୍ସ, ଟେଷ୍ଟିଂ, ଚିକିତ୍ସା ଓ ଟିକାକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

କରୋନାର ସମ୍ଭାବ୍ୟ ତୃତୀୟ ଲହର ଆସିପାରେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆକଳନ କରିଛି। ଓଡ଼ିଶାରେ ଏବେ କରୋନା ସଂକ୍ରମଣ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଥିଲେ ବି ଫେବୃୟାରୀ ମାସ ବେଳକୁ ତୃତୀୟ ଲହର ପିକ୍ ନେଇପାରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସତର୍କ କରାଇଛନ୍ତି। ସେ କହିଛନ୍ତି, ଦେଶର ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାରେ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ଦୁଇମାସ ବିଳମ୍ବରେ ଆସିଥିଲା। ଆଇସିଏମ୍ଆର୍ ଆକଳନ ଅନୁଯାୟୀ, ତୃତୀୟ ଲହର ଆସିଲେ ଖୁବ୍‌ଶୀଘ୍ର ଓଡ଼ିଶାକୁ ଆସିବ ଏବଂ ଫେବୃୟାରୀ ଶେଷ ବେଳକୁ ଶୀର୍ଷ ଛୁଇଁବ। ତେବେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରଖାଯାଇଛି। ସର୍ଭିଲାନ୍ସ, ଟେଷ୍ଟିଂ, ଚିକିତ୍ସା ଓ ଟିକାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉଛି। ସେହିପରି ପେଡିଆଟ୍ରିକ୍ (ଶିଶୁ ଚିକିତ୍ସା) ବିଭାଗ ପ୍ରସ୍ତୁତ ରହିଥିବାବେଳେ ଔଷଧ ଏବଂ ଅକ୍ସିଜେନ୍ ପର୍ଯ୍ୟାପ୍ତ ପରିମାଣର ମହଜୁଦ୍ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଦେଶରେ ଦିନକୁ ଦିନ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। ରାଜ୍ୟରେ ମଧ୍ୟ ଏକାଧିକ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେଲେଣି। ଯଦିଓ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି, ତଥାପି ରାଜ୍ୟରେ ଏହି ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି।

# ଗୋଟିଏ ଦିନରେ ଦାଖଲ ହେଲା ୧୫.୪୯ ଲକ୍ଷ ଆଇଟିଆର୍

**ନୂଆଦିଲ୍ଲୀ,୨୮।୧୨**

୨୦୨୦-୨୦୨୧ ଆର୍ଥିକ ବର୍ଷ ପାଇଁ ସୋମବାର ସୁଦ୍ଧା ୪ କୋଟି ୬୭ ଲକ୍ଷ ୪୫ ହଜାର ୨୪୯ଟି ଆୟକର ରିଟର୍ନ (ଆଇଟିଆର୍) ଦାଖଲ ହୋଇଛି। ସେଥିମଧ୍ୟରେ ସୋମବାର ଗୋଟିଏ ଦିନରେ ୧୫ ଲକ୍ଷ ୪୯ ହଜାର ୮୩୧ଟି ଆଇଟିଆର୍ ଦାଖଲ ହୋଇଛି ବୋଲି ଆୟକର ବିଭାଗ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ମୁଖ୍ୟତଃ ଆଇଟିଆର୍ ଦାଖଲର ଶେଷ ତାରିଖ ଜୁଲାଇ ୩୧ ଥିଲା। ସେହି ଅବଧିକୁ ଡିସେମ୍ବର ୩୧କୁ ବଢ଼ାଇ ଦିଆଯାଇଛି। ମୋଟ ଦାଖଲ ଆଇଟିଆର୍ ମଧ୍ୟରୁ ୨.୫ କୋଟିରୁ ଊର୍ଦ୍ଧ୍ୱ ହେଉଛି ଆଇଟିଆର୍-୧ ଏବଂ ପ୍ରାୟ ୧.୧୭ କୋଟି ହେଉଛି ଆଇଟିଆର୍-୪ ବର୍ଗର। ବହୁସଂଖ୍ୟକ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର କରଦାତାଙ୍କ ପାଇଁ ଆଇଟିଆର୍ ଫର୍ମ-୧ (ସହଜ) ଏବଂ ଆଇଟିଆର୍ ଫର୍ମ-୪ (ସୁଗମ) ଭଳି ସରଳ ପଦ୍ଧତି ବେଶ୍ ସହାୟକ ହୋଇପାରିଛି। ବିଶେଷକରି ଦରମା, ଗୃହ ସମ୍ପତ୍ତି ଏବଂ ସୁଧ ଓ ଅନ୍ୟାନ୍ୟ ସୂତ୍ରରୁ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନେ 'ସହଜ' ମାଧ୍ୟମରେ ଆଇଟିଆର୍ ଦାଖଲ କରିପାରିବେ। ସେହିପରି ବ୍ୟବସାୟ ଏବଂ ବୃତ୍ତିରୁ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତି, ସଂସ୍ଥା ଏବଂ ଅବିଭକ୍ତ ହିନ୍ଦୁ ପରିବାର ଆଇଟିଆର୍-୪ ବ୍ୟବହାର କରିପାରିବେ। ସୂଚନାଥାଉ କି, ୨୦୧୯-୨୦୨୦ ଆର୍ଥିକ ବର୍ଷରେ ୫.୯୫ କୋଟି ଆଇଟିଆର୍ ଦାଖଲ ହୋଇଥିଲା।

# ବିଧାୟକ ଦେବୀ ମିଶ୍ରଙ୍କୁ ଠେଲାପେଲା

## ପ୍ରାର୍ଥୀ ଚୟନକୁ ନେଇ ବିବାଦ

**ନରସିଂହପୁର,୨୮।୧୨(ସ୍ୱ.ପ୍ର.)**

ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ରାଜନୀତି ସରଗରମ ହୋଇଥିବାବେଳେ ପ୍ରାର୍ଥୀ ଚୟନକୁ ନେଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ମଙ୍ଗଳବାର ବିରୋଧ କରାଯାଇଛି। କଟକ ଜିଲା ନରସିଂହପୁର ବ୍ଲକ ବାସେଳିହତା ଗ୍ରାମରେ କେତେଜଣ ଯୁବକ ବିଧାୟକ ମିଶ୍ରଙ୍କୁ ଠେଲାପେଲା କରିଛନ୍ତି। ଏହି ଗ୍ରାମରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ପାଇଁ ବିଧାୟକ ମିଶ୍ର ସମର୍ଥକମାନଙ୍କ ସହ ଆସିଥିଲେ। ତାଙ୍କ ସହ ପୂର୍ବତନ ଏମ୍ପି ପ୍ରସନ୍ନ ପାଟଶାଣୀ ଓ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଥିଲେ। ଗାଁ ମୁଣ୍ଡରେ ପହଞ୍ଚିବା ପରେ ତାଙ୍କୁ ବିଜେଡି ନେତା ତଥା ପୂର୍ବତନ ସମିତିସଭ୍ୟ ବୀରକିଶୋର ଧଳଙ୍କ ସମର୍ଥକମାନେ ଭିତରକୁ ଛାଡ଼ି ନ ଥିଲେ।



ବିଧାୟକ ଦେବୀ ମିଶ୍ରଙ୍କ ସମର୍ଥକ ଓ ବିରୋଧୀମାନେ ପରସ୍ପରକୁ ଠେଲାପେଲା କରୁଛନ୍ତି।

ସେମାନେ ବିଧାୟକଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ବ୍ୟକ୍ତିଗତ ସହାୟକ, ଅନ୍ୟ କେତେଜଣ ସମର୍ଥକଙ୍କୁ ମାଡ଼ ମାରିଥିଲେ। ଏନେଇ ଉଭୟ ଗୋଷ୍ଠୀ ଠେଲାପେଲା ଓ ହାତାହାତି ହୋଇଥିଲେ। ଖବରପାଇ କାନପୁର ପୋଲିସ ପହଞ୍ଚି ବିଧାୟକଙ୍କୁ ସୁରକ୍ଷା ଦେଇଥିଲା। ଏ ସମ୍ପର୍କରେ ବୀରକିଶୋର କହିଛନ୍ତି, ବାସେଳିହତା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ସେ ବିଧାୟକଙ୍କୁ କହିଥିଲେ, ଏହାସତ୍ତ୍ୱେ ତାଙ୍କୁ କୌଣସି ପଦବୀ ପାଇଁ ଚୟନ କରା ନ ଯିବାରୁ ଏଭଳି ବିରୋଧ କରାଯାଇଛି। ଏ ସମ୍ପର୍କରେ ବିଧାୟକ ମିଶ୍ର କହିଛନ୍ତି, ଏହା ଗ୍ରାମବାସୀଙ୍କ ବିରୋଧ ନୁହେଁ, ଜଣେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ପ୍ରତିବାଦ। ଏହାକୁ ସମାଧାନ କରାଯିବ। ଏହି ଘଟଣାକୁ କେନ୍ଦ୍ରକରି ପଞ୍ଚାୟତରେ ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସ ପକ୍ଷରୁ ଏନେଇ ସଜାଗ ଦୃଷ୍ଟି ରଖାଯାଇଛି। ଏ ସମ୍ପର୍କରେ ଥାନାରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ ବୋଲି କାନପୁର ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି।

## ୩ ଦିନ କୁହୁଡ଼ି

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ରାଜ୍ୟରେ ଶୀତ ହଠାତ୍ ହ୍ରାସ ପାଇଛି। ରାତ୍ରିର ତାପମାତ୍ରା ୫ରୁ ୧୦ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ିଯାଇଛି। କିନ୍ତୁ କୁହୁଡ଼ି ଆରମ୍ଭ ହୋଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ କୁହୁଡ଼ି ହେବା ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ମେଘୁଆ ପାଗ ରହୁଥିବାରୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟ ଅଞ୍ଚଳରେ ୧୫ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

ଟିକେଟ୍ ନ ପାଇ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଧସେଇ ପଶିଲେ ପର୍ଯ୍ୟଟକ।




# ଏକାମ୍ର ପାଇଁ ୧୦୩ କୋଟିର ପ୍ରକଳ୍ପ

- ପୁରୁଣା ଭୁବନେଶ୍ୱରରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍
- ଧଉଳି ଶାନ୍ତିସ୍ତୂପ ପୁନରୁଦ୍ଧାର ସହ ୧୩ ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଭୁବନେଶ୍ୱର ଏକାମ୍ର ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୧୦୩ କୋଟି ଟଙ୍କା ବିନିଯୋଗରେ ୧୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ପୁରୁଣା ଭୁବନେଶ୍ୱରରେ ୨୪ ଘଣ୍ଟିଆ ଗୁଣାତ୍ମକ ପାନୀୟଜଳ ଯୋଗାଣ, ଧଉଳି ଶାନ୍ତିସ୍ତୂପର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, କେଦାରଗୌରୀ ପାଣିର ବିଶୁଦ୍ଧୀକରଣ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆରମ୍ଭ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲିଙ୍ଗରାଜ ଅଞ୍ଚଳକୁ ସୁନ୍ଦର କରି ଗଢ଼ିତୋଳିବା ପାଇଁ ଏକାମ୍ର ଯୋଜନା ଜନସାଧାରଣଙ୍କ ସହଯୋଗରେ ଆରମ୍ଭ କରାଯାଇଛି । ଏହା ଶେଷ ହେଲେ ଭୁବନେଶ୍ୱରର ଗରିମା ଆହୁରି ବୃଦ୍ଧି ପାଇବ। ପୁରୀରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ପୁରୀର ଜନସାଧାରଣ ସମ୍ପୂର୍ଣ୍ଣ ବିଶୁଦ୍ଧ ଜଳ ପାଇପାରୁଛନ୍ତି। ବର୍ତ୍ତମାନ ପୁରୁଣା ଭୁବନେଶ୍ୱରର ଜନସାଧାରଣ ମଧ୍ୟ ଏହି ସୁବିଧା ପାଇବେ। ବିକାଶ ଓ କଲ୍ୟାଣ ସରକାରଙ୍କ ମୁଖ୍ୟ ପରିଚୟ। ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିପ୍ଳବ ଆଣିଛି । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଗୃହ ନିର୍ମାଣ ଓ ନଗର ☞ପୃଷ୍ଠା-୬



ଏକାମ୍ର ଅଞ୍ଚଳର ବିକାଶ ପାଇଁ ୧୩ଟି ପ୍ରକଳ୍ପର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଓ ଅନ୍ୟମାନେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତର ପ୍ରଦେଶରେ ନିର୍ମାଣାଧୀନ କାନପୁର ମେଟ୍ରୋ ରେଳ ପ୍ରକଳ୍ପର ୯ କି.ମି. ସେକ୍ସନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୋଦିଙ୍କ ସହ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂ ପୁରୀ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିଥିଲେ। ଆଇଆଇଟି କାନ୍‌ପୁରରୁ ମୋତି ଝିଲ ପର୍ଯ୍ୟନ୍ତ ୯ କି.ମି. ରେଳଲାଇନ ସମ୍ପୂର୍ଣ୍ଣ କରିବାକୁ ୨ ବର୍ଷ ଲାଗିଛି। ଏହି ପ୍ରକଳ୍ପରେ ୧୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ମୋଟ ୩୨ କି.ମି. ରେଳପଥ ନିର୍ମାଣ କରାଯିବ।

## ସଂକ୍ଷେପରେ

### ମଧ୍ୟପ୍ରଦେଶ ପଞ୍ଚାୟତ ନିର୍ବାଚନ ବାତିଲ

**ଭୋପାଳ,୨୮।୧୨:** ମଧ୍ୟପ୍ରଦେଶରେ ୩ ପର୍ଯ୍ୟାୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ମଙ୍ଗଳବାର ବାତିଲ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏସ୍‌ଇସିଙ୍କ ସଚିବ ବି.ଏସ୍. ଜାମୋଦ କହିଛନ୍ତି, ଏମ୍‌ପିରେ ଜାନୁୟାରୀ ୬, ୨୮ ଓ ଫେବୃୟାରୀ ୧୬ ତାରିଖରେ ପଞ୍ଚାୟତ ଭୋଟ କରିବାକୁ ସ୍ଥିର କରାଯାଇଥିଲା। ଏହାକୁ ବାତିଲ କରାଯାଇଛି। ପ୍ରକାଶ ଯେ, ୨୦୧୯ରେ କଂଗ୍ରେସ ସରକାର ସୀମା ପୁନଃ ନିର୍ଦ୍ଧାରଣ ଓ ପାଳିକରି ସଂରକ୍ଷଣ ବ୍ୟବସ୍ଥା ସ୍ଥିର କରିଥିଲେ। ଗତମାସରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ କ୍ୟାବିନେଟ ଏହାକୁ ରଦ୍ଦ କରିବା ଲାଗି ଅଧାଦେଶ ଆଣିଥିଲେ। ଏହାକୁ ପ୍ରତ୍ୟାହାର ଲାଗି ଶିବରାଜଙ୍କ କ୍ୟାବିନେଟ ନିଷ୍ପତ୍ତି ନେବାର ଦୁଇଦିନ ପରେ ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନକୁ ବାତିଲ କରିଛନ୍ତି।

### ଗାନ୍ଧିଜୀଙ୍କ ବିରୋଧରେ ମନ୍ତବ୍ୟ: ସନ୍ଥଙ୍କ ନାଁରେ ମାମଲା



କାଳୀଚରଣ ମହାରାଜ

**ଅକୋଲା,୨୮।୧୨:** ମହାତ୍ମା ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ମଙ୍ଗଳବାର ମହାରାଷ୍ଟ୍ରରେ ଜଣେ ସନ୍ଥଙ୍କ ନାମରେ ମାମଲା ରୁଜୁ ହୋଇଛି। ଭାବସାର ସମାଜର ଧର୍ମଗୁରୁ କାଳୀଚରଣ ମହାରାଜ ହେଉଛନ୍ତି ମହାରାଷ୍ଟ୍ରର ଅକୋଲାସ୍ଥିତ ଶିବାଜୀ ନଗର ବାସିନ୍ଦା। ତାଙ୍କ ଅସଲ ନାମ ଅଭିଜିତ ଧନଞ୍ଜୟ ସରାଗ। ୪୮ ବର୍ଷୀୟ କାଳୀଚରଣ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଛନ୍ତି। ରବିବାର ଛତିଶଗଡ଼ ରାଜଧାନୀ ରାୟପୁରରେ ଆୟୋଜିତ ଏକ ଧର୍ମ ସଂସଦରେ ସେ ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ପ୍ରଶଂସା କରିଥିଲେ। ଏଥିସହ କହିଥିଲେ, ଲୋକେ ଧର୍ମରକ୍ଷା ପାଇଁ ସରକାର ମୁଖ୍ୟ ରୂପେ ଜଣେ ହିନ୍ଦୁ କଟରପନ୍ଥୀ ନେତାଙ୍କୁ ନିର୍ବାଚିତ କରିବା ଉଚିତ। ଏନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ତାଙ୍କୁ ଜଣେ ଛଳନାକାରୀ ବୋଲି ଅଭିହିତ କରି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ରାୟପୁରରେ କାଳୀଚରଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେହିପରି ମହାରାଷ୍ଟ୍ର ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ତମ୍ବିତୋଫାନ ହୋଇଛି। ରାଜ୍ୟର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନୱାବ ମଲିକ କାଳୀଚରଣଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ସେହିପରି ମହାବିକାଶ ଅଘାଡ଼ି ସରକାର ଗାନ୍ଧିଜୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟକୁ ବରଦାସ୍ତ କରିବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି।

### ଆମେରିକାରେ ଗୁଳି: ୫ ନିହତ

**ଡେନ୍‌ଭର,୨୮।୧୨:** ଆମେରିକାର ଡେନ୍‌ଭରରେ ସୋମବାର ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀଙ୍କ ଗୁଳିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇ ମହିଳା ରହିଛନ୍ତି। ପୋଲିସର ପାଲଟା ଗୁଳିରେ ହତ୍ୟାକାରୀଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ଲେକ୍‌ଉଡ୍ ପୋଲିସ ସୋମବାର ସୂଚନା ଦେଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ସେଣ୍ଟ୍ରାଲ ଡେନ୍‌ଭରରେ ବନ୍ଧୁକଧାରୀ ହଠାତ୍ ଗୁଳି ଚଳାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ସେମାନଙ୍କ ଉପରକୁ ମଧ୍ୟ ଗୁଳି ଚଳାଇ ଏକ ହୋଟେଲରେ ପଶି ଯାଇଥିଲେ। ପାଲଟାଗୁଳିରେ ବନ୍ଧୁକଧାରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ୮ ଲକ୍ଷ ଉପରେ ଦୈନିକ ସଂକ୍ରମଣ




- ବିଶ୍ୱରେ ବଢୁଛି ଓମିକ୍ରନ୍ ଆତଙ୍କ
- ନୂଆ ଭାରିଆଣ୍ଟ ଯୋଗୁ ରେକର୍ଡ ସଂଖ୍ୟାରେ ମାମଲା

**ନୂଆଦିଲ୍ଲୀ, ୨୮।୧୨**

ଓମିକ୍ରନ୍ ଯୋଗୁ ସମଗ୍ର ବିଶ୍ୱରେ କୋଭିଡ୍ ମାମଲା ଦ୍ରୁତ ବେଗରେ ବଢ଼ିଚାଲିଛି। କେବଳ ଗତ ୭ ଦିନର ହାରାହାରି ମାମଲା ସୋମବାର ୮,୪୧,୦୦୦ ରହିଥିଲା। ନଭେମ୍ବର ୨୪ରେ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଓମିକ୍ରନ ମାମଲା ଚିହ୍ନଟ କରିବାପରଠାରୁ ସଂକ୍ରମଣ ୪୯ ପ୍ରତିଶତ ବୃଦ୍ଧି ପାଇଛି। ଡିସେମ୍ବର ୨୦୨୦ରେ ତ୍ରୁଟି ଏହାର ମାମଲା ସଂଖ୍ୟା ତ୍ରୁଟି ସୁଧାରିବା ପରେ ଗୋଟିଏ ଦିନର ସଂକ୍ରମଣ ୧୪ ଲକ୍ଷ ୪୦ ହଜାର ରହିଥିଲା। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ୧୧,୫୦୦ରୁ ଅଧିକ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଛି।

ଏବେ କେବଳ ବ୍ରିଟେନରେ ଦୈନିକ ସଂକ୍ରମଣ ୧ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ଅଧ୍ୟୟନରୁ ଜଣାପଡ଼ିଛି, ଓମିକ୍ରନ ଏହାର ପୂର୍ବ ଭାରିଆଣ୍ଟଠାରୁ ୭୦ ପ୍ରତିଶତ ଦ୍ରୁତ ବେଗରେ ମାଡ଼ିଚାଲିଥିବାବେଳେ ଏଥିଯୋଗୁ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସେତେମାତ୍ରାରେ ଜଟିଳ ହେଉନାହିଁ। ବିଶେଷ କରି ଟିକା ନେଇସାରିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପ୍ରଭାବ କମ୍ ରହିଛି। ତେବେ ଟିକା ନେଇ ନ ଥିବା ତଥା ଏଥିରୁ ବଞ୍ଚିତ ଲୋକେ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଆମେରିକାରେ ଏହାର ଅଧିକ ପ୍ରକୋପ ଦେଖିବାକୁ ମିଳିଛି। ଏଠାରେ ଦୈନିକ ହାରାହାରି ମାମଲା ୧,୭୬,୦୦୦ ରହିଥିବାବେଳେ ପ୍ରତିଦିନ ମୃତ୍ୟୁସଂଖ୍ୟା ପ୍ରାୟ ୧୨ଶହ ରହୁଛି। କାନାଡାରେ ନୂଆ କରୋନା ମାମଲା ୧୮,୨୩୦କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୦,୨୬,୨୪୯କୁ ବୃଦ୍ଧି ପାଇଛି। ସେହିପରି ମୋଟ ୩୦,୧୭୨ଜଣଙ୍କ ମୃତ୍ୟୁ ଘଟିସାରିଛି। କେବଳ ଗୋଟିଏ ମାସରେ ୧୦୮ ଦେଶ ୧,୫୧,୩୬୮ ଓମିକ୍ରନ୍ ମାମଲା ରିପୋର୍ଟ କରିଛନ୍ତି। ଏବେ ସୁଦ୍ଧା ଏଥିରେ ୨୬ ଜଣଙ୍କ ମୃତ୍ୟୁ ଘଟିଛି।

## ଦିଲ୍ଲୀରେ ୟେଲୋ ଆଲର୍ଟ

### ସ୍କୁଲ, ସିନେମା ହଲ୍ ବନ୍ଦ

**ନୂଆଦିଲ୍ଲୀ, ୨୮।୧୨**

ଦିଲ୍ଲୀରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ସେଠାରେ ୟେଲୋ ଆଲର୍ଟ ଜାରି କରିଛନ୍ତି। ଏହି ଆଲର୍ଟ ଅନୁସାରେ ଦିଲ୍ଲୀରେ ସମସ୍ତ ସ୍କୁଲ, କଲେଜ, ସିନେମା ହଲ୍, ଜିମ୍ ସେଣ୍ଟର ଆଦି ବନ୍ଦ ରହିବ। ସେହିପରି ଅତ୍ୟାବଶ୍ୟକ ଦୋକାନଗୁଡ଼ିକୁ ଛାଡ଼ି ଅନ୍ୟ ଦୋକାନବଜାର ଯୁଗ୍ମ-ଅଯୁଗ୍ମ ଆଧାରରେ ସକାଳ ୧୦ଟାରୁ ସନ୍ଧ୍ୟା ୮ଟା ଯାଏ ଖୋଲିବ। ମେଟ୍ରୋ ଟ୍ରେନ୍, ବସ୍‌ଗୁଡ଼ିକରେ ୫୦ ପ୍ରତିଶତ ଯାତ୍ରୀ ଯିବାଆସିବା କରିପାରିବେ। ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ରହିବ। ଜରୁରିକାଳୀନ ଅଫିସ୍‌ଗୁଡ଼ିକୁ ଛାଡ଼ି ଅନ୍ୟ ସମସ୍ତ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ୫୦ ପ୍ରତିଶତ କର୍ମଚାରୀ କାମ କରିବେ। ବିବାହ, ଶୁଦ୍ଧିକ୍ରିୟା ଭଳି କାର୍ଯ୍ୟକ୍ରମରେ ୨୦ ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। ସେହିପରି ରେଷ୍ଟୁରାଣ୍ଟ, ବାର୍ ମଧ୍ୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ବୋଲି କୁହାଯାଇଛି। ଗତ ୬ ମାସ ମଧ୍ୟରେ ସୋମବାର ଦିଲ୍ଲୀରେ ଗୋଟିଏ ଦିନରେ ସର୍ବାଧିକ ୩୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦିଲ୍ଲୀରେ କେବଳ ଓମିକ୍ରନ୍ ସଂକ୍ରମଣ ୧୬୫କୁ ବୃଦ୍ଧି ପାଇଛି।

## ଭାରତରେ ୬୫୩ ଓମିକ୍ରନ୍‌ରେ ସଂକ୍ରମିତ

### ମହାରାଷ୍ଟ୍ରରେ ସର୍ବାଧିକ

**ନୂଆଦିଲ୍ଲୀ, ୨୮।୧୨**

ଓମିକ୍ରନ୍ ସଂକ୍ରମଣ ଭାରତରେ ମଧ୍ୟ ମାଡ଼ି ଚାଲିଛି। ଦେଶରେ ମୋଟ ୬୫୩ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇସାରିଥିବା ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇସାରିଥିବା ଏବଂ ଅନ୍ୟ ଦେଶକୁ ପଳାଇଯାଇଥିବା ଲୋକଙ୍କ ସଂଖ୍ୟା ୧୮୬ ରହିଛି। ମହାରାଷ୍ଟ୍ରରେ ସର୍ବାଧିକ ୧୬୭ ଜଣ ଓମିକ୍ରନ୍ ସଂକ୍ରମିତ ରହିଥିବାବେଳେ ଏହା ତଳକୁ ଦିଲ୍ଲୀରେ ୧୬୫, କେରଳରେ ୫୭, ତେଲଙ୍ଗାନାରେ ୫୫, ଗୁଜରାଟରେ ୪୯ ଏବଂ ରାଜସ୍ଥାନରେ ୪୬ ମାମଲା ରହିଛି। ନୂଆ ୬,୩୫୮ ମାମଲାକୁ ମିଶାଇ ଭାରତରେ ମୋଟ ସଂକ୍ରମଣ ୩,୪୭,୯୯,୬୯୧କୁ ବୃଦ୍ଧି ପାଇଛି। ସେହିପରି ସକ୍ରିୟ ମାମଲା ୭୫,୪୫୬କୁ ହ୍ରାସ ପାଇଛି। ୨୯୩ ନୂଆ ମୃତ୍ୟୁକୁ ମିଶାଇ ଏହିସଂଖ୍ୟା ମୋଟ ୪,୮୦,୨୯୦କୁ ବଢ଼ିଛି।

## ବିକ୍ରମ ମିସ୍ରି ଡେପୁଟି ଏନ୍‌ଏସ୍‌ଏ



**ନୂଆଦିଲ୍ଲୀ, ୨୮।୧୨**

ଗତ ସପ୍ତାହରେ ଚାଇନାରୁ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟକାଳ ଶେଷ କରି ଫେରିଥିବା ବରିଷ୍ଠ କୂଟନୀତିଜ୍ଞ ବିକ୍ରମ ମିସ୍ରି ଭାରତର ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ଭାବେ ନିଯୁକ୍ତ ହୋଇଛନ୍ତି। ସେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ଅଧୀନରେ କାର୍ଯ୍ୟ କରିବେ। ବର୍ତ୍ତମାନ ଡେପୁଟି ଏନ୍‌ଏସ୍‌ଏ ଥିବା ପଙ୍କଜ ସରନଙ୍କ କାର୍ଯ୍ୟକାଳ ଜାନୁୟାରୀ ୧ରେ ଶେଷ ହେବ। ବିକ୍ରମ ମିସ୍ରି ନୂଆବର୍ଷରେ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ବରିଷ୍ଠ ଆଇପିଏସ୍ ଅଫିସର ରାଜିନ୍ଦର ଖାନ୍ନା ଏବଂ ଦତ୍ତାତ୍ରେୟ ପଡ଼୍‌ସାଲଗିକର ଡେପୁଟି ଏନ୍‌ଏସ୍‌ଏ ଭାବେ କାର୍ଯ୍ୟରତ ଅଛନ୍ତି।

## ଖାଦ୍ୟରେ ବିଷକ୍ରିୟା: ୩୦ ଛାତ୍ରୀ ଅସୁସ୍ଥ

**ପୁଣେ,୨୮।୧୨**

ପୁଣେର ଏକ ସଫ୍ଟୱେର ତାଲିମ କେନ୍ଦ୍ରରେ ଖ୍ରୀଷ୍ଟମାସ ଉପଲକ୍ଷେ ହୋଇଥିବା ଖାଦ୍ୟ ଖାଇବା ପରେ ୩୦ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟରେ ବିଷକ୍ରିୟା ଯୋଗୁ ଏପରି ହୋଇଥିବା ପୁଣେ ଜିଲା ସିଭିଲ ସର୍ଜନ ଡା. ଅଶୋକ ନନ୍ଦପୁରକର କହିଛନ୍ତି। ସେମାନେ ଖାଇଥିବା ଖାଦ୍ୟର ନମୁନା ସଂଗ୍ରହ ପରେ ଯାଞ୍ଚ ପାଇଁ ପଠାଯାଇଛି।

# ଡାକ୍ତର-ପୋଲିସ ମୁହାଁମୁହିଁ



### ଏନ୍‌ଇଇଟି-ପିଜି କାଉନସେଲିଂ ବିଳମ୍ବକୁ ବିରୋଧ

**ନୂଆଦିଲ୍ଲୀ, ୨୮।୧୨**

ଏନ୍‌ଇଇଟି-ପିଜି କାଉନସେଲିଂରେ ବିଳମ୍ବକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିବା ଡାକ୍ତର ଏବଂ ଦିଲ୍ଲୀ ପୋଲିସ ମଙ୍ଗଳବାର ପୁଣି ମୁହାଁମୁହିଁ ହୋଇଛନ୍ତି। ଦିଲ୍ଲୀର ସଫଦରଗଞ୍ଜ ହସ୍ପିଟାଲରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଡାକ୍ତରଙ୍କୁ ପୋଲିସ ମଙ୍ଗଳବାର ଅଟକାଇଥିଲା। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା। ସୋମବାର ରାତିରେ ମଧ୍ୟ ବିକ୍ଷୋଭବେଳେ ପୋଲିସ ସହ ଡାକ୍ତରଙ୍କ ସଂଘର୍ଷ ହୋଇଥିଲା। ଜନସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ଡାକ୍ତରମାନଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାଉନ୍‌ସେଲିଂ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି।

ବିଭିନ୍ନ ହସ୍ପିଟାଲର ଡାକ୍ତରମାନେ ଫେଡେରେଶନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ (ଏଫ୍‌ଆର୍‌ଡିଏ)ରେ ସାମିଲ ହୋଇ ବିକ୍ଷୋଭ କରୁଛନ୍ତି। ଅଲ୍ ଇଣ୍ଡିଆ କୋଟାରେ ଇଡବ୍ଲ୍ୟୁଏସ୍ କୋଟାକୁ ଚ୍ୟାଲେଞ୍ଜ କରି ଏହି କାଉନସେଲିଂ ପାଇଁ ଏକାଧିକ ପିଟିଶନ୍ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ବର୍ଷେ ହେଲାଣି ଆଡ୍‌ମିଶନ ପାଇଁ କାଉନସେଲିଂ ବନ୍ଦ ରହିଛି। ତୁରନ୍ତ ଫାଷ୍ଟଟ୍ରାକ୍ ଏନ୍‌ଇଇଟି କାଉନସେଲିଂ କରାଇବାକୁ ସେମାନେ ଦାବି କରିଛନ୍ତି।

## ମୋଦିଙ୍କ ସୁରକ୍ଷାରେ ୧୫ କୋଟିର ମର୍ସିଡିଜ୍



**ନୂଆଦିଲ୍ଲୀ, ୨୮।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ କନ୍‌ଭେ ବା ସୁରକ୍ଷାଗାଡ଼ିରେ ଏକ ନୂଆ ମର୍ସିଡିଜ୍-ମେବ୍ୟାକ୍ କାର୍ ସାମିଲ କରିଛନ୍ତି। ସେ ଏପର୍ଯ୍ୟନ୍ତ ବ୍ୟବହାର କରୁଥିବା ରେଞ୍ଜ୍ ରୋଭର ଭୋଗ୍ ଏବଂ ଟୟୋଟା ଲ୍ୟାଣ୍ଡ କ୍ରୁଜର୍‌କୁ ଅପଗ୍ରେଡ୍ କରିଛନ୍ତି। ପ୍ରଥମେ କିଛି ଦିନ ତଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭାରତ ଗସ୍ତବେଳେ ହାଇଦ୍ରାବାଦ୍‌ରେ ମେବ୍ୟାକ୍ ଏସ୍୬୫୦ ଗାର୍ଡରେ ପ୍ରଥମ କରି ମୋଦିଙ୍କୁ ଦେଖିବାକୁ ମିଳିଥିଲା। ଏହାର ମୂଲ୍ୟ ୧୨ରୁ ୧୫ କୋଟି ଟଙ୍କା ହେବ। ଏହି କାର୍‌ରେ ଭିଆର୍୧୦-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ଏହା ସମ୍ପୂର୍ଣ୍ଣ ଭାବେ ବୁଲେଟ୍ ପ୍ରୁଫ୍। ଏହା ବିସ୍ଫୋଟକ ପ୍ରତିରୋଧୀ ବାହନ (ଇଆର୍‌ଭି) ୨୦୧୦ ରେଟିଂ ପ୍ରାପ୍ତ ଏବଂ ଏଥିରେ ପଲିକାର୍ବୋନେଟ୍ କୋଟିଂ ୱିଣ୍ଡୋ ରହିଛି। ଗ୍ୟାସ୍ ଲିକେଜ୍‌ବେଳେ ପାସେଞ୍ଜର କେବିନ୍‌କୁ ଅଲଗା ଭାବେ ବାୟୁ ସଞ୍ଚାଳନ ହୋଇପାରିବ। ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି)ର ଅନୁରୋଧ କ୍ରମେ ଏହି କାର୍‌କୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ସାମିଲ କରାଯାଇଛି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER**
**LOWER SUKTEL IRRIGATION PROJECT, BALANGIR**
**AT- LALTIKRA, DIST.- BALANGIR, PIN- 767002**
email - Id- ccelsp@gmail.com

No.A-782:-

**Cancellation of Bid**

| | | |
|---|---|---|
| I | Name of work | Execution of Pressurized UGPL Irrigation Network system for Left and Right commands of Lower Suktel Irrigation Project with Distribution network upto 1 Ha sub-chak compatible with micro Irrigation having total planned CCA of 40000 Ha on EPC mode (Turn-Key Basis) including power system connectivity, electro-Mechanical components, PIM and operaton & maintenance of complete commissioned system for 15 years. |
| II | Bid Identification No. | 03/2021-22 of CCE, LSP, Balangir |
| III | Name & address of the officer inviting bid | Chief Construction Engineer, Lower Suktel Irrigation Project, Balangir, At- Laltikra, P.O.- Rajendra College, Dist.- Balangir, PIN-767002 |

Sd./- Chief Construction Engineer, Lower Suktel Project, Balangir
OIPR-32333/11/0005/2122

**OFFICE OF THE COLLECTOR, BHADRAK**
**(ST & SC Dev. Section)**
dwobhadrak@gmail.com, 06784-240335/241415
Notification No. 1796/SSD Date: 28.12.2021
The earlier Advertisement No. 760/SSD Dtd.30.06.2020 wherein applications are invited for engagement of one Sanskrit Teacher and one Junior Teacher is hereby cancelled.
By Order of Collector, Bhadrak
Sd./- District Welfare Officer, Bhadrak

**OFFICE OF THE CHIEF CONSTRUCTION ENGINEER** No. O-1568
**RURAL WORKS CIRCLE, BARIPADA**
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
**"e"-Procurement Notice for PMGSY Works | Identification No. Online Tender-PMGSY N.C.B. No. 209 for 2021-22**
**Letter No. 4592/Date: 28.12.2021**

1. Name of the work :- Construction of Maintenance of PMGSY-III (Batch-I) 2021-22 for Road work in the district of Mayurbhanj
2. Total No. of works :- 01 No. (One)
3. Estimated Cost :- Rs.263.36 lakhs (Approximately)
4. Eligible Class of Contractor :- 'B' & 'A' Class Contractor
5. Period of Completion :- 09 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | PMGSY Online N.C.B. No.209 | Dt.30.12.2021 at 11.00 A.M. | Dt.13.01.2022 up to 5.00 P.M. | Dt.12.01.2022 up to 5.00 P.M. | Dt.15.01.2022 at 11.00 A.M. | Dt.24.01.2022 at 11.00 A.M. |

- Further details can be seen from the website www.pmgsytenders.gov.in
- Any Corrigendum / Addendum will be displayed in the above e_tender website only.

OIPR-25130/11/0043/2122 Sd./- Chief Construction Engineer, Rural Works Circle, Baripada

**PANCHAYAT SAMITI, BORIGUMMA**
No.4529/21 Date: 27.12.2021
**TENDER CALL NOTICE**
No.i-307:- The sealed tender papers are invited from the intending registered Agency / Bidder having GST certificate, PAN card and authorized electrical MV/HT for installation of LED based Solar Street Light System for Borigumma Block. The tender paper period of sale/ download of tender documents from Dt.27.12.2021 to 03.01.2022 and last date for receipt on Dt.03.01.2022 upto 1.00 P.M. and date of opening on Dt.04.01.2022 at 3.00 P.M. onwards of the office chamber of Block Development Officer, Borigumma in presence of Agency / Bidder or their authorized representative. The tender papers are available in the office of the undersigned from Dt.27.12.2021 to 03.01.2022 on depositing Rs.6000/- (Rupees Six thousand) only (non refundable) in shape of Bank Draft in favour of Block Development Officer, Borigumma. The details of the tender works are available in the website 'http/www.koraput.nic.in' and the other term & conditions are available in DTCN.
The authority reserves the right to accept / reject / cancel all the quotations without assigning any reason thereof.
Sd./- Block Development Officer, Borigumma
OIPR-19033/11/0008/2122

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751001
*Ref. No. 5018/OSCB/HRDD/2021-22* *Date: 24.12.2021*
**QUOTATION CALL NOTICE**
No.LL-19: Sealed Quotations are invited from reputed OEMs/ Authorised Dealers for supply and installation of 3 sets of 5 KVA (1+1) hot standby online UPS under buyback of old UPS to be installed at Kalinga Hospital Campus Branch, Sambalpur Branch and Angul Branch of Odisha State Cooperative Bank Ltd.
The detailed Quotation Call Notice along with terms and conditions can be downloaded from the official website www.odishascb.com from 27.12.2021 to 10.01.2022. The quotation should reach through Speed Post/ Registered Post with AD only by 2 P.M. of 10.01.2022 and will be opened on the same day at 4 P.M. in presence of quotationers or their authorized representatives.
OIPR-39012/11/0020/2122 Sd./- Managing Director

**OFFICE OF THE DEPUTY DIRECTOR OF TEXTILES, CUTTACK**
At- Jobra Canal Road, P.O.- College Square, Dist.- Cuttack, PIN-753003, Tele Fax: 0671-2549133 (Off.)
E-mail:- ddtex.cuttack@gmail.com
Letter No. 6193 /DDTEX, Cuttack Dt. 27.12.2021
No. PP-88: Sealed Quotations are invited from the registered suppliers / manufacturers / dealers / firms having valid PAN and GST registration with up to date Income Tax & GST clearance certificate, for supply of different handloom items like-Frame looms, Weaving Accessories (different size/type/counts of heald, reed, cycle rim charkha , Bishnupuri Charkha, pirn, bobbin, shuttle, dobby, take up motion set, Iron Jacquard, Bala frame with Adda & counting glass for the weavers of Cuttack Textiles Zone under the scheme "Promotion of Handloom Industries" for the year 2021-22
Besides, sealed Quotations are also invited for supply of Loom, Jacquard, Dobby Dyeing Pots with other apparatus, Frame for Tieing of yarn & all components for preparation of Jalla for the Trainees under Weaving with Jacquard, Jalla & Dobby, Tie & Dye making and weaving and Dyeing training for 2021-22. Interested suppliers may quote their lowest rate with detailed specification (material to be used/ size/specification/brand etc) along with the copy of Income Tax Clearance Certificate, GST Registration and proof of execution of such orders earlier if any to the undersigned on or before dt. 03.01.2022 by 05.00 P.M through Registered/ Speed Post only. The quotation received either in incomplete form or after the due date & time will not be considered and treated as cancelled. The quotations will be opened on dated. 04.01.2022 at 11.30 A.M (for POHI 2021-22) & 2.30 P.M for Skill up-gradation training' 2021-22 in the office of the undersigned in presence of the quotationers or their authorized representatives and members of purchase committee. The quotationers or their authorized representatives if any must present on that day with samples of the quoted items, failing which the related quotations shall not be considered.
N.B: (Sealed Quotations must be submitted for each programme in separate envelopes i.e. super scribed as Quotation for POHI' 2021-22 & Quotation for Skill up-gradation Training' 2021-22).
For more details, term & condition etc. for supply of the items, please visit the official web site of Directorate of Textiles Odisha, Bhubaneswar **www.textiles.odisha.gov.in** or State Agency for Development of Handloom Cluster (SADHAC), Bhubaneswar– **www.Sadhacodisha.org** or official web site of Odisha State Handloom Weavers Co-operative Societies Ltd, Bhubaneswar (BOYANIKA)- **www.boyanika.com** or Official web site of Sambalpuri Bastralay Weavers Co-operative Society Ltd., Bargarh- **www. sambalpuribastralaya.com** and may contact the Deputy Director of Textiles, Cuttack in the above listed address, email & Phone number. The undersigned reserves the right to reject or accept any or all the quotations without assigning any reason thereof.
OIPR-31006/11/0005/2122 Sd./- Deputy Director of Textiles, Cuttack

**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**
E-mail: pwdoff_khd@yahoo.com
**Tender Call Notice No.44/2021-22**
No. B-912
The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double Cover** system in ONLINE MODE from eligible class of contractors having valid registration certificate for execution of the Civil works as detailed below:
1. Nature of work : Civil work
2. No. of work : 01 No.
3. Tender cost : Sl. No.1 Rs.10,000.00 (on-line)
4. Class of Contractor : Sl. No. 1 'B & A' Contractor
5. Available of bid document in the website : From Dt.06.01.2022 at 10.30 AM to Dt.25.01.2022 at 5.00 PM
6. Date of opening of Bids : Dt.27.01.2022 at 11.30 AM
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding Addendum /Corrigendum /Cancellation of tender can be available in the said website.

Sd./- Superintending Engineer
Khurda (R&B) Division, Khurda
OIPR-34095/11/0008/2122

**GOVERNMENT OF ODISHA** No. A-785
**OFFICE OF THE EXECUTIVE ENGINEER, M.I. DIVISION, GANJAM NO.-I, BERHAMPUR**
**E-PROCUREMENT NOTICE**
**Bid Identification No. Online Tender/03/GMID-1/2021-22**
Name of work : Civil Construction works
No. of work : 05 (Five)
Estimated Cost : Varies from Rs.8.90 lakh to Rs.43.0 lakh
Period of Completion : 02 (Two) Calendar Months
Date and time of sale and receipt of Bid document Online : From 31.12.2021 at 10.00 hrs. to 10.01.2022 upto 17.00 hrs.
Date & time of opening of Bids : 11.01.2022 at 11.00 hrs.
Name & address of the Officer Inviting Tender : Executive Engineer, M.I. Division, Ganjam-I, Berhampur
Further details can be seen from the website: **https://www.tendersodisha.gov.in**. Any Addendum/Corrigendum/ Cancellation of can also be seen in the said website.
Executive Engineer
M.I. Divn., Ganjam-I, Berhampur
OIPR-32104/11/0005/2122

**ସରପଞ୍ଚ ଓ ସମିତି ସଭ୍ୟ ଆସନ ଘୋଷଣା**

ବଡ଼ଗାଁ,(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଧୀନ ୧୫ଟି ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଆସନ ଘୋଷଣା କରାଯାଇଛି। ଇତମା,ଏକମା, ଜରଙ୍ଗଲୋଇ, ଟିକିଲିପଡା, ତୁଡାଲଗା,ପାମରା, ରୁନଗା, ସାହାଜବାହାଲ, ସରପଞ୍ଚ ଆସନ ଏସଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା ବେଳେ ଟିମନା, ଫୁଲବାରୀ, ବଡ଼ଗାଁ, ବରଙ୍ଗାକଛାର, ଭୋଇପାଲି ବାମଡେରା, ଦାଣ୍ଡଜମରା ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି। ଏକମା, ଜରଙ୍ଗଲୋଇ, ଟିକିଲିପଡା, ତୁଡାଲଗା ରୁନଗା, ବଡ଼ଗାଁ, ବରଙ୍ଗାକଛାର, ଦାଣ୍ଡଜମରା, ସମିତି ସଭ୍ୟ ଆସନ ଏସଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଇତମା, ସାହାଜବାହାଲ, ଫୁଲବାରି ଏସଟିଙ୍କ ପାଇଁ ରହିଛି। ଟିମନା ଭୋଇପାଲି ବାମଡେରା ଆସନ ଅଣ ସଂରକ୍ଷିତଙ୍କ ପାଇଁ ରହିଛି। ଜିଲା ପରିଷଦ କ ଆସନ ଏସଟି ଓ ଖ ଆସନ ଏସଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ସଂକ୍ଷେପରେ

### ଆୟକର ବିଭାଗ ପକ୍ଷରୁ ଚଢ଼ାଉ

**ରାଉରକେଲା ଅଫିସ,୨୮।୧୨:** ରାଉରକେଲା ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଉପରେ ମଙ୍ଗଳବାର ରାଉରକେଲା ଓ ଭୁବନେଶ୍ୱର ଆୟକର ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଆୟକର ବିଭାଗ ରାଉରକେଲା ସମେତ ବଣେଇ ଅଞ୍ଚଳର କିଛି ଶିକ୍ଷାନୁଷ୍ଠାନରେ ମଧ ଚଢ଼ାଉ କରିଥିଲା। ରାଉରକେଲା ସ୍ଥିତ ପାନପୋଷ ବାଇପାସ୍ ରୋଡ଼ରେ ଥିବା ରିଲାଏବଲ ସ୍ପଞ୍ଜ କାରଖାନା କାର୍ଯ୍ୟାଳୟ ଓ ସିଭିଲଟାଉନଶିପ୍ ସ୍ଥିତ ବାସଭବନ ଏବଂ ଦୁଆ ଏଣ୍ଡ ଦୁଆ କମ୍ପାନୀର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୨୦ରୁ ଅଧିକ ଆୟକର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ଠିକ୍ ଭାବେ ଆୟକର ପ୍ରଦାନ କରୁଛନ୍ତି କି ନାହିଁ ତାର କଡାକଡି ଯାଞ୍ଚ କରାଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ସାଢେ ୭ଟା) ବିଭାଗ ପକ୍ଷରୁ ସବିଶେଷ ସୂଚନା ମିଳିନାହିଁ।

### ପ୍ରେମିକାଙ୍କୁ ମାଡ଼ ମାରି ପ୍ରେମିକ ଗିରଫ

**କୁତ୍ରା,୨୮।୧୨ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ବୁଡ଼ାକଟା ଗ୍ରାମରେ ଜଣେ ଯୁବତୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛନ୍ତି। ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ତେଲିଘଣା ଗ୍ରାମର ସଚିନ ଟପ୍ପୋ (୨୧) ବୁଡାକଟା ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ତେବେ କିଛି ମାସ ହେବ ଉଭୟଙ୍କ ମଧରେ କୌଣସି କାରଣବଶତଃ ମତାନ୍ତର ଲାଗି ରହିଥିଲା। ସୋମବାର ଯୁବତୀ ଜଣକ ରାଜଗାଙ୍ଗପୁରରୁ ଘରକୁ ଫେରୁଥିବା ବେଳେ ବୁଡାକଟା ଗ୍ରାମର ମୁଖ୍ୟ ରାସ୍ତାରେ ସଚିନ ତାଙ୍କୁ ମାଡ ମାରିଥିଲେ। ଏ ନେଇ ଯୁବତୀଙ୍କ ପରିବାରବର୍ଗ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ମଙ୍ଗଳବାର ସଚିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା କୁତ୍ରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଟ୍ରକ୍-ଟ୍ରେଲର ଧକ୍କା: ଜଣେ ମୃତ

**ରେଢାଖୋଲ,୨୮।୧୨(ଡି.ଏନ.ଏ.):** ୫୫ନଂ ଜାତୀୟ ରାଜପଥର ଚାରମାଳ ଥାନା ଲମ୍ବଖେତା ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଟ୍ରକ୍ ସହ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ଟ୍ରକ୍ ଡ୍ରାଇଭର ଉତ୍ତରପ୍ରଦେଶର ଅଦ୍ୱେଶ ଶର୍ମାଙ୍କ ମୃତ୍ୟୁ ହୋଇଛି। ସୌଭାଗ୍ୟବଶତଃ ଟ୍ରକରେ ଥିବା ତାଙ୍କ ୮ବର୍ଷର ପୁଅ ରକ୍ଷା ପାଇଯାଇଛନ୍ତି। ସୂଚନାମତେ ପୂର୍ବରୁ ଅଦ୍ୱେଶଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ପୁଅକୁ ସାଙ୍ଗରେ ଧରି ଟ୍ରକ ଚଳାନ୍ତି। ମଙ୍ଗଳବାର ତାଙ୍କ ଟ୍ରକ୍ ସମ୍ବଲପୁର ପଟୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର (ନଂ ଓଡି୧୫ଏମ ୬୭୨୯) ସହ ଲମ୍ବଖେତା ନିକଟରେ ଧକ୍କା ହୋଇଥିଲା। ଫଳରେ ଅଦ୍ୱେଶଙ୍କୁ ଗୁରୁତର ଅବସ୍ଥାରେ ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢାଖୋଲ ଡ୍ରାଇଭର ସଂଘର କର୍ମକର୍ତ୍ତା ଶିଶୁପୁତ୍ରକୁ ଦାୟିତ୍ୱରେ ରଖିଥିବା ଜଣାପଡିଛି।

### ରାଜ୍ୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ: ରାଉରକେଲାକୁ ୧୭ ପଦକ

**ରାଉରକେଲା ଅଫିସ,୨୮।୧୨:** ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୩୩ ତମ ରାଜ୍ୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭିନିଲ କ୍ରିଷ୍ଣା ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ କରାଟେ ସଂଘ ସଭାପତି ଡଃ ଗିରି ପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଗୌରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କ୍ରୀଡା ପରିଚାଳିତ ହୋଇଥିଲା। ଏଥିରେ ୧୮ଟି ଜିଲାର କରାଟେ ଆସୋସିଏଶନର ୪ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ରାଉରକେଲା କରାଟେ ଆସାସିଏଶନ ଦ୍ୱାରା ମନୋନିତ ୧୪ ଜଣିଆ ଦଳ ୧୭ଟି ପଦକ ହାସଲ କରିଛନ୍ତି। ଏହି କୃତିତ୍ୱ ପାଇଁ ରାଉରକେଲା କରାଟେ ଆସୋସିଏଶନ ସଭାପତି ସାରଦା ପ୍ରସାଦ ନାୟକ ଓ ସମସ୍ତ କର୍ମକର୍ତ୍ତା କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଉତ୍ୟକ୍ତ ଲୋକଙ୍କ ଏନ୍‌ଏଚ୍ ଅବରୋଧ

**ଝାରସୁଗୁଡ଼ା ଅଫିସ,୨୮।୧୨**

ଝାରସୁଗୁଡ଼ା ଜିଲାର ବିଭିନ୍ନ କଳକାରଖାନାରୁ ନିର୍ଗତ ପାଉଁଶ ନିୟମିତ ଭାବେ ଟ୍ରକ୍ ଓ ହାଇୱାରେ ବୋଝେଇ ହୋଇ ରାସ୍ତାରେ ଯା'ଆସ କରୁଛି। ଏହିସବୁ ଯାନରୁ ପାଉଁଶ ରାସ୍ତାରେ ପଡି ପ୍ରଦୂଷଣ ହେବା ସହ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏପରି କି ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ୪୯ନଂ ଜାତୀୟ ରାଜପଥ ଇବ୍‌ନଦୀ ବରଘାଟ ନିକଟରେ ପାଉଁଶ ପଡିଥିବାବେଳେ ଏହା ଉପରେ ବାଲି ବୋଝେଇ ଗାଡିରୁ ପାଣିପଡି ରାସ୍ତା କାଦୁଅ ହୋଇଯାଇଥିଲା। ଏହି ରାସ୍ତାରେ ମଙ୍ଗଳବାର ଯାତାୟାତ କରୁଥିବା ୨ଚକିଆ ଯାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସେମାନେ ପୂର୍ବାହ୍ନ ୮ଟାରୁ ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଅଟକି ରହିଥିଲା। ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ଓ ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ପରେ ଝାରସୁଗୁଡା ତହସିଲଦାର କୁଳମଣି ରଣବିଡା ସେଠାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ ସର୍ବସାଧାରଣ ରାସ୍ତାରେ ପାଉଁଶ ବୋଝେଇ ଭାରିଯାନ ଚଳାଚଳ ବନ୍ଦ ପାଇଁ ଦାବି କରିଥିଲେ। ଏ ନେଇ ପ୍ରଶାସନ ତରଫରୁ ବହୁଶୀଘ୍ର ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



୪୯ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି ଲୋକେ।

**ରାସ୍ତାରେ ପାଉଁଶ ଯୋଗୁ ଦୁର୍ଘଟଣା**

# ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ମୃତ

**ବଣାଇଁ,୨୮।୧୨(ସ୍ୱ.ପ୍ର.)**

ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ ଜିଲାର ନରେନ୍ଦ୍ର-ବଣାଇଁ ପୂର୍ତ୍ତବିଭାଗ ରାସ୍ତାର ବରଡ଼ାବାହାଳ ନିକଟରେ ସଡକ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘନଶ୍ୟାମ ବ୍ରହ୍ମ (୨୭) ଓ ଶିବୁ ମହାନ୍ତି (୨୮)। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଓଡି୧୪ୱାଇ ୦୦୨୬ ନଂ ବାଇକ୍‌ରେ ଘନଶ୍ୟାମ ଓ ଶିବୁ ଯାଉଥିବା ବେଳେ ବରଡାବାହାଳ ନିକଟରେ କୌଣସି ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଦୁର୍ଘଟଣା ପରେ ଉଭୟ ବାଇକ୍ ଆରୋହୀ ତଳେ ପଡି ଛଟପଟ ହେଉଥିଲେ ହେଁ ଆମ୍ବୁଲାନ୍ସ ପ୍ରାୟ ୧ ଘଣ୍ଟା ବିଳମ୍ବରେ ପହଞ୍ଚି ଉଦ୍ଧାର କରି ବଣାଇ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲା। ମାତ୍ର ସେଠାରେ ଡାକ୍ତର ଘନଶ୍ୟାମ ଓ ଶିବୁଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁଇ ମୃତକଙ୍କ ଘର ବଣାଇଁ ଥାନା ଅନ୍ତର୍ଗତ ଉପରପଡା ଗ୍ରାମରେ। ମୃତଦେହ ମର୍ଗ ହାଉସରେ ରଖାଯାଇଛି, ହସପିଟାଲ ପରିସରରେ ପରିବାରବର୍ଗ ଓ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ବଣାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ବନ୍ଧୁକ କାରବାର ଅଭିଯୋଗରେ ୪ ଗିରଫ

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ସମ୍ବଲପୁର ଜିଲା ରେଙ୍ଗାଲି ପୋଲିସ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠେଲକୋଲି ଥାନା ଲପଙ୍ଗା ଗ୍ରାମର ନେପାଳ ବେହେରା (୩୪), ଲଡୁପାଲି ଖୁଣ୍ଟାର ଅନୀଲ ନାଏକ(୨୭) ଓ ପ୍ରଦିପ ଭୋଇ (୨୭), ଅଇଁଠାପାଲି ଥାନା ଶାନ୍ତିନଗରର ରାଜୁ ଥପ୍ପା (୨୧)। ସେମାନଙ୍କ ନିକଟରୁ ଏକ ୯ ଏମ୍‌ଏମ୍ ଦେଶୀ ପିସ୍ତଲ, ଖାଲି ମାଗାଜିନ, ବ୍ୟବହୃତ କାର (ଓଆର୧୫କ୍ୟୁ-୯୫୩୧) ଜବତ ହୋଇଛି। ଏ ନେଇ ରେଙ୍ଗାଲି ଥାନାରେ ଏକ ମାମଲା (ନଂ୨୩୦/୨୧) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ ରେଙ୍ଗାଲି ପୋଲିସର ପାଟ୍ରୋଲିଂ ଟିମ୍ ରମ୍ଭେଲା ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଉପରୋକ୍ତ ନମ୍ବର କାର୍ ଯୋଗେ ଅଭିଯୁକ୍ତମାନେ ସମ୍ବଲପୁର ପଟକୁ ଆସୁଥିଲେ। ପୋଲିସ ଅଟକାଇ ଯାଞ୍ଚ କରିବାରୁ ବନ୍ଧୁକ ପାଇଥିଲା। ସେମାନେ ବନ୍ଧୁକର କୌଣସି କାଗଜପତ୍ର ପୋଲିସକୁ ଦେଖାଇପାରି ନ ଥିଲେ। ପୋଲିସ ପଚରାଉଚୁରା କରିବା ପରେ ସେମାନେ ବନ୍ଧୁକ କାରବାର କରୁଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ରେଙ୍ଗାଲି ସମେତ ଠେଲକୋଲି ଥାନାରେ ଲୁଟ୍, ଡକାୟତି, ଦାବାବଟି, ହତ୍ୟା ଧମକ ଦେବା ଭଳି ଏକାଧିକ ମାମଲା ରହିଛି।



ଗିରଫ ଅଭିଯୁକ୍ତ ଓ ଜବତ ପିସ୍ତଲ।

**୯ ଏମ୍‌ଏମ୍ ଦେଶୀ ପିସ୍ତଲ ଜବତ**

## ଜିଏସ୍‌ଟି ଠକେଇ: କପଡା ଦୋକାନରେ ଚଢାଉ

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଗୁଜୁରାଟି କଲୋନୀର ଏକ କପଡା ହୋଲସେଲ ଦୋକାନରେ ଜିଏସ୍‌ଟି ଠକେଇ ଅଭିଯୋଗରେ ମଙ୍ଗଳବାର ଚଢାଉ କରାଯାଇଛି। ବିଭାଗର ଏକ ୭ ଜଣିଆ ଟିମ୍ ଚଢାଉରେ ସାମିଲ ଥିଲେ। ଗୋଦାମରେ ଷ୍ଟକ, ସେଲ, ବିକ୍ରି, କିଣିବା ପରିମାଣକୁ ନେଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। କେତେ ପରିମାଣ ଠକେଇ ବା ଆଉ କ'ଣ ପଦକ୍ଷେପ ନିଆଯିବ ସେ ନେଇ ଟିମ୍ ସ୍ପଷ୍ଟ କରି ନାହିଁ।

## ସୁନ୍ଦରଗଡ଼ରେ ଘଡଘଡ଼ି ସହ ଅଦିନିଆ ବର୍ଷା

**ସୁନ୍ଦରଗଡ,୨୮।୧୨(ଡି.ଏନ.ଏ)**

ସୁନ୍ଦରଗଡରେ ମଙ୍ଗଳବାର ରାତି ପ୍ରାୟ ସାଢେ ୭ଟାରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଛି। ହାଡଭଙ୍ଗା ଶୀତ ପରେ ଗତ ଦୁଇଦିନ ଧରି ଏଠାରେ ଦିନ ତମାମ ଘନ କୁହୁଡି ଦୃଶ୍ୟମାନ ହୋଇଥିଲା। ସନ୍ଧ୍ୟାରେ ପୌଷ ମାସରେ ଶ୍ରାବଣର ଧାରା ସାଙ୍ଗକୁ ବିଜୁଳି ଘଡଘଡିରେ ଆକାଶ ଫାଟିପଡିଥିଲା।

# ରାଉରକେଲାର ୟୁଥ୍ କ୍ଲବ ବିଜୟୀ




ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ଦେବଗଡ଼୨୮।୧୨(ଡି.ଏନ.ଏ)**

**ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୧ତମ ବାମଣ୍ଡା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ପଞ୍ଚମ ଦିବସ ମ୍ୟାଚ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ରାଉରକେଲାର ୟୁଥ କ୍ଲବ ବିଜୟୀ ହୋଇଛି। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ୟୁଥ କ୍ଲବ ୨୦ ଓଭରରେ ୬ଟି ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଅମ୍ପାୟାର ପରାଶର ବିଶ୍ୱାଳ ଓ ସତ୍ୟ ପ୍ରସାଦ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ରାଉରକେଲା ୟୁଥ କ୍ଲବର ବ୍ୟାଟ୍ସମ୍ୟାନ ନିରୋଜ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନ କ୍ରମେ ମଙ୍ଗଳବାର ସମ୍ବଲପୁର ଡିଭିଜନ ପକ୍ଷରୁ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସେଠାରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରି ତୋଳାଳିଙ୍କ ଜୀବନଜୀବିକା ସୁରକ୍ଷା ପାଇଁ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ପାଇଁ ଦାବି କରିଥିଲେ। ସଂଘ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ଓ ପର୍ଯ୍ୟବେକ୍ଷକ ସଞ୍ଜି ମହାନ୍ତି, ଦୀନବନ୍ଧୁ ବେହେରା, କୀର୍ତ୍ତନ ସେନାପତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଜିଏସ୍‌ଟି ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ମହାନ୍ତି ଘୋଷଣା କରିଥିଲେ। ପରେ ଆର୍‌ଡିସିଙ୍କ ଜରିଆରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ଦୁଇହଜାର କେରିକୁ ପୂର୍ବପରି ହଜାରେ କରିବା, ଗ୍ରାମ ସଭା ନାମରେ ଘରୋଇକରଣକୁ ପ୍ରୋତ୍ସାହନ ନ ଦେବା, ସମାଜିକ ନିରାପତ୍ତା ପ୍ରୋତ୍ସାହନ ଯଥା ଛାତ୍ର ବୃତ୍ତି, କନ୍ୟା ବିବାହ, ଚିକିତ୍ସା ସହାୟତାକୁ ପୁନଃ ପ୍ରଚଳନ କରିବା, ବୋନସ ଓ ପ୍ରୋତ୍ସାହନ ରାଶି ବୃଦ୍ଧି ଆଦି ଦାବି ରହିଛି। ଅନ୍ୟମାନଙ୍କ ମଧରେ ଲକ୍ଷ୍ମୀ ମହାପାତ୍ର, ମୋହିତ ନାୟକ, ସୁମିତ ପଟେଲ, ସୁଭେନ୍ଦୁ ନାୟକ, ରୁମନ ପ୍ରଧାନ, ଦୁର୍ଯ୍ୟୋଧନ ମହାନ୍ତି, ବଳରାମ ଦାସ ପ୍ରମୁଖ ସାମିଲ ଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଧାରଣା

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ କର୍ମକର୍ତ୍ତା ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କମ୍ପାନୀର କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିବାରୁ ଆନ୍ଦୋଳନକାରୀଙ୍କ ମଧରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦାବି ପୂରଣ ନ ହେଲେ ଜାନୁୟାରୀ ୩ରୁ ସଂଘ କୋର କମିଟି ସଭ୍ୟ ଆମରଣ ଅନଶନରେ ବସିବେ। ସେଥିପାଇଁ କମ୍ପାନୀ ଦାୟୀ ରହିବ ବୋଲି ସଂଘ ସାଧାରଣ ସମ୍ପାଦକ ସୁବାସ ତିୱାରୀ ଚେତାବନୀ ଦେଇଛନ୍ତି। ସଂଘ ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ଉପଦେଷ୍ଟା ସର୍ବେଶ୍ୱର ପଣ୍ଡା, ଅନୀଲ କୁମାର ଦେବତା, ଉପସମ୍ପାଦକ ମୁକୁନ୍ଦ କୁମାର ମିର୍ଦ୍ଧା, ସମୀର ବେହେରା, ରଘୁ ବେହେରା ପ୍ରମୁଖ ଧାରଣାସ୍ଥଳରେ ବକ୍ତବ୍ୟ ରଖିଥିଲେ।

# ବିରାଟ ମେଧାବୃତ୍ତି ପରୀକ୍ଷା

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ବିରାଟ ମେଧାବୃତ୍ତି ପରୀକ୍ଷା ୨୦୨୧-୨୦୨୨ ସମ୍ବଲପୁର ସହଯୋଗ ନଗରସ୍ଥିତ ଇନ୍‌ଷ୍ଟିଚ୍ୟୁଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏ ନେଇ ବିରାଟ ଅଧକ୍ଷ ରାହୁଲ ରାଜ ସୂଚନା ଦେଇ କହିଛନ୍ତି, କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶତ ପ୍ରତିଶତ ବୃତ୍ତି ଦିଆଯିବ। ଏହି କ୍ରମରେ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରୀଛାତ୍ର ଫାଉଣ୍ଡେସନ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୨ ବର୍ଷିୟା, ଦ୍ୱାଦଶ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯାଇଛି। କୌଣସି କାରଣରୁ ପରୀକ୍ଷା ଦେଇପାରି ନ ଥିବା ଛାତ୍ରୀଛାତ୍ର ଆସନ୍ତା ଜାନୁୟାରୀ ୨ ଓ ୯ ତାରିଖରେ ଦେଇପାରିବେ।

# ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଝାରସୁଗୁଡ଼ା ଅଫିସ,୨୮।୧୨**

ଝାରସୁଗୁଡ଼ା ରେଳଷ୍ଟେଶନରୁ ଜିଆର୍‌ପି ପୋଲିସ୍ ୨ ବସ୍ତାରେ ଭର୍ତ୍ତି ହୋଇଥିବା ସାଢେ ୩୨କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କନ୍ଧମାଳ ଜିଲା ଗୋଛାପଡା ଥାନା ବାଟିମୁଣ୍ଡା ଗ୍ରାମର ରବି ନାୟକ(୨୫)। ଏ ନେଇ ଜିଆର୍‌ପି ପୋଲିସ ଝାରସୁଗୁଡା ଜିଆର୍‌ପି ଥାନାରେ ଏକ ମାମଲା (ନଂ୯୧/୨୧) ରୁଜୁ କରିଛି। ଜେରାବେଳେ ଅଭିଯୁକ୍ତ ଜଣଙ୍କ କନ୍ଧମାଳରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ ବୋଲି ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି।



ଧରିତ୍ରୀ
DHARITRI
ବୁଧବାର, ୨୯ ଡିସେମ୍ବର, ୨୦୨୧

# ପାୱାର ଲିଷ୍ଟ ୨୦୨୧



୨୦୨୧ରେ କରୋନା ମହାମାରୀ ମଧ୍ୟରେ ସ୍ୱାଭାବିକ ସ୍ଥିତିକୁ ଫେରିବାରେ ସଂଘର୍ଷ କରିଥିଲା ସାରା ବିଶ୍ୱ। ଏଦିଗରେ ରାଜନୈତିକ, ପ୍ରଶାସନିକ, ଔଦ୍ୟୋଗିକ ଓ ସାମାଜିକ ନେତୃତ୍ୱ ପାଇଁ ଆହ୍ୱାନପୂର୍ଣ୍ଣ ଥିବାବେଳେ ଟିକା ବଡ଼ ଆଶ୍ୱସ୍ତି ଆଣି ଦେଇଥିଲା। ଏଭଳି ପ୍ରଚ୍ଛଦପଟରେ ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ ବର୍ଗର କ୍ଷମତାକେନ୍ଦ୍ରଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ପ୍ରସ୍ତୁତ କରାଯାଇଛି।

## ରାଜ୍ୟ



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭି.କେ. ପାଣ୍ଡିଆନ୍
୫-ଟି ସଚିବ



ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପ୍ରଣବ ପ୍ରକାଶ ଦାସ
ବିଜେଡି ସାଙ୍ଗଠନିକ ସମ୍ପାଦକ



ଡି.ଏସ୍.କୁଟ୍ଟେ
ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ଅଶ୍ୱିନୀ ବୈଷ୍ଣବ
ରେଳ ମନ୍ତ୍ରୀ



ପ୍ରଦୀପ କୁମାର ଜେନା
ଉନ୍ନୟନ କମିଶନର

ସୁନୀଲ ବଂଶଲ
ନବନିଯୁକ୍ତ ପୋଲିସ ମହାନିର୍ଦ୍ଦେଶକ

## ଜାତୀୟ



ରାକେଶ ଟିକାୟତ
ଏସ୍‌କେଏମ୍ ନେତା

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଶରଦ ପାୱାର
ଏନ୍‌ସିପି ମୁଖ୍ୟ

ଏନ୍.ଭି. ରମନା
ପ୍ରଧାନବିଚାରପତି



ମମତା ବାନାର୍ଜୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ଏମ୍.କେ.ଷ୍ଟାଲିନ୍
ତାମିଲନାଡୁ ମୁଖ୍ୟମନ୍ତ୍ରୀ

ଶାହାରୁଖ୍ ଖାନ୍
ବଲିଉଡ ଅଭିନେତା

ସତ୍ୟପାଲ ମଲ୍ଲିକ
ମେଘାଳୟ ରାଜ୍ୟପାଳ



ପିନାରାୟ ବିଜୟନ୍
କେରଳ ମୁଖ୍ୟମନ୍ତ୍ରୀ

ଯୋଗୀ ଆଦିତ୍ୟନାଥ
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

ରାହୁଲ ଗାନ୍ଧୀ
କଂଗ୍ରେସ ନେତା

ଗୌତମ ଆଦାନୀ
ଚେୟାରମ୍ୟାନ, ଆଦାନୀ ଗ୍ରୁପ୍



ମୁକେଶ ଅମ୍ବାନୀ
ଚେୟାରମ୍ୟାନ୍, ରିଲାଏନ୍ସ ଇଣ୍ଡଷ୍ଟ୍ରି

ଅଦାର ପୁନେୱାଲା
ସିଇଓ, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍

ଅରବିନ୍ଦ କେଜରିୱାଲ
ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୀତିନ ଗଡ଼କରୀ
କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



ପ୍ରିୟଙ୍କା ଗାନ୍ଧୀ ଭଦ୍ରା
କଂଗ୍ରେସ ନେତ୍ରୀ

ଏମ୍.ଏମ୍.ନରୱନେ
ଚିଫ୍ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ

ଭୂପେଶ ବାଘେଲ
ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ମଲ୍ଲିକାର୍ଜୁନ ଖାର୍ଗେ
କଂଗ୍ରେସ ନେତା

## ଅନ୍ତର୍ଜାତୀୟ



କରୋନା

ସି.ଜିନ୍‌ପିଙ୍ଗ୍
ଚାଇନା ରାଷ୍ଟ୍ରପତି

ଜୋ. ବାଇଡେନ୍
ଆମେରିକା ରାଷ୍ଟ୍ରପତି



ଏଲନ୍ ମସ୍କ
ସିଇଓ, ସ୍ପେସ୍‌ଏକ୍ସ

ଭ୍ଲାଡିମିର୍ ପୁଟିନ
ରୁଷିଆ ରାଷ୍ଟ୍ରପତି

ମୁଲ୍ଲା ଅବ୍ଦୁଲ୍ ବରାଦର
ତାଲିବାନୀ ନେତା



ବୋରିସ୍ ଜନ୍‌ସନ୍
ବ୍ରିଟେନ୍ ପ୍ରଧାନମନ୍ତ୍ରୀ

ପରାଗ ଅଗ୍ରୱାଲ
ସିଇଓ, ଟୁଇଟର

ଜେଫ୍ ବେଜୋସ୍
ସିଇଓ , ଆମାଜନ



ଗୀତା ଗୋପୀନାଥ
ଡାଇରେକ୍ଟର, ଆଇଏମ୍ଏଫ୍

ପୋପ୍ ଫ୍ରାନ୍ସିସ୍
ପୋପ୍

କମଳା ହାରିସ୍
ଉପରାଷ୍ଟ୍ରପତି, ଆମେରିକା



ଡିମିତ୍ରି ମୁରାଟୋଭ
ନୋବେଲ ଶାନ୍ତି ପୁରସ୍କାର ବିଜେତା

ମାରିଆ ରିସା
ନୋବେଲ ଶାନ୍ତି ପୁରସ୍କାର ବିଜେତା

ରିଚାର୍ଡ ବ୍ରାନ୍‌ସନ୍
ବ୍ରିଟିଶ ବିଜ୍‌ନେସ୍ ମ୍ୟାଗ୍‌ନେଟ୍



## ଯୁବୋଦ୍ୟୋଗୀଙ୍କ ପାଇଁ ବତକ ପାଳନ

ଚଳିତବର୍ଷ ରାଜ୍ୟରେ ୧୦୦୦ ଟଙ୍କିଆ ବତକ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଲକ୍ଷ ୭୫ହଜାର ଟଙ୍କାର ପ୍ରକଳ୍ପ ବ୍ୟବସ୍ଥା କରାଯାଇଛି। ଏଥିରେ ୧୦୦ଜଣ ଯୁବୋଦ୍ୟୋଗୀ ଉପକୃତ ହେବେ। ଏଥିରେ ସେମାନଙ୍କୁ ୪୦ ପ୍ରତିଶତ ସବ୍‌ସିଡି ମିଳିବ।

## ଆନିମଲ୍ ହେଲ୍ପଲାଇନ୍

ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଧୀନରେ ୨୪ ଘଣ୍ଟିଆ ଅହୋରାତ୍ର ପ୍ରାଣୀଙ୍କୁ ଜରୁରିକାଳୀନ ସେବା ଯୋଗାଇଦେବା ପାଇଁ ୪ଟି ସିଫ୍ଟର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପୁରୀ, ସମ୍ବଲପୁର, ଅନୁଗୋଳ, ଜଗତ୍‌ସିଂହପୁର, ବାରିପଦା, ବ୍ରହ୍ମପୁର, ବାଲେଶ୍ୱର, ଭବାନୀପାଟଣା ଓ ରାଉରକେଲାରେ ଆନିମଲ୍ ହେଲ୍ପଲାଇନ୍‌ରେ ୩ ଗୋଟି ସିଫ୍ଟ (ସକାଳ ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ)ର ବ୍ୟବସ୍ଥା ରହିଛି। ଏଥିପାଇଁ ୨ ଜଣ ପ୍ରାଣୀ ଚିକିତ୍ସକ, ୨ଜଣ ଏ.ଏଚ୍.ଏଲ୍. ଆସିଷ୍ଟାଣ୍ଟ, ୨ ଜଣ ଆଟେଣ୍ଡାଣ୍ଟ ପ୍ରତ୍ୟେକ ୟୁନିଟ୍‌ରେ ରହି କାର୍ଯ୍ୟ କରିବେ।

## ଓୟୁଏଟିରେ ଉଦ୍ଭାବିତ ନୂତନ କିସମ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) କୃଷକାଭିମୁଖୀ ଗବେଷଣାରେ ସଦା ତତ୍ପର। କୃଷି କ୍ଷେତ୍ରରୁ ଅଧିକ ଉତ୍ପାଦନ ନିମିତ୍ତ ଉପଯୁକ୍ତ ମୃତ୍ତିକା, ଖାଦ୍ୟସାର, ଜଳ ଆଦିର ସୁଗମ ପରିଚାଳନା, ରୋଗ -ପୋକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ବନ୍ଧୀୟ ଜ୍ଞାନ କୌଶଳ ବିକଶିତ ସହ ବିଭିନ୍ନ ଫସଲର ରୋଗ ପୋକ ନିରୋଧକ, ପରିବର୍ତ୍ତିତ ଜଳବାୟୁ ସହ ଖାପ ଖାଉଥିବା ଉନ୍ନତମାନର କିସମ ଉଦ୍ଭାବନ କରିବାରେ ଏହି ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ ଭୂମିକା ରହିଛି। କେବଳ ୨୦୨୧ ମସିହାରେ ୯ଟି ଫସଲର ୧୭ ଟି କିସମକୁ ମିଶାଇ ଏହି ଅନୁଷ୍ଠାନର ଅଦ୍ୟାବଧି ପ୍ରାୟ ୩୧ ଟି ଫସଲରେ ୧୬୯ଟି ଉନ୍ନତ କିସମ ବିକଶିତ ହୋଇଅଛି।

ଚଳିତବର୍ଷ ଧାନ ଫସଲରେ କଳିଙ୍ଗ '୧୨୦୧, ୧୨୦୨, ୧୨୦୩, ୧୨୦୪, ୧୨୦୫, ୧୩୦୧, ୧୪୦୧, ୧୫୦୧ ଓ ୧୫୦୨' କୁ ମିଶାଇ ୯ ଗୋଟି କିସମ ; ବିରି ଫସଲରେ କଳିଙ୍ଗ ଉର୍ଦ୍ଦ-୪୧, ସୁଆଁ ଫସଲରେ କଳିଙ୍ଗସୁଆଁ ୨୧୭, କପାରେ ବି.ଏସ୍-୩୦, ଚିନାବାଦାମର କଳିଙ୍ଗ ଗ୍ରାଉଣ୍ଡନଟ୍-୧୦୧, ରାଶିରେ କଳିଙ୍ଗ ସିସେମ୍ ୩-୧, ଆଖୁ ଫସଲରେ କଳିଙ୍ଗ ସୁଗାର୍‌କେନ୍ ୩୪୬ ବିକଶିତ ହୋଇଛି। ଏହା ବ୍ୟତୀତ ପନିପରିବା ଫସଲ ମଧ୍ୟରେ ଲାଉର 'ଉତ୍କଳଶୋଭା' ଓ ଟମାଟୋର 'କଳିଙ୍ଗ ଟମାଟୋ ୧୨୧' କିସମ ଏହି ବିଶ୍ୱବିଦ୍ୟାଳୟର ସୃଷ୍ଟି। ଏହିସବୁ କିସମଗୁଡିକ ରାଜ୍ୟରେ ବିଭିନ୍ନ ଜଳବାୟୁ ଭିତ୍ତିକ ଅଞ୍ଚଳରେ ଥିବା ଗବେଷଣା କେନ୍ଦ୍ରରେ ପରୀକ୍ଷା କରାଯିବା ସହ ଏହାର ଉତ୍କର୍ଷ ପ୍ରତିପାଦିତ ହୋଇସାରିଛି। ଏହି କିସମଗୁଡିକ ଅଧିକ ଅମଳ ଦେବା ସହ ବିଭିନ୍ନ ରୋଗ, ପୋକକୁ ମଧ୍ୟ ସହିପାରିଥାନ୍ତି। ଉଦାହରଣ ସ୍ୱରୂପ 'କଳିଙ୍ଗ ଗ୍ରାଉଣ୍ଡ ନଟ ୧୦୧' ଚିନାବାଦାମ କିସମ, ପ୍ରଚଳିତ ଦେବୀ କିସମ ଠାରୁ ହାରାହାରି ୧୨% ଅଧିକ ଅମଳ ଦେଇଥାଏ। ଅମଳବେଳେ ଏହାର ପତ୍ର ସବୁଜ ରହୁଥିବାରୁ ଏହାକୁ ଗୋଖାଦ୍ୟ ହିସାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହି କିସମଟିର ପତ୍ରଦାଗ ସହଣୀଶକ୍ତି ସହ ମରୁଡି ସହିବାର କ୍ଷମତା ମଧ୍ୟ ରହିଛି। ସୁଆଁ ଫସଲରେ ବିକଶିତ ହୋଇଥିବା 'କଳିଙ୍ଗ ସୁଧା ୨୧୭' ହେକ୍ଟର ପିଛା ହାରାହାରି ୧୫୪୦କେଜି ଅମଳ ଦେବା ସହ ବୃଦ୍ଧି ଅବସ୍ଥାରେ ୧୫ଦିନ ପର୍ଯ୍ୟନ୍ତ ଅନାବୃଷ୍ଟି ସହିପାରେ। ଏହି କିସମକୁ ମଧ୍ୟ ଉଭୟ ଶସ୍ୟ ଓ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। ଗଛଗୁଡିକ ଠିଆହୋଇ ରହିବା ସହ ପାକଳ ଅବସ୍ଥାରେ ମଞ୍ଜି ବିଛାଡି ହେଉ ନ ଥିବା କାରଣରୁ ଏହାକୁ ସହଜରେ ଅମଳ କରି ହେଉଥିବ ଓୟୁଏଟି ପକ୍ଷରୁ ସୂଚିତ କରାଯାଇଛି।




## ୩୫ ନୂଆ କିସମ ବିହନ ଲୋକାର୍ପିତ

ଭାରତୀୟ କୃଷି ଗବେଷଣା ସଂସ୍ଥାନ (ଇଣ୍ଡିଆନ ଏଗ୍ରିକଲଚର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍) ପକ୍ଷରୁ ଚଳିତବର୍ଷ ୩୫ ପ୍ରକାର ନୂଆ କିସମ ଚାଷୀଙ୍କ ପାଇଁ ଲୋକାର୍ପିତ ହୋଇଛି। ଏହି କିସମଗୁଡ଼ିକ ଅଧିକ ଅମଳକ୍ଷମ। ସେଗୁଡିକ ମଧ୍ୟରେ ୮ଟି ନୂଆ ଧାନ କିସମ, ୬ଟି ଗହମ କିସମ, ତିନୋଟି ଲେଖାଏଁ ସୋୟାବିନ୍ ଏବଂ ମକା ଓ ଦୁଇଟି ଲେଖାଏଁ ସୋରିଷ, ଚିନାବାଦାମ କିସମ ରହିଛି। ଅନ୍ୟପକ୍ଷରେ ଏହି ସଂସ୍ଥାନର ବିଶେଷଜ୍ଞଙ୍କ ଦ୍ୱାରା ଆହୁରି ୧୩୦୦ ପ୍ରକାର ନୂଆ କିସମ ବିହନ ଉପରେ ଗବେଷଣା ଚାଲିଛି।

## ଉନ୍ନତ ଘୁଷୁରି ପାଳନ

ଚଳିତବର୍ଷ ୧୦ଟି ମାଈ ଓ ଅଣ୍ଡିରା ଘୁଷୁରି (୧୦+୧) ପାଳନ ନିମନ୍ତେ ୪ଲକ୍ଷ ଟଙ୍କାର ପ୍ରକଳ୍ପ ଏବଂ ଏଥିରେ ୪୦ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହି ଯୋଜନା ଦ୍ୱାରା ପ୍ରାୟ ସମୁଦାୟ ୮୫ ଜଣ ଯୁବୋଦ୍ୟୋଗୀ ଉପକୃତ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି।






ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ।

## ଗୋ-ସମ୍ବର୍ଦ୍ଧନା

ସେପ୍ଟେମ୍ବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ୭୦ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଗୋ-ପୂଜନ, ପ୍ରାଣୀ ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ସାଧାରଣ ସଭା, ଶ୍ରେଷ୍ଠ ଗୋପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୟାଗଡ଼ ଜିଲା ମାଛିପଡ଼ାଠାରେ ଚଳିତବର୍ଷର ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ପୁନର୍ଗଠନ

ରାଜ୍ୟ ସରକାର ପ୍ରାଣୀ ଚିକିତ୍ସକଙ୍କୁ ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟା ପ୍ରଦାନ କରିଛନ୍ତି। ସମୁଦାୟ ୧୯୧୦ ଗୋଟି ପଦବୀ ମଧ୍ୟରୁ ପ୍ରଥମ ଶ୍ରେଣୀ ପ୍ରାଣୀ ଚିକିତ୍ସକ ୧୩୦୦ ଜଣ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ/ସ୍ପେସିଆଲିଷ୍ଟ/ସହାୟକ ନିର୍ଦ୍ଦେଶକ ୩୭୦ଜଣ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ/ ଏ.ଡି.ପି.ଓ ଉପନିର୍ଦ୍ଦେଶକ ୧୮୯ଜଣ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ/ଯୁଗ୍ମ ନିର୍ଦ୍ଦେଶକ ୪୧ଜଣ, ଅତିରିକ୍ତ ନିର୍ଦ୍ଦେଶକ ୯ଜଣ ଏବଂ ନିର୍ଦ୍ଦେଶକଙ୍କ ଜଣେ ପଦବୀ ଏହି ପୁନର୍ଗଠନ ପ୍ରକ୍ରିୟାରେ ସୃଷ୍ଟି କରାଯାଇଛି।

## ମତ୍ସ୍ୟଚାଷ ଓ ପ୍ରାଣୀପାଳନ ପାଇଁ କ୍ରେଡିଟ୍ କାର୍ଡ

ଚଳିତବର୍ଷ ମତ୍ସ୍ୟଚାଷ ଓ ପ୍ରାଣୀ ପାଳନ ନିମନ୍ତେ ସରକାର 'କିଷାନ କ୍ରେଡିଟ କାର୍ଡ' ପ୍ରଚଳନ କରିଛନ୍ତି। ଏହି ଯୋଜନାରେ ଗୋପାଳନରେ ୩ଲକ୍ଷ, ଛେଳି, ମେଣ୍ଢା ପାଳନ, ଘୁଷୁରି ଆଦି ପାଳନ ପାଇଁ ୧ଲକ୍ଷ ୮୦ହଜାର ଯୋଗାଇ ଦିଆଯିବ। ଏହି ନୂଆ କାର୍ଡରେ ରାଜ୍ୟର ମୋଟ ୬ଲକ୍ଷ ଚାଷୀ ଉପକୃତ ହେବେ ବୋଲି ଆକଳନ କରାଯାଇଛି।



## କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ପାଇଁ ସହାୟତା

ରାଜ୍ୟରେ ୫୦ଜଣ ଯୁବୋଦ୍ୟୋଗୀଙ୍କୁ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୧୩୨ଲକ୍ଷ ଟଙ୍କାର ପ୍ରକଳ୍ପ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ତରଫରୁ କରାଯାଇଛି। ୭୫୦୦ ଅଣ୍ଡା ଦେବାର ଦକ୍ଷତା ବିଶିଷ୍ଟ ହ୍ୟାଚେରୀ ପାଇଁ ମୋଟ ବ୍ୟୟ ଅଟକଳ ୬ଲକ୍ଷ ୬୦ହଜାର ଟଙ୍କା ରହିଛି। ଏଥିରେ ୪୦ପ୍ରତିଶତ ସବ୍‌ସିଡି ବା ୨ଲକ୍ଷ ୬୪ହଜାର ଟଙ୍କା ଥିବା ବେଳେ ହିତାଧିକାରୀ ୬୦ପ୍ରତିଶତ ବା ୩ଲକ୍ଷ ୯୬ହଜାର ଟଙ୍କା ବହନ କରିବେ।

## ନୂତନ ଗୋଶାଳା

ରାଜ୍ୟରେ ବୃଦ୍ଧ, ଅକର୍ମଣ୍ୟ, ବିକଳାଙ୍ଗ, ଦୁର୍ବଳ ଆଦି ଗୋରୁଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ସରକାର ପ୍ରତ୍ୟେକ ଜିଲାରେ ନୂତନ ଗୋଶାଳାମାନ ସ୍ଥାପନ ନିମନ୍ତେ ପ୍ରୟାସ ଆରମ୍ଭ କରିଛନ୍ତି। ସେଥିପାଇଁ ୫୦ଟି ଗୋରୁ ପାଇଁ ଏକ ଏକର ଏବଂ ୧୦୦ଟି ଗୋରୁଙ୍କ ରକ୍ଷଣାବେକ୍ଷଣ ନିମନ୍ତେ ୨ ଏକର ଜାଗା ଆବଶ୍ୟକ। ଏଥିନିମନ୍ତେ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ବାବଦରେ ୨୦ ଲକ୍ଷ ଟଙ୍କାର ଅନୁଦାନ ବ୍ୟବସ୍ଥା ରହିଛି।

## ନୂଆ କିସମ ଟମାଟୋ 'ଏଫ୍-୧ ହାଇବ୍ରିଡ୍ ଅର୍କ ରକ୍ଷକ'

ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହର୍ଟିକଲଚରାଲ ରିସର୍ଚ୍ଚ (ଆଇଆଇଏଚ୍‌ଆର) ପକ୍ଷରୁ 'ଏଫ୍-୧ ହାଇବ୍ରିଡ୍ ଅର୍କ ରକ୍ଷକ' ନାମକ ଏକ ନୂତନ କିସମର ଟମାଟୋ ଚଳିତ ବର୍ଷ ବିକଶିତ କରାଯାଇଛି। ଏହାର ତିନି ପ୍ରକାରର ରୋଗ ପ୍ରତିରୋଧକ କ୍ଷମତା ରହିଛି। ଏହି ହାଇବ୍ରିଡ କିସମର ଟମାଟୋକୁ ଯେକୌଣସି ଅଞ୍ଚଳରେ ଚାଷ କରାଯାଇପାରିବ। ଏହା ୯୦ରୁ ୧୦୦ ଗ୍ରାମ ପର୍ଯ୍ୟନ୍ତ ବଡ଼ ହୋଇପାରିବ ଏବଂ ଏହାର ରଙ୍ଗ ଗାଢ଼ ଲାଲ୍ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆଳୁର ନୂଆ କିସମ

କୃଷକମାନଙ୍କ ପାଇଁ ଏଥର କେରଳ ଆଇସିଏଆର୍‌ର ବୈଜ୍ଞାନିକମାନେ ୨ନୂଆ କିସମର ଲାଭଜନକ ଆଳୁ (ସୁଇଟ୍ ପଟାଟୋ) ବିକଶିତ କରିଛନ୍ତି। ଏହି ନୂତନ କିସମ ଆଳୁର ନାଁ ହେଉଛି ଭୁ ସୋନା ଏବଂ ଭୁ କ୍ରିଷ୍ଣା। ଏହି ଆଳୁକୁ ଚିପ୍ସ, ପାସ୍ତା ଏବଂ ନୁଡୁଲ୍ସ ଆଦି ପ୍ରସ୍ତୁତିରେ ବ୍ୟବହାର କରାଯାଇପାରିବ।

## ପରଲୋକରେ ବିଶିଷ୍ଟ ପ୍ରାଣୀ ଚିକିତ୍ସକ


ଡା. ସୁରେନ୍ଦ୍ର କୁମାର ରାୟ

ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡା. ସୁରେନ୍ଦ୍ର କୁମାର ରାୟଙ୍କ ୭୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। କୁକୁରଙ୍କ ଚିକିତ୍ସା ଲାଗି ସେ ସୁଖ୍ୟାତି ଅର୍ଜନ କରିଥିଲେ। ଯାଜପୁର ଜିଲା ଦଶରଥପୁରରେ ଜନ୍ମିତ ଡା. ରାୟ ୧୯୬୪ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ସ୍ନାତକ ଡିଗ୍ରୀ ହାସଲ ପରେ ରାଜ୍ୟ ସରକାରଙ୍କ ପ୍ରାଣୀଧନ ଚିକିତ୍ସା ବିଭାଗରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ (୨୦୦୦-୨୦୦୨) ସେ ଓୟୁଏଟିର ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ରଚିତ ପ୍ରବନ୍ଧ ବେଶ୍ ପାଠକାଦୃତ ହେବା ସହ ତାଙ୍କୁ ଭେଟେରିନାରି ମେଡିସିନ୍ କ୍ଷେତ୍ରରେ ଏକ ନୂତନ ପରିଚୟ ଦେଇଥିଲା।



## ମିନି ପୋଲ୍‌ଟ୍ରି ଫିଡ୍ ମିଲ୍

ରାଜ୍ୟରେ ବ୍ୟକ୍ତିଗତ ସ୍ତରରେ କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଘଣ୍ଟାକୁ ୫୦ କି.ଗ୍ରା. ଦକ୍ଷତା ବିଶିଷ୍ଟ ୧୦୦ ଗୋଟି ମିନି ପୋଲ୍‌ଟ୍ରି ଫିଡ୍ ମିଲ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୧୪୦ ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ପ୍ରତି ଗୋଟି ଫିଡ୍ ମିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ୨ ଲକ୍ଷ ୮୦ ହଜାର ଟଙ୍କାର ବ୍ୟୟ ବରାଦ ଲକ୍ଷ୍ୟ ରଖାଯାଇଛି। ଏଥିରେ ୫୦% ସବ୍‌ସିଡି ବା ୧ ଲକ୍ଷ ୪୦ ହଜାର ଟଙ୍କାର ରିହାତି ବ୍ୟବସ୍ଥା ରହିଛି।

## ଜୀବେ ନିଷ୍ଠୁରତା ନିରୋଧ ସମିତି କାର୍ଯ୍ୟକ୍ଷମ

ଚଳିତବର୍ଷ ରାଜ୍ୟର ପ୍ରତ୍ୟେକ ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତିକୁ କାର୍ଯ୍ୟକ୍ଷମ କରାଯାଇଛି ; ଜିଲାରେ ଜୀବ ମଙ୍ଗଳ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଯାହାଫଳରେ ଏହି ସମିତି ମାଧ୍ୟମରେ ପ୍ରତ୍ୟେକ ପ୍ରାଣୀ କଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରାଯାଇପାରିବ।

## ଛେଳି ପାଳନ ଲାଗି ପ୍ରୋତ୍ସାହନ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୦+୨ଟି ଛେଳିପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୨ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ରାଜ୍ୟ ସରକାର ଏହି ବ୍ୟୟ ଅଟକଳ ରାଶିର ୫୦ ପ୍ରତିଶତ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଅବଶିଷ୍ଟ ୫୦ ପ୍ରତିଶତ ବହନ କରିବେ। ଏହି ନୂଆ ଯୋଜନା ଦ୍ୱାରା ରାଜ୍ୟରେ ୨୩୦୦ ମହିଳା ଏସ୍.ଏଚ.ଜି. ଉପକୃତ ହେବେ।



## ଏନ୍‌ଆର୍‌ଆର୍‌ଆଇର ୯ ନୂଆ ଧାନ କିସମ

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର (ଏନ୍‌ଆର୍‌ଆର୍‌ଆଇ)ର ନିର୍ଦ୍ଦେଶକ ଡ.ଦୀପଙ୍କର ମାଇତିଙ୍କ ନେତୃତ୍ୱରେ ଚଳିତ ବର୍ଷ ୯ ପ୍ରକାର ନୂତନ ଧାନ କିସମ ଉଦ୍ଭାବନ କରାଯାଇଛି। ଡ. ଶରତ ପ୍ରଧାନ, ଡ. ମୀରା କୁମାରୀ କର, ଡ. କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଡ. ସୁଶାନ୍ତ ଦାସ ଓ ଡ. ରାମ ଲଖନ ବର୍ମା ତଥା ଅନ୍ୟ ବୈଜ୍ଞାନିକମାନଙ୍କ ସହାୟତାରେ ଏହି ନୂତନ କିସମ ଉଦ୍ଭାବିତ ହୋଇଛି। ଡ. ଶରତ ପ୍ରଧାନଙ୍କ ଦ୍ୱାରା ଉଦ୍ଭାବିତ ଧାନ ହେଲା ସିଆର୍‌ଆର୍‌ଆଇ ୪୧୩ (ରୀତା ପାଣିଧାନ), ସିଆର୍‌ଆର୍‌ଆଇ ୫୧୨ (ଶତ୍ରୁଘ୍ନ), ସିଆର୍‌ଆର୍‌ଆଇ ୮୦୩ (ତ୍ରିଲୋଚନ)। ଏହି ଧାନ ଗଛଗୁଡ଼ିକ ବିଶେଷ ଭାବରେ ଉପକୂଳ ଜିଲାର ଖାଲ ଓ ଜଳମଗ୍ନ ଜମି ପାଇଁ ଉପଯୁକ୍ତ ହେବା ସହ ବନ୍ୟା ପାଣିକୁ ସହନ କରିବାର କ୍ଷମତା ରହିଛି। ଏଥିରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ଚକଡ଼ା ପୋକ, ନେକ୍ ବ୍ଲାଷ୍ଟ ରୋଗ ପ୍ରତିରୋଧକ ଶକ୍ତି ରହିଛି। ୧୪୫ ଦିନରେ ଏହି ଧାନ ଅମଳ ହୋଇଥାଏ। ଏହି କିସମଗୁଡ଼ିକରୁ ହେକ୍ଟର ପିଛା ୫୦ କୁଇଣ୍ଟାଲ୍ ଧାନ ଅମଳ ହୋଇଥାଏ। ଡ. କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟଙ୍କ ଉଦ୍ଭାବିତ ଧାନ କିସମ ସିଆର୍‌ଆର୍‌ଆଇ ୪୧୧(ସ୍ୱର୍ଣ୍ଣ), ସିଆର୍‌ଆର୍‌ଆଇ ୪୧୨(ସ୍ୱର୍ଣ୍ଣାଞ୍ଜଳି) ସମୁଦ୍ରକୂଳ ଅଞ୍ଚଳ ଜମି ପାଇଁ ଉପଯୁକ୍ତ। ଏହି ଧାନର ଚାଉଳରେ ୧୦ ପ୍ରତିଶତ ପୁଷ୍ଟିସାର ରହିଛି। ୧୪୦ରୁ ୧୪୫ ଦିନ ମଧ୍ୟରେ ଏହି କିସମ ଧାନ ଅମଳ ହୋଇଥାଏ। ଡ. ସୁଶାନ୍ତ ଦାସଙ୍କ ଉଦ୍ଭାବିତ ଧାନ କିସମ ସିଆର୍‌ଆର୍‌ଆଇ ୩୧୬(ଗୌରବ) ୧୩୦ରୁ ୧୩୫ ଦିନରେ ଅମଳ ହୋଇଥାଏ ଏବଂ ହେକ୍ଟର ପିଛା ୬୫ କୁଇଣ୍ଟାଲ୍ ଧାନ ଅମଳ ହୋଇଥାଏ। ଡ. ମୀରା କୁମାରୀ କରଙ୍କ ଉଦ୍ଭାବିତ ଧାନ ହେଲା ସିଆର୍‌ଆର୍‌ଆଇ ୩୧୭(ରୋଷନ)। ଏହି କିସମରୁ ୧୩୦ରୁ ୧୩୫ ଦିନରେ ହେକ୍ଟର ପିଛା ୫୦ କୁଇଣ୍ଟାଲ ଅମଳ ମିଳିଥାଏ। ଡ. ରାମ ଲଖନ ବର୍ମାଙ୍କ ଉଦ୍ଭାବିତ ଧାନ ସିଆର୍‌ଆର୍‌ଆଇ ୭୦୨, ସିଆର୍‌ଆର୍‌ଆଇ ୭୦୩ର ଗଛଗୁଡ଼ିକ କାଣ୍ଡ ମୋଟା ହୋଇଥିବାରୁ ସହଜରେ ଭାଙ୍ଗେନାହିଁ। ଜଳସେଚିତ ଓ ଅଳ୍ପ ଖାଲୁଆ ଜମିଗୁଡ଼ିକ ପାଇଁ ଉପଯୁକ୍ତ ଏହି କିସମ ଧାନ ୧୩୫ରୁ ୧୪୦ ଦିନରେ ଅମଳ (ହେକ୍ଟର ପିଛା ୮୦ କୁଇଣ୍ଟାଲ) ହୋଇଥାଏ ବୋଲି ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୨୯/୨୦୨୧ Sambalpur, wednesday, December 29/ 2021

# କିଟ୍ ମହିଳା ଦଳକୁ ରୌପ୍ୟ

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ କିଟ୍ ତରଫରୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୋଗାସନ (ମହିଳା ଓ ପୁରୁଷ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଟିମ୍ ଇଭେଣ୍ଟରେ କିଟ୍

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୋଗାସନ**



କିଟ୍ ମହିଳା ଦଳର ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରୌପ୍ୟପଦକ ଲାଭ କରିଥିବା ବେଳେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୨ ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ରେକି ପ୍ରଭା ରାୟ ବ୍ୟକ୍ତିଗତ ମହିଳା ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ମହିଳା ଟିମ୍ ଇଭେଣ୍ଟରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଥିଲେ ହରିୟାଣାର ଗୁରୁ ଜମ୍ଭେଶ୍ୱର ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏବଂ କୋଲକାତାର ୟୁନିଭର୍ସିଟି ଅଫ୍ କାଲ୍‌କାଟା। ପୁରୁଷ ଟିମ୍ ଇଭେଣ୍ଟରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ପଟିଆଲା ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ, ପୁଣେକୁ ରୌପ୍ୟ ଏବଂ ହରିୟାଣାର ଭିୱାନିସ୍ଥିତ ଚୌଧୁରୀ ବଂଶୀଲାଲ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ମିଳିଥିଲା।

ମଙ୍ଗଳବାର ସନ୍ଧ୍ୟାରେ କିଟ୍ କ୍ୟାମ୍ପସ-୧୩ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ରେଜିଷ୍ଟ୍ରାର ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ଯୋଗାସନ ପାଇଁ ଏଆଇୟୁ ପର୍ଯ୍ୟବେକ୍ଷକ ଡକ୍ଟର ତାରକାନାଥ ପ୍ରମାଣିକ, ପୁରୁଷ ଫୁଟ୍‌ବଲ ପାଇଁ ଏଆଇୟୁ ପର୍ଯ୍ୟବେକ୍ଷକ ଡକ୍ଟର ସରୋଜ କୁମାର ପଣ୍ଡା ଏବଂ କିଟ୍ କ୍ରୀଡ଼ା ଓ ଯୋଗ ସ୍କୁଲ ନିର୍ଦ୍ଦେଶକ ଡକ୍ଟର ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ପିଟାଲରେ ଭର୍ତ୍ତି ହେଲେ ଗାଙ୍ଗୁଲି

**କୋଲକାତା, ୨୮।୧୨ (ପି.ଟି.):** କୋଭିଡ୍ ଟେଷ୍ଟରେ ପଜିଟିଭ୍ ଆସିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାରତର ପୂର୍ବତନ ଅଧିନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଖବର ଅନୁସାରେ ଡବଲ ଭ୍ୟାକ୍ସିନ ନେଇ ସାରିଥିବା ଗାଙ୍ଗୁଲିଙ୍କ ଆରଟି-ପିସିଆର୍ ଟେଷ୍ଟ ପଜିଟିଭ ଆସିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କୁ ସୋମବାର ସନ୍ଧ୍ୟାରେ ତାଙ୍କୁ ଉଡ୍‌ଲାଣ୍ଡ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪୯ ବର୍ଷୀୟ ଗାଙ୍ଗୁଲିଙ୍କର ଚଳିତ



ବର୍ଷ ପ୍ରାରମ୍ଭରେ ଜରୁରି ଆଞ୍ଜିଓପ୍ଲାଷ୍ଟି ହୋଇଥିଲା। ଏକ ଡକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ସୋମବାର ରାତିରେ ଗାଙ୍ଗୁଲିଙ୍କର ମନୋକ୍ଲୋନିକାଲ ଆଣ୍ଟିବଡି କକ୍‌ଟେଲ ଥେରାପି କରାଯାଇଥିଲା। ଗାଙ୍ଗୁଲିଙ୍କୁ ଇତିମଧ୍ୟରେ ତାଙ୍କ ପ୍ରଫେସନାଲ କାର୍ଯ୍ୟରେ ବ୍ୟାପକ ଗସ୍ତ କରିବାକୁ ପଡ଼ିଛି। ଚଳିତ ବର୍ଷ ପ୍ରାରମ୍ଭରେ ତାଙ୍କ ଭାଇ ସ୍ନେହାଶିଷଙ୍କର କୋଭିଡ୍ ପଜିଟିଭ ହୋଇଥିଲା।

# ଦିଲ୍ଲୀ ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ

ଭୁବନେଶ୍ୱର,୨୮।୧୨(ସ୍ପୋର୍ଟ୍ସ)

କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ୨୪ତମ ସର୍ବ ଭାରତୀୟ ଲୟର୍ସ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଦିଲ୍ଲୀ ହାଇକୋର୍ଟ ବାର ଆସୋସିଏସନ ୨୫ ରନରେ ମାଡ୍ରାସ ହାଇକୋର୍ଟ ବାରା ଆସୋସିଏଶନକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ୬୩ ବଲରୁ ୯୭ ରନ ସଂଗ୍ରହ କରିଥିବା ପ୍ରଦୀପ ଯାଦବଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମାଡ୍ରାସର ଧଳପତି ବିଗ୍ନେସ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିବା ବେଳେ ମୋଟ ୧୬ ଉଇକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଛନ୍ତି। ଦିଲ୍ଲୀର ପ୍ରଦୀପ ଯାଦବ ମୋଟ ୨୬୬ ରନ ସଂଗ୍ରହ କରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ


ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦିଲ୍ଲୀ ବାର୍ ଆସୋସିଏଶନ୍ ଦଳ।

**ଅଲ ଇଣ୍ଡିଆ ଲୟର୍ସ କ୍ରିକେଟ**

ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଯୋଗ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଓଡ଼ିଶା ଲୟର୍ସ କ୍ରିକେଟ ଆସୋସିଏସନ କନଭେନର ତଥା ଆଡଭୋକେଟ ସଞ୍ଜିତ ଦାସ, କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପଟ୍ଟନାୟକ, ଡ୍ରିମ୍ସ କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ଉତ୍ସବରେ ଯୋଗ ଦେଇଥିଲେ। ବିଶ୍ୱନାଥ ପସାୟତ ମେମୋରିଆଲ କମିଟି ତରଫରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିବା ଖେଳାଳିଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

# ସହିଦ ସ୍ପୋର୍ଟିଂକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ୍ସ

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ପାରାମାଉଣ୍ଟ ସ୍ପୋର୍ଟିଙ୍ଗ୍ସ ଆନୁକୂଲ୍ୟରେ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ ମଙ୍ଗଳବାର କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୫ ଓଭରରେ ୧୩୫ ରନ କରିଥିଲା। ତନ୍ମୟ ସାହୁ ୩୨ ଓ ଋତୁରାଜ ମହାନ୍ତି ୨୬ ରନ ସ୍କୋର କରିଥିଲେ। ବୋଲିଂରେ ରାଇଜିଂ ଷ୍ଟୁଡେଣ୍ଟ୍ସ ତରଫରୁ ସୌମ୍ୟ ପ୍ରଧାନ ୩ଟି ଏବଂ ଅଭିଷେକ ସେନାପତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଅନୁରାଗ ସାମନ୍ତରାୟଙ୍କ ଧୈର୍ଯ୍ୟପୂର୍ଣ୍ଣ ୪୯ ଓ ମୟଙ୍କ ପଟ୍ଟନାୟକଙ୍କ ବିସ୍ଫୋରକ ଅପରାଜିତ ୪୦ ରନ ସହାୟତାରେ ମ୍ୟାଚ ଜିତି ନେଇଥିଲା। ବୋଲିଂରେ ସହିଦ ସ୍ପୋର୍ଟିଂ ତରଫରୁ ମହମ୍ମଦ ଜିସନ୍ ଖାନ୍ ୭ ଓଭର ବୋଲିଂ କରି ୨୬ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବତନ ବିଧାୟକ ତଥା ପାରାମାଉଣ୍ଟ କ୍ଲବର ବରିଷ୍ଠ ସଦସ୍ୟ ସୀତାକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ୍ ଦି ମ୍ୟାଚ ମୟଙ୍କ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ବେଷ୍ଟ ଫିଲ୍ଡର ଭାବେ ଜ୍ୟୋତିରଞ୍ଜନ ପୃଷ୍ଟିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଭାରତ-ବାଂଲାଦେଶ ସେମିଫାଇନାଲ

**ଶାରଜା,୨୮।୧୨:** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ସେମିଫାଇନାଲରେ ବାଂଲାଦେଶକୁ ଭେଟିବା ସ୍ପଷ୍ଟ ହୋଇଛି। ସେହିପରି ପ୍ରଥମ ସେମି ଫାଇନାଲରେ ପାକିସ୍ତାନ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ। ମଙ୍ଗଳବାର ଆୟୋଜନ ହେବାକୁ ଥିବା ଶ୍ରୀଲଙ୍କା- ବାଂଲାଦେଶ ଗ୍ରୁପ୍ ନିର୍ଣ୍ଣାୟକ ମ୍ୟାଚ୍ କୋଭିଡ୍-୧୯ ସଂକ୍ରମଣ ପାଇଁ ବାତିଲ ହେବା ଫଳରେ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଦୁଇଟି ଯାକ ସେମିଫାଇନାଲ ଗୁରୁବାର ଖେଳାଯିବ। ଗ୍ରୁପ୍ ବି'ର ଏହି ମ୍ୟାଚ୍‌ରେ ୩୨.୪ ଓଭର ବୋଲିଂ କରାଯାଇଥିଲା। ତେବେ ଦୁଇଜଣ ଅଫିସିଆଲ କୋଭିଡ୍-୧୯ ପଜିଟିଭ ବୋଲି ଜଣାପଡିବା ପରେ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଉଭୟ ବାଂଲାଦେଶ ଓ ଶ୍ରୀଲଙ୍କା ସେମିଫାଇନାଲକୁ ଉଠିସାରିଥିଲେ।

# ମୋତିଙ୍କୁ ସ୍ୱର୍ଣ୍ଣ, ଅପରାଜିତାଙ୍କୁ ବ୍ରୋଞ୍ଜ


ମୋତି ଓ ଅପରାଜିତା।

ଭୁବନେଶ୍ୱର,୨୮।୧୨

ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ମୋତି ଜାନି ୫୯ କେ.ଜି. ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଅପରାଜିତା ଭୂୟାଁ ୫୯ କେ.ଜି. ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ଏହି ଦୁଇ ଖେଳାଳି ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍‌ରେ ଅଂଶଗ୍ରହଣ କରବାକୁ ଯୋଗ୍ୟତା ହାସଲ କରିଛନ୍ତି।

ମୋତି ସ୍ନାଚ୍‌ରେ ୭୦, କ୍ଲିନ୍ ଓ ଜର୍କରେ ୯୮ କେ.ଜି. ଉଠାଇବା ସହ ମୋଟ ଉପରେ ୧୬୮ କେ.ଜି. ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଅପରାଜିତା ସ୍ନାଚ୍‌ରେ ୭୨, କ୍ଲିନ ଓ ଜର୍କରେ ୮୭ କେ.ଜି. ଉଠାଇ ମୋଟ ୧୫୯ କେ.ଜି ଉଠାଇବା ସହ ତୃତୀୟ ସ୍ଥାନରେ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ**

ରହିଥିଲେ। ସାହାଯ୍ୟ ସମର୍ଥନ ଯୋଗାଥିବାରୁ ଉଭୟ ମୋତି ଓ ଅପରାଜିତା କିଟ୍ ଓ କସି ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଦୁଇ ଭାରୋତ୍ତୋଳକଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇଛନ୍ତି।

# ସନ୍ତୋଷ ସ୍ମାରକୀ କ୍ରିକେଟ: ଚାର୍ଜ ଏକାଦଶ, ଏମ୍‌ବିଏସ୍ ବିଜୟୀ

ଭୁବନେଶ୍ୱର,୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ରସୁଲଗଡ଼ ଜିଜିପି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୨ତମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଚାର୍ଜ ଏକାଦଶ, ଭୁବନେଶ୍ୱରର ଏମ୍‌ବିଏସ୍ ବିଜୟ ହାସଲ କରିଛନ୍ତି। ସପ୍ତମ ଲିଗ୍ ମ୍ୟାଚ୍‌ରେ ଚାର୍ଜ ୩ ଉଇକେଟରେ ଭୁବନେଶ୍ୱରର ସହିଦନଗରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସହିଦନଗର ୧୨ ଓଭରରେ ୬ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କୁଳିଆ ସାହୁ ୨୫ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ଚାର୍ଜ ତରଫରୁ କାବୁନା


ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ରାଉଳ ୨ ଉଇକେଟ ନେଇଥିଲେ। ଜବାବରେ ଚାର୍ଜ ୧୧.୪ ଓଭରରେ ୭ ଉଇକେଟ ହରାଇ ୨୧୦ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ସନ୍ଦୀପ ମହାନ୍ତି ୧୭ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ରଶ୍ମି ରାଉତ ସହିଦନଗର ତରଫରୁ ୫ ଉଇକେଟ ହାସଲ କରିଥିଲେ। ୬୮ ରନ କରିବା ସହ ଗୋଟିଏ ଉଇକେଟ ହାସଲ କରିଥିବା ସନ୍ଦୀପ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଅଷ୍ଟମ ଲିଗ୍ ମ୍ୟାଚ୍‌ରେ ଏମ୍‌ବିଏସ୍ ୨ ଉଇକେଟରେ ସିଡିଏ କଟକକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସିଡିଏ ୧୨ ଓଭରରେ ୯ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପୁରେନ୍ଦ୍ର ସେନ ୨୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଏମ୍‌ବିଏସ୍‌ର ବିଶନ ସ୍ୱାଇଁ ୩ ଉଇକେଟ ନେଇଥିଲେ। ଜବାବରେ ଏମ୍‌ବିଏସ୍ ୧୧. ୨ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଜା ପଣ୍ଡା ୪୭ ରନ ସଂଗ୍ରହ କରିଥିଲେ ଓ ବୋଲିଂରେ ସିଡିଏର ବିଷ୍ଣୁ କୁମାର ୪ ଉଇକେଟ ଅକ୍ତିଆର କରିଥିଲେ। ୨୪ ରନ କରି ୩ ଉଇକେଟ ଅକ୍ତିଆର କରିଥିବା ବିଶ୍ୱପ୍ରତାପ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କୈଳାସ ରାଉତ ଓ ସମ୍ପିତ ପାଇକରାୟ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ରଜତ ଜନଦେବ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଟୋରେଣ୍ଟ ଆଡଭର୍ଟାଇଜିଂ ଏମ୍.ଡି. ଯଜ୍ଞାଶିଷ ମହାପାତ୍ର ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ।






# ଆଇସିସି ପୁରସ୍କାର ଦୌଡ଼ରେ ଅଶ୍ୱିନ

ଦୁବାଇ, ୨୮।୧୨ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଁ ୪ ଜଣିଆ ସଂକ୍ଷିପ୍ତ ତାଲିକାରେ ଭାରତର ପୁରୁଖା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାମ ସ୍ଥାନ ପାଇଛି। ଚେନ୍ନାଇର ଏହି ୩୫ ବର୍ଷୀୟ ବୋଲର ଗତ ୧ବର୍ଷ ମଧ୍ୟରେ ୮ଟି ଟେଷ୍ଟ ମ୍ୟାଚରେ ୧୬.୨୩ ଆଭରେଜରେ ୫୨ଟି ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ବ୍ୟାଟିଂରେ ସେ ଗୋଟିଏ ଶତକ ସହ ୨୮.୦୮ ଆଭରେଜରେ ୩୩୭ ରନ ସଂଗ୍ରହ କରିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ପାଇଁ ପ୍ରାର୍ଥୀ ରହିଥିବା ଅନ୍ୟ ୩ଜଣ ହେଲେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍, ନ୍ୟୁଜିଲାଣ୍ଡ ପେସ୍ ବୋଲର କାଇଲ ଜେମିସନ ଓ ଶ୍ରୀଲଙ୍କା ଓପନର ଦିମୁଥ କରୁଣାରତ୍ନେ। ପୁରସ୍କାର ବିଜେତାଙ୍କ ନାମ ଜାନୁୟାରୀ ୨୪ରେ ଘୋଷଣା କରାଯିବ। ଟେଷ୍ଟ କ୍ରିକେଟରେ ଅଶ୍ୱିନଙ୍କୁ ଭାରତର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ ବିଜୟୀ କ୍ରିକେଟର ବିବେଚନା କରାଯାଏ। ୨୦୨୧ରେ ସେ ବିଶ୍ୱର ଅନ୍ୟତମ ସଫଳ ସ୍ପିନ ବୋଲର ଭାବେ ପରିଚିତି ଲାଭ କରିପାରିଛନ୍ତି। ବ୍ୟାଟିଂରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଆଇସିସି ତରଫରୁ ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ବର୍ଷରେ ଅଶ୍ୱିନଙ୍କ ଆରମ୍ଭ ଜବରଦସ୍ତ ଥିଲା। ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ସେ ୧୨୮ ବଲ୍‌ରେ ୨୯ରନର ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ହନୁମାବିହାରୀଙ୍କ ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଭାରତ ସିରିଜକୁ ୧-୧ରେ ବରାବର କରିବାରେ ସମର୍ଥ ହୋଇଥିଲା। ପରେ ନିଜ ଦେଶରେ ଇଂଲଣ୍ଡ ବିପକ୍ଷରେ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ। ସେ ୧୪.୭୨ ଆଭରେଜରେ ୩୨ଟି ଉଇକେଟ ନେଇଥିବା ବେଳେ ବ୍ୟାଟିଂରେ ତାଙ୍କର ୧୮୯ ରନ ଅବଦାନ ରହିଥିଲା। ଅଫ୍ ସ୍ପିନର ଜଣକ ଆହୁରି ମଧ୍ୟ ନ୍ୟୁଜିଲାଣ୍ଡ ବିପକ୍ଷ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ସାଉଥାମ୍ପଟନରେ ସିମ୍ ବୋଲିଂକୁ ସୁହାଉଥିବା ପିଚ୍‌ରେ ୪ ଉଇକେଟ ସଫଳତା ପାଇଥିଲେ। ଇଂଲଣ୍ଡରେ ସମସ୍ତ ୪ଟି ଟେଷ୍ଟ ମ୍ୟାଚରେ ସେ ଖେଳି ନ ଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଡ୍ରେନ୍‌ରେ ମୃତ ନବଜାତ ଶିଶୁ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ସୁଲଭ ଶୌଚାଳୟ ଡ୍ରେନରୁ ଲୁଗାରେ ଗୁଡ଼ାଇ ହୋଇ ରହିଥିବା ଏକ ନବଜାତ ଶିଶୁକୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ଏହି ଘଟଣାଟି ଜଣାପଡ଼ିବା ପରେ ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶିଶୁ ଦେହରେ ଡ୍ରେସିଂ କପଡ଼ା ଗୁଡାଯାଇଥିବା ଦେଖାଯାଇଥିଲା। ଅବୈଧ ସମ୍ପର୍କରୁ ଜନ୍ମିତ ଶିଶୁକୁ ଫିଙ୍ଗା ଯାଇଥିବା ଚର୍ଚ୍ଚା ହେଉଛି। ବଲାଙ୍ଗୀର ସାମାଜିକ ସଂଗଠନ ସ୍ୱେଚ୍ଛାସେବୀ ସନ୍ତୋଷ ପଟ୍ଟନାୟକ ଓ ସହକର୍ମୀମାନେ ଡ୍ରେନରୁ ମୃତ ଶିଶୁକୁ ଉଦ୍ଧାର କରି ମ୍ୟୁନିସିପାଲଟିକୁ ହସ୍ତାନ୍ତର କରିଥିଲେ। ବଲାଙ୍ଗୀର ସହରରେ କିଛି ଦିନ ଭିତରେ ନବଜାତ ଶିଶୁ ପଡ଼ିଥିବା ଘଟଣା ବୃଦ୍ଧି ପାଇଥିବାରୁ ଆଲୋଡ଼ନ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ବଲାଙ୍ଗୀର ଜିଲା ପରିଷଦର ଅନ୍ତିମ ବୈଠକ

**ଖପ୍ରାଖୋଲ,୨୮।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କର ପାନ୍ଥନିବାସଠାରେ ବଲାଙ୍ଗୀର ଜିଲାର ଶେଷ ଜିଲା ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ଭାରତୀ ମହନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତୀନ କୁଶଲକର, ଡ଼ିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଉପାଧକ୍ଷ ପାଣ୍ଡବ ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ଏମ୍‌ପି ପ୍ରତିନିଧି ମାଧବ ସାଏ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ବିଭିନ୍ନ ଉନ୍ନୟନମୂଳକ କାମ ଉପରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଦସ୍ୟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଜୋସ୍ନାମୟୀ ସାହୁ, ସବିତା ସରାପ, ଦେବକି ତାଣ୍ଡି, ବ୍ଲକ ଅଧକ୍ଷ ଯୋଗଦେଇଥିଲେ।

### ବନ୍ଧପାଲିରେ ମାଟି ମା ମେଳା

**ଦେଓଗାଁ,୨୮।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲିରେ ରିଲାଏନ୍ସ ଫାଉଣ୍ଡେସନ ଆୟୋଜନରେ ମଙ୍ଗଳବାର ମାଟି ମା ମେଳା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ ଟିମ ଲିଡର ସନ୍ତୋଷ ଖଣ୍ଡାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥି ବିଜୁଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, କାର୍ତ୍ତିକ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ଧିରୁଭାଇ ଅମ୍ବାନୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଏଥେଲରିଡା କିସପୋଟା, ସହକାରୀ ପ୍ରକଳ୍ପ ମ୍ୟାନେଜର ଧର୍ମେନ୍ଦ୍ର ନାଏକ, ଶୈଳେନ୍ଦ୍ର ଏକା ପ୍ରମୁଖ ଯୋଗଦେଇଥିଲେ । ଏସ୍‌ଏଚ୍‌ଜି ମହିଳାମାନେ ବଡି ପାମ୍ପଡ ଓ ଧିଙ୍ଗିରି ଛତୁର ଷ୍ଟଲ ପ୍ରଦର୍ଶନ କରିଥିଲେ ।

### ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି

**ଲୋଇସିଂହା,୨୮।୧୨(ଡି.ଏନ.ଏ):** ଓଡିଶା ସରକାରଙ୍କ ଆଦିବାସୀମାରଣ ନୀତି ବିରୋଧରେ ଆସନ୍ତା ୩୦ତାରିଖରେ ଲୋଇସିଂହାଠାରେ ରାଜ୍ୟସ୍ତରୀୟ ଆନ୍ଦୋଳନ କରାଯିବ। ଏଥିପାଇଁ ଲୋଇସିଂହା ଆଦିବସୀ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଶ୍ୟାମସୁନ୍ଦର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଶୋକ କୁମାର ବରିହା, ଭୋଲାନାଥ ମିର୍ଦ୍ଧା, ଦେବାଶିଷ ବିଶୋଇ, ଗୋପାଳ ପ୍ରଧାନ ଉପସ୍ଥିତ ଥିଲେ ।

### ମିନିପାର୍କ ଉଦ୍‌ଘାଟିତ

**ଖପ୍ରାଖୋଲ,୨୮।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ମୁଖ୍ୟାଳୟ ଅନତି ଦୂରରେ ନିର୍ମିତ ମିନିପାର୍କ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ପାଟଣାଗଡ଼ ଉପଜିଲାପାଳ ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମିରଞ୍ଜନ ରାଉତ, ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ସରପଞ୍ଚ ଉପେନ୍ଦ୍ର ଭୋଇ ଯୋଗଦେଇଥିଲେ। ସହକାରୀ ଯନ୍ତ୍ରୀ ସୋମ୍ୟକିଶୋର ଜୟପୁରିଆ, ଯନ୍ତ୍ରୀ ରାଜକିଶୋର ନାଏକ, ଜିପିଓ ସୁଶାନ୍ତ କୁମାର ପାଣି ଉପସ୍ଥିତ ଥିଲେ।

# ଭିଟାମାଟିରେ ଶେଷ ମିଳନ

**ବଲାଙ୍ଗୀର ଅଫିସ, ୨୮।୧୨**


ଭିଜା ଆଖି, କୋହଭରା ଛାତିରେ ଭାବୁକ ଖୁଆସ ପରିବାର।

### ବୈଠକରେ ଉପସ୍ଥିତ ଖୁଆସ ବଂଶଜମାନେ

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ତଥା ପ୍ରଭାବିତ ଖୁଣ୍ଟପାଲି ଗ୍ରାମର ମୂଳାଧିବାସୀ ଖୁଆସ ବଂଶଜଙ୍କ ମଙ୍ଗଳବାର ଗାଁରେ ଶେଷ ମିଳନ ବୈଠକରେ ଭେଟ ହୋଇଥିଲେ। ଶିବଶଙ୍କର ଖୁଆସଙ୍କ ସଭାପତିତ୍ୱରେ ମହାଦେବ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବରେ ଯେଉଁ ବଂଶଜମାନେ ବର୍ତ୍ତମାନ ପର୍ଯ୍ୟନ୍ତ ପୁନର୍ବାସ ଯୋଜନାରେ ଘର ତିଆରି ପାଇଁ ଉଦ୍ଦିଷ୍ଟ ଘରଡିହ ପାଇପାରି ନାହାନ୍ତି ସରକାର ଗୁରୁତ୍ୱର ସହ ବିଚାର କରିବାକୁ ମତପ୍ରକାଶ ପାଇଥିଲା। ସେହିଭଳି ଗାଁ ଭିଟା-ମାଟି, ବଣ-ଜଙ୍ଗଲ, ନଈ-ନାଳ, ପରିବେଶ ଛାଡି ସବୁ ଦିନ ପାଇଁ ଅନ୍ୟତ୍ର ରହିବାକୁ ପଡୁଥିବାରୁ ସମସ୍ତେ କିଛି ସମୟ ପାଇଁ ଭାବ-ବିହ୍ୱଳ ହୋଇପଡିଥିଲେ। ବୈଠକରେ ହରିଶ୍ଚନ୍ଦ୍ର ଖୁଆସ, ରାଧାକାନ୍ତ ଖୁଆସ, ରମାକାନ୍ତ ଖୁଆସ, ଦୀନବନ୍ଧୁ ଖୁଆସ, ପଞ୍ଚାନନ ଖୁଆସ, ମହେନ୍ଦ୍ର ଖୁଆସ, ଉମାକାନ୍ତ ଖୁଆସ ମତ ରଖିଥିଲେ। ଖୁଆସ ବଂଶର ପୁରୁଷ, ମହିଳା, ପୁଅ ଝିଅ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଶେଷରେ ଅରୁଣ ଖୁଆସ ଧନ୍ୟବାଦ ଦେଇଥିଲେ।

# ଆଟେଣ୍ଡାଣ୍ଟ ସାଜିଛନ୍ତି ପାଥୋଲୋଜିଷ୍ଟ, ଭିଡିଓ ଭାଇରାଲ

**ଲୋଇସିଂହା,୨୮।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ସୁଧୁରୁନି। କେତେବେଳେ ଏକ୍ସପାଏରୀ ସଲାଇନ ରୋଗୀଙ୍କୁ ଦିଆଯାଉଛି ତ, କେତେବେଳେ ଆଟେଣ୍ଡାଣ୍ଟ ପାଥୋଲୋଜିଷ୍ଟଙ୍କ କାମ କରୁଥିବା ଚିତ୍ର ଭାଇରାଲ ହେଉଛି। ଭାଇରାଲ ଭିଡିଓରେ ଜଣେ ଆଟେଣ୍ଡାଣ୍ଟ ଦୁଇଜଣ ମହିଳାଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରୁଥିବା ଦେଖାଯାଉଛି। ଏହି ଚିତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ବିଚିତ୍ର ବ୍ୟବସ୍ଥାକୁ ସାମ୍ନାକୁ ଆଣିଛି। କିଛି ମାସ ପୂର୍ବରୁ ଡାକ୍ତରଖାନରେ ଭର୍ତ୍ତି ହୋଇଥିବା କନ୍ଦାଜୁରୀ ଗ୍ରାମର ଜଣେ ଯୁବତୀଙ୍କୁ ଏକ୍ସପାଏରୀ ସାଲାଇନ ଦେବା ଘଟଣାରେ ଦାୟିତ୍ୱରେ ଥିବା ଫାର୍ମାଶିଷ୍ଟ ଏବଂ ଷ୍ଟାଫନର୍ସଙ୍କ ଦାୟିତ୍ୱହୀନତା ପଦାରେ ପଡିଥିଲା। ୨ଜଣ ଷ୍ଟାଫନର୍ସ ଏବଂ ଫାର୍ମାଶିଷ୍ଟଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଅପରପକ୍ଷେ ସରକାରଙ୍କ ତରଫରୁ ଡାକ୍ତରଖାନାକୁ ଆଣ୍ଟିବାଇଟିକ ଇଞ୍ଜେକସନ ଯୋଗାଣ ହେଉଛି । ହେଲେ ୪.୫ ଗ୍ରାମର ପିପତାଜ ନାମକ ୪ଟଙ୍କା ମୂଲ୍ୟର ଇଞ୍ଜେକସନ ବାହାରୁ ଏକ ନିର୍ଦ୍ଦିଷ୍ଟ ଦୋକାନରୁ କିଣିବାକୁ ଡାକ୍ତର ଲେଖୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚିକିତ୍ସା ଅଧିକାରୀ ଡା.ପ୍ରତିମା ସୋରେନଙ୍କୁ ତାଙ୍କ ମୋବାଇଲ ନଂ ୯୭୭୭୫୪୪୫୧୯ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ବି ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ପଞ୍ଚାୟତ ନିର୍ବାଚନ ଚୂଡାନ୍ତ ତାଲିକା ପ୍ରକାଶ

**ନୂଆପଡ଼ା ଅଫିସ,୨୮।୧୨**

### ନୂଆପଡ଼ା ଜିଲା

ନୂଆପଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଚୂଡାନ୍ତ ତାଲିକା ପ୍ରକାଶ ହୋଇଛି। ଜିଲାରେ ୧୪ ଜିଲା ପରିଷଦ ଆସନରେ ଅନୁସୂଚିତ ଜାତି ୨ଟି, ଅନୁସୂଚିତ ଜନଜାତି ୫ଟି ଓ ଅଣସଂରକ୍ଷିତ ପାଇଁ ୭ଟି ଆସନ ସଂରକ୍ଷିତ ରହିଛି। ୫ଟି ବ୍ଲକ ନୂଆପଡା ପାଇଁ ଅଣସଂରକ୍ଷିତ ଥିବା ବେଳେ କୋମନା ଅନୁସୂଚିତ ଜନଜାତି (ମହିଳା),ଖଡିଆଳ ଅଣସଂରକ୍ଷିତ(ମହିଳା), ବୋଡେନ ଅଣସଂରକ୍ଷିତ (ମହିଳା) ଓ ସିନାପାଲି ବ୍ଲକ ପାଇଁ ଅଣସଂରକ୍ଷିତ ରହିଛି। ଜିଲାର ୧୩୧ ପଞ୍ଚାୟତ ସରପଞ୍ଚ ଆସନ ସଂରକ୍ଷିତ ଘୋଷଣା ହୋଇଛି। ନୂଆପଡା ବ୍ଲକରେ ୩୧ ପଞ୍ଚାୟତ ଥିବା ବେଳେ ଅଣସଂରକ୍ଷିତ (ମହିଳା) ପାଇଁ ୧୪ ଟି, ଅଣସଂରକ୍ଷିତ ପୁରୁଷ ୧୩, ଅନୁସୂଚିତ (ମହିଳା)୨, ପୁରୁଷ ୨, କୋମନା ବ୍ଲକରେ ୩୨ ପଞ୍ଚାୟତ ରହିଥିବା ବେଳେ ଅଣସଂରକ୍ଷିତ (ମହିଳା) ୧୫, ଅଣସଂରକ୍ଷିତ ପୁରୁଷ ୧୪, ଅନୁସୂଚିତ ଜାତି (ମହିଳା) ୧, ପୁରୁଷ ୨ଟି ସଂରକ୍ଷିତ ରହିଛି। ଖଡିଆଳ ବ୍ଲକରେ ଅଣସଂରକ୍ଷିତ (ମହିଳା) ୧୧, ପୁରୁଷ ୧୧, ଅନୁସୂଚିତ (ମହିଳା)୨, ପୁରୁଷ ୨, ବୋଡେନ ବ୍ଲକରେ ୧୫ଟି ପଞ୍ଚାୟତ ଥିବା ବେଳେ ଅଣସଂରକ୍ଷିତ (ମହିଳା) ପାଇଁ ୭, ପୁରୁଷ ୬, ଅନୁସୂଚିତ ଜାତି(ମହିଳା) ୧, ପୁରୁଷ ୧ ଏବଂ ସିନାପାଲି ବ୍ଲକ ପାଇଁ ଅଣସଂରକ୍ଷିତ (ମହିଳା) ୧୨, ପୁରୁଷ ୧୨, ଅନୁସୂଚିତ ଜାତି (ମହିଳା) ୨, ପୁରୁଷ ପାଇଁ ୨ଟି ଆସନ ସଂରକ୍ଷିତ ରହିଛି। ସେହିପରି ସମିତି ସଭ୍ୟାସଭ୍ୟ ପାଇଁ ନୂଆପଡା ବ୍ଲକରେ ଅନୁସୂଚିତ ଜାତି (ମହିଳା)୨, ପୁରୁଷ ୨, ଅନୁସୂଚିତ ଜନଜାତି (ମହିଳା) ୬, ପୁରୁଷ ୫, ଅଣସଂରକ୍ଷିତ (ମହିଳା)୮, ପୁରୁଷ ୮, କୋମନା ବ୍ଲକରେ ଅନୁସୂଚିତ ଜାତି (ମହିଳା) ୨, ପୁରୁଷ ୨, ଅନୁସୂଚିତ ଜନଜାତି (ମହିଳା) ୬, ପୁରୁଷ ୬, ଅଣସଂରକ୍ଷିତ (ମହିଳା) ୮, ପୁରୁଷ ୮ଟି ଆସନ ସଂରକ୍ଷିତ ରହିଛି। ଖଡିଆଳ ବ୍ଲକ ପାଇଁ ଅନୁସୂଚିତ ଜାତି (ମହିଳା) ୨, ପୁରୁଷ ୨, ଅନୁସୂଚିତ ଜନଜାତି (ମହିଳା) ୪, ପୁରୁଷ ୩, ଅଣସଂରକ୍ଷିତ (ମହିଳା) ୭, ପୁରୁଷ ୮, ବୋଡେନ ବ୍ଲକ ପାଇଁ ଅନୁସୂଚିତ ଜାତି(ମହିଳା)୧, ପୁରୁଷ ୧, ଅନୁସୂଚିତ ଜନଜାତି (ମହିଳା) ୩, ପୁରୁଷ ୨, ଅଣସଂରକ୍ଷିତ (ମହିଳା) ୪, ପୁରୁଷ ୪ ଓ ସିନାପାଲି ବ୍ଲକ ପାଇଁ ଅନୁସୂଚିତ ଜାତି (ମହିଳା) ୨, ପୁରୁଷ ୧, ଅନୁସୂଚିତ ଜନଜାତି (ମହିଳା) ୪, ପୁରୁଷ ୪, ଅଣସଂରକ୍ଷିତ (ମହିଳା) ୮, ପୁରୁଷ ପାଇଁ ୮ଟି ଆସନ ସଂରକ୍ଷିତ ରହିଛି। ଏହି ଆସନ ଘୋଷଣାରେ ପଛୁଆବର୍ଗ ପାଇଁ କୌଣସି ଆସନ ସଂରକ୍ଷିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସମିତି ସଭ୍ୟାସଭ୍ୟ ପଦବୀ ଆସନ ଛାଡି ଦେଲେ ଜିଲା ପରିଷଦ ଓ ସରପଞ୍ଚ ପଦବୀ ପାଇଁ ଅନୁସୂଚିତ ଜନଜାତି ପାଇଁ ସ୍ଥାନ ସଂରକ୍ଷଣ ନ ଥିବାରୁ ଆନ୍ଦୋଳନ୍ମୂକ ପନ୍ଥା ଅବଲମ୍ବନ କରୁଥିବା ସୂଚନା ମିଳିଛି ବହୁ ଆଶାୟୀ ପ୍ରାର୍ଥିନୀ/ପ୍ରାର୍ଥିଙ୍କ ଆଶା ମଉଳି ଯାଇଛି।

# ବସ୍ତ୍ରେନ ଫୁଟ୍‌ବଲ: ସେମିରେ ରାଜଖରିଆର, ବାହାବଲ


ରେଫେରୀଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ମୁରିବାହାଲ, ୨୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଜୟ ମା ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଟିକ୍ରାପଡା ଓ ରାଜଖରିଆର ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମାରେ ଖେଳ ଅମୀମାଂସିତ ରହିବାରୁ ଟାଏବ୍ରେକରରେ ରାଜଖରିଆର ଦଳ ୫-୨ ଗୋଲରେ ଟିକ୍ରାପଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୨ୟ ମ୍ୟାଚ ଆୟୋଜନ ଗୁଡିଘାଟ ଓ ବାହାବଲ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ବାହାବଲ ଦଳ ୪-୩ ଗୋଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଭାଜପା ବଲାଙ୍ଗୀର ଜିଲା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥି, ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, କ୍ରୀଡ଼ାବିତ ଗଜୀନ୍ଦ୍ର ସାହ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ରହି ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦୁଷ୍ମନ୍ତ ସାହୁ, ଦୁଷ୍ମନ୍ତ ବେହେରା, ବୁଲୁ ମାଝି, ଗଣେଶ ଭୋଇ, ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କମିଟି ସଭାପତି ସ୍ୱରୂପ ସିଂମାଝି, ସମ୍ପାଦକ ପ୍ରଶାନ୍ତ ସାହୁ ଓ ସଭ୍ୟମାନେ ସହଯୋଗ କରୁଛନ୍ତି। ବୁଧବାର ପ୍ରଥମ ସେମିଫାଇନାଲ ଚନ୍ଦ୍ରପୁର ଓ ରାଜଖରିଆର ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ଶ୍ରମିକ ସମସ୍ୟା ନେଇ ଏଏପି ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ

**ଦେଓଗାଁ,୨୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଆମ ଆଦମୀ ପାର୍ଟି (ଏଏପି) ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି। ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ସମ୍ପାଦକ ଶଙ୍କର୍ଷଣ ମହାପାତ୍ର, ସୋସିଆଲ ମିଡିଆ ଇନଚାର୍ଜ ଅଶୋକ ସୁନା, ଯୁଧିଷ୍ଠିର ଛତ୍ରିଆ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ସାକ୍ଷାତ କରିଥିଲେ। ବ୍ଲକର ବିଭିନ୍ନ ଗାଁରେ ରହୁଥିବା ଶ୍ରମିକଙ୍କ ସମସ୍ୟା, ଶ୍ରମ କାର୍ଡ ପାଇବାରେ ଦଲାଲଙ୍କ ଶିକାର ହେଉଥିବା, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଶ୍ରମିକଙ୍କ ପରିବାରକୁ ସହଯୋଗ କରିବା ଦିଗରେ ପଦକ୍ଷେପ ନେବାପାଇଁ ଦାବି ଉପସ୍ଥାପନ କରିଥିଲେ ।

# ଆଦିବାସୀ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ଦାବିପତ୍ର


କୋକସରା ବିଡିଓଙ୍କୁ ଆଦିବାସୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**କୋକସରା,୨୮।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀ ଜନଜାତିଙ୍କୁ ସଂରକ୍ଷଣରେ ଉଚ୍ଛେଦ କରାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସଂଘ ସଭାପତି ହେମନ୍ତ କୁମାର ମାଝିଙ୍କ ନେତୃତ୍ୱରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ଆସନ ବିଜ୍ଞପ୍ତି ଅନୁସାରେ କୋକସରା ବ୍ଲକର ୨୨ ପଞ୍ଚାୟତ ସରପଞ୍ଚ ସଂରକ୍ଷଣ ଆସନରେ ଆଦିବାସୀ ସଂରକ୍ଷଣକୁ ଉଚ୍ଛେଦ କରାଯାଇଛି। କୋକସରା ବ୍ଲକ ଏକ ଆଦିବାସୀ ବହୁଳ ହୋଇଥିବା ସ୍ଥଳେ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥାରେ ଆଦିବାସୀଙ୍କୁ ୨୨.୦୫ ପ୍ରତିଶତ ସଂରକ୍ଷଣ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ପ୍ରଶାସନ ଓ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ବ୍ଲକର ୨୨ ପଞ୍ଚାୟତରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ସଂରକ୍ଷଣରେ ଆଦିବାସୀ ଜନଜାତିଙ୍କୁ ଗୋଟିଏ ମଧ୍ୟ ଆସନ ମିଳିନାହିଁ। ଯାହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାର ସଂରକ୍ଷଣ ଠିକାକୁ ସଂଶୋଧନ କରି ସରପଞ୍ଚ ସଂରକ୍ଷଣରେ ଆଦିବାସୀ ଜନଜାତିଙ୍କୁ ସାମ୍ବିଧାନିକ ହକ ଦେବାକୁ ଦାବି କରାଯାଇଛି। ଯଦି ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୁଏ ତାହେଲେ ଆଗାମୀ ଦିନରେ ଆଦିବାସୀ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଏଥିପାଇଁ ସରକାର ପ୍ରସ୍ତୁତ ହୋଇ ରହନ୍ତୁ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। ବ୍ଲକ ସଭାପତି ହେମନ୍ତ ମାଝିଙ୍କ ନେତୃତ୍ୱରେ ଆଦିବାସୀ ସଂଘ ବ୍ଲକ ସମ୍ପାଦକ ତ୍ରିନାଥ ଶବର, ନିଳକଣ୍ଠ ମାଝି, ଗରୁଡ଼ଧ୍ୱଜ ମାଝି, ଫୁପଗାଁ ସରପଞ୍ଚ କୀର୍ତ୍ତନ ଶବର, ଦେବରାଜ ଦଳପତି, ଧର୍ମାନନ୍ଦ ନେଗି, ମନୋଜ ନାଏକ, ସନ୍ତୋଷ ମାଝି, ରତନ ମାଝିଙ୍କ ସମେତ ସଂଘ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।




# ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଟିମ୍‌ର ସମୀକ୍ଷା


ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା କରାଯାଉଛି।

**ଭବାନୀପାଟଣା,୨୮।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ଆଦିବାସୀମାନଙ୍କ ମୌଳିକ ଅଧିକାର ଓ ବିଭିନ୍ନ ଯୋଜନାର ବାସ୍ତବ ରୂପରେଖ ଅନୁଧାନ ପାଇଁ ୨ ଦିନିଆ ଗସ୍ତରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଟିମ୍। ମଙ୍ଗଳବାର ପୂର୍ବାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏହି ଟିମ୍ ସମୀକ୍ଷା କରିଥିଲେ। ଏଥିରେ ଜିଲାର ଆଦିବାସୀମାନଙ୍କ ସର୍ବବିଧ କଲ୍ୟାଣ ଓ ସରକାରୀ ଅନୁଦାନ ନିମନ୍ତେ ଆୟୋଗ ସଦସ୍ୟ ଅନନ୍ତ ନାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆୟୋଗ ସଦସ୍ୟ ନାୟକଙ୍କ ନେତୃତ୍ୱରେ ଟିମ୍ ୨ଦିନ ଧରି ଜିଲାର ଭବାନୀପାଟଣା ବ୍ଲକ ଶଗଡା ପଞ୍ଚାୟତ ଡାକିବନ୍ଧେଲ ଗ୍ରାମ ଆଦିବାସୀମାନଙ୍କ ଜଙ୍ଗଲ ଅଧିକାର ଓ ବିସ୍ଥାପିତ କର୍ଲାପାଟ ଅଭୟାରଣ୍ୟରେ ଥିବା ଆଦିବାସୀଙ୍କ ପାଖକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ବୁଝିଥିଲେ। ସେହିପରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାକାର ବ୍ୟବସ୍ଥା ଅନୁଧାନ କରିବା ସହ ରୋଗୀମାନଙ୍କ ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜୁନାଗଡ ବ୍ଲକ ତଳଜାରିଙ୍ଗ ପଞ୍ଚାୟତ ସୁରୁଗୁଡା ଗ୍ରାମରେ ପ୍ରଶାସନିକ ଅଧିକାରୀଙ୍କ ସହ ପହଞ୍ଚି ସାମୂହିକ ଜଙ୍ଗଲ ଅଧିକାର, ଜମିପଟ୍ଟା, ଲଘୁ ବନଜାତ ଦ୍ରବ୍ୟର କ୍ରୟ, ବିକ୍ରୟ ଗ୍ରାମସଭା ତଥା ଅନ୍ୟାନ ଆନୁଷାଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। କ୍ଷେତ୍ରୀୟ ପରିଦର୍ଶନ ସମୟରେ ସଦସ୍ୟ ନାୟକ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ମୋବାଇଲ ସେବାର ଅଭାବ ବିଷୟରେ ଅବଗତ ହୋଇ ଉପସ୍ଥିତ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଆୟୋଗଙ୍କ ଦ୍ୱାରା ଆଦିବାସୀଙ୍କ ସୁରକ୍ଷା ପାଇଁ କିଛି ସୁପାରିସ ତଥା ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

**କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ**

ସୋନପୁର,(ନି.ପ୍ର.): ଭାରତୀୟ ଜାତୀୟ କଂଗ୍ରେସର ୧୩୭ ତମ ପ୍ରତିଷ୍ଠା ଦିବସ ସୁବର୍ଣ୍ଣପୁର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ଦଳର ଇତିହାସ ଓ ଦେଶ ଗଠନରେ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶଙ୍କର ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ଯୁବ କଂଗ୍ରେସର ଜିଲା ସଭାପତି ପ୍ରିୟବ୍ରତ ସାହୁ, ସୁଧୀର ପଣ୍ଡା ଓ ମହିଳା କଂଗ୍ରେସ ସଭାନେତ୍ରୀ ମନ୍ଦାକିନୀ ବାଗ ପ୍ରମୁଖ ଯୋଗ ଦେଇ କଂଗ୍ରେସ ଶାସନ କ୍ଷମତାକୁ ଆସିଲେ ହିଁ ଦେଶ ଓ ରାଜ୍ୟ ବାସୀଙ୍କୁ ସୁଫଳ ମିଳିବ ବୋଲି କହିଥିଲେ।

# କେନାଲ ପାଣି ପ୍ଲାଣ୍ଟକୁ ନ ଯାଉ

**ବରଗଡ଼ ଅଫିସ୍,୨୮।୧୨**

ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ କେନାଲ ଯୋଗେ ଆସୁଥିବା ପାଣି ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ। କୌଣସି ଶିଳ୍ପାନୁଷ୍ଠାନରେ ଏହି ପାଣି ବିନିଯୋଗ କରା ନ ଯାଉ। ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବାଉଲସିଂହା ଇଥାନଲ ପ୍ଲାଣ୍ଟକୁ ନେଇ ଅନୁଷ୍ଠିତ ବୈଠକରେ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଏଭଳି ଦାବି କରିଛି। ଏ ନେଇ ସମିତି ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ବୈଠକରେ ଜିଲାପାଳ ବାନାର୍ଜୀଙ୍କ ସମେତ ବିପିସିଏଲ (ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃ)ର ଅଧିକାରୀ, ଚାଷୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଇଥାନଲ ପ୍ଲାଣ୍ଟ ଉପରେ ଆଲୋଚନା ହୋଇଥିଲା। ଏହି ପ୍ଲାଣ୍ଟକୁ ପାଣି ଯୋଗାଣ ପାଇଁ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଏହି ନିର୍ମାଣାଧୀନ ପ୍ଲାଣ୍ଟ ବରଗଡ଼ କେନାଲ ପାଣି ଉପରେ ନିର୍ଭର କରୁଛି। ପ୍ଲାଣ୍ଟଟି କାର୍ଯ୍ୟକ୍ଷମ ହେବା ପରେ ଯଦି କେନାଲ ପାଣି ବିନିଯୋଗ କରିବ ତେବେ କୃଷିକ୍ଷେତ୍ର ପାଇଁ ପାଣି ସଙ୍କଟ ଆଶଙ୍କା ରହିଛି।

ଏ ନେଇ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା ମାତ୍ର ଏପର୍ଯ୍ୟନ୍ତ ସେ ସମ୍ପର୍କରେ ଚାଷୀ ସଙ୍ଗଠନକୁ କୌଣସି ଉତ୍ତର ମିଳିପାରିନାହିଁ। ଫଳରେ ଚାଷୀ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ପୁଣି ସେହି ଦାବିକୁ ଦୋହରା ଯାଇଥିଲା ଏବଂ ଜିଲାପାଳଙ୍କୁ ଆଉ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ କେନାଲ ପାଣି ବ୍ୟବହାର ନ କରି ତାର ବିକଳ୍ପ ବ୍ୟବସ୍ଥା କରାଯିବାର ଯୋଜନା ରହିଥିବା ବିପିସିଏଲ କର୍ତ୍ତୃପକ୍ଷ କହିଥିଲେ ବୋଲି ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତା ସୂଚନା ଦେଇଛନ୍ତି। ବୈଠକରେ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁଙ୍କ ସମେତ ଚାଷୀ, ବିପିସିଏଲ ପ୍ରତିନିଧି ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ବୈଠକରେ ଚାଷୀଙ୍କ ଦାବି**


ଇଥାନଲ ପ୍ଲାଣ୍ଟ ନେଇ ଅନୁଷ୍ଠିତ ବୈଠକ।

# ଏସ୍‌ସି, ଏସ୍‌ଟି ଛାତ୍ରାବାସ, ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟିତ



ସଭାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି ଓ ମଞ୍ଚାସୀନ ଅତିଥି।

**ଡୁଙ୍ଗୁରିପାଲି,୨୮।୧୨(ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ବ୍ଲକ ଏସ୍.ରାମପୁର ଶ୍ରୀରାମ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଏସ୍‌ସି, ଏସ୍‌ଟି ଛାତ୍ରାବାସ ଓ ସ୍ନାତକ ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭା କଲେଜ ଜୁବୁଲି ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ସମ୍ମାନୀତ ଅତିଥିଭାବେ ବିଡିଓ ତ୍ରିପୁର ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଅଧ୍ୟକ୍ଷ ଧ୍ରୁବଚରଣ ପଧାନ, ଯୁକ୍ତ ୨ ବିଭାଗ ଭାରପ୍ରାପ୍ତ ଅଧ୍ୟକ୍ଷ ଶରତ ଚନ୍ଦ୍ର ପଧାନ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଟିକେଶ୍ୱର ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ପୂଜାରୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗରିବ ଛାତ୍ରୀଛାତ୍ରଙ୍କ ପାଠପଢା ସହିତ ଯୁକ୍ତ ୩ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନିଜ ମା ମାଲୁ ପୂଜାରୀଙ୍କ ସ୍ମୃତିରେ ୫୦୦୦ ଟଙ୍କା ଦେବାକୁ ପୂଜାରୀ ଘୋଷଣା କରିଥିଲେ। ସମ୍ମାନୀତ ଅତିଥି ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଶରତ ଚନ୍ଦ୍ର ପଧାନ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ମହାବିଦ୍ୟାଳୟର ପାଚେରି ନିର୍ମାଣ, ଅଧ୍ୟାପିକା ଅଧ୍ୟାପକମାନଙ୍କ ରହିବା ସକାଶେ ସ୍ୱତନ୍ତ୍ର ନିବାସ ନିର୍ମାଣ, ଛାତ୍ରୀ ନିବାସ, ମହାବିଦ୍ୟାଳୟରେ ଏକ ଷ୍ଟାଡିୟମ ନିର୍ମାଣ ସକାଶେ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଅପ୍ରେଲ ମାସଠାରୁ ମହାବିଦ୍ୟାଳୟକୁ ୫-ଟିରେ ସାମିଲ କରିବା ପାଇଁ ମନ୍ତ୍ରୀ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଅମଳ ଧାନକୁ କରାମାଡ଼

**ଅମ୍ବାଭୋନା,୨୮।୧୨(ଡି.ଏନ.ଏ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ମଙ୍ଗଳବାର ବର୍ଷା ସହିତ ପ୍ରବଳ କରାମାଡ଼ ହୋଇଛି। ଏଥିରେ ଚାଷୀଙ୍କ କ୍ଷେତ, ଖଳାରେ ଥିବା ଅମଳ ଧାନ ନଷ୍ଟ ହୋଇଛି। ଅଞ୍ଚଳର ପରିବା ଫସଲ ମଧ୍ୟ ଧୂଳିସାତ୍ ହୋଇଛି। କରାମାଡ଼ ଯୋଗୁ ବ୍ଲକର ବରା, ସାନ ସରେଇପାଲି, କଣ୍ଡପଲା, ଅମ୍ବାଭୋନା, କପାଶିରା, ଭୁକ୍ତା ଅଞ୍ଚଳରେ ଧାନ, ପରିବା ଫସଲ ଯଥେଷ୍ଟ ପ୍ରଭାବିତ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତିଛି। ମାତ୍ର ଧାନ ଉଠାଣ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଇ ନ ଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ମଣ୍ଡିର ଖୋଲା ଆକାଶତଳେ ପଡ଼ିଥିବା ଧାନ ଭିଜିଯାଇଛି। ମଣ୍ଡିରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ କରାମାଡ଼ରେ ଧାନ କ୍ଷତିଗ୍ରସ୍ତ ହୋଇଛି। ଏଭଳି ବୃଷ୍ଟିପାତ ଯୋଗୁ ମିଲର୍ସ ଧାନର ଆର୍ଦ୍ରତା ନେଇ ନାନା ଆଳ ଦେଖାଇ କଟନୀଛଟନୀ କରିବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ଯୁବ ସମାବେଶର ସେବା ଦଳ ତାଲିମ ଶିବିର

**ସୋନପୁର,୨୮।୧୨(ନି. ପ୍ର ):** ସତ୍ୟସାଇ ସେବା ସଂଗଠନ ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ସମାବେଶର ଚତୁର୍ଥ ପର୍ଯ୍ୟାୟ ସେବା ଦଳ ତାଲିମ ଶିବିର ଡୁଙ୍ଗୁରିପାଲି ଅଇଁଲାସାରି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ମହାନ୍ତି, ରେଣୁକା ମିଶ୍ର, ପ୍ରମୁଖ ଯୋଗଦେଇଥିଲେ। ଯୁବପୀଢି ଅନ୍ୟମାନଙ୍କ ସେବାକରି ଆତ୍ମସନ୍ତୋଷ ଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

**ଅମରପାଲି,୨୮।୧୨(ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ହରିହର ଯୋର ଡ୍ୟାମ ସାଇଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ସକାଶେ ଶିଳାନ୍ୟା କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ତଥା ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଶିଳାନ୍ୟାସ କରିଥିଲେ। ବିଡିଓ ମୋତିଲାଲ ସୁଲିଆ, ସରପଞ୍ଚ ରଞ୍ଜିତ କ୍ଷେତି, ସମିତି ସଭ୍ୟ ଦିଲ୍ଲୀପ ଜଗଦଲା ଓ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ପଧାନ ଓ ଜୟ ପ୍ରକାଶ ପାଢ଼ୀ ଉପସ୍ଥିତ ଥିଲେ। ଏଥିପାଇଁ ୮୯ ଲକ୍ଷ ଟଙ୍କା ମଞ୍ଜୁର ହେଇଛି।

### କ୍ରିକେଟ୍: ଫାଇନାଲରେ ଉପରବାହାଲ, ବାଟତେରମା

**ପଦ୍ମପୁର,୨୮।୧୨(ଡି.ଏନ.ଏ.):** ପଦ୍ମପୁର ମହୁଲପାଲି ସ୍କୁଲ ପଡ଼ିଆରେ ଚାଲିଥିବା କ୍ରିଷ୍ଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉପରବାହାଲ ଦଳ ଖିଲାବାହାଲ ଦଳକୁ ଏବଂ ଦ୍ୱିତୀୟ ସେମି ଫାଇନାଲରେ ବାଟତେରମା ଦଳ ଦହିଗାଁ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଖବରଦାତା ନୀଳକଣ୍ଠ ଦୀପ ମୁଖ୍ୟଅତିଥି ଏବଂ ବିରେନ୍ଦ୍ର ପ୍ରଧାନ, ଅଜିତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରବାହାଲ ଦଳର ଦେବ ଓ ବାଟତେରମା ଦଳର ମୁକେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଜାଭିୟର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବୌଦ୍ଧରେ ସରକାରୀ ଯୋଜନାର ତଥ୍ୟ ସଂଗ୍ରହ

**ବୌଦ୍ଧ,୨୮।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାକୁ ପଞ୍ଚାୟତିରାଜ ପରିଚାଳନାର ତାଲିମ ପାଇଁ ଆସିଥିବା ଜାଭିୟର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପଞ୍ଚାୟତିରାଜ ବିଭାଗର ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଏହି ଛାତ୍ରୀଛାତ୍ର ତଥ୍ୟ ସଂଗ୍ରହ କରିବା ସହିତ ତାଲିମ ଗ୍ରହଣ କରିବେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେର, ତହସିଲଦାର ଅବିନାଶ ପାଣ୍ଡିଆ, ଡେପୁଟି କଲେକ୍ଟର ଅବନୀକାନ୍ତ ସାହୁ, ଏପିଡି ଗୋଲକ ଚନ୍ଦ୍ର ଦଳେଇ ଛାତ୍ରୀଛାତ୍ରଙ୍କୁ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇଥିଲେ। ଏହି ଛାତ୍ରୀଛାତ୍ରମାନେ ତିନୋଟି ଦଳରେ ବିଭକ୍ତ ହୋଇ ହରଭଙ୍ଗା ବ୍ଲକର ବାମଣ୍ଡା ଓ ସରସରା ଏବଂ ବୌଦ୍ଧ ବ୍ଲକର ମରୁଷୁଣ୍ଡି ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସଫଳତା ନେଇ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି। ସରକାରୀ ଯୋଜନାଗୁଡିକ ଲୋକଙ୍କ ପାଖରେ କିପରି ଠିକ୍ ଭାବରେ ପହଞ୍ଚି ପାରିବ ଏହି ଛାତ୍ରୀଛାତ୍ରମାନେ ବିଭିନ୍ନ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରିବେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ବୌଦ୍ଧର ଐତିହାସିକ ସଂଗ୍ରହାଳୟ ବୁଲି ଦେଖିବା ସହ ଜିଲାର ଐତିହ୍ୟ, ପରମ୍ପରା, ସଂସ୍କୃତି, ପର୍ବପର୍ବାଣୀ, ଖାଦ୍ୟ ଓ ଚଳଣି ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଛାତ୍ରୀଛାତ୍ରମାନେ ବୌଦ୍ଧର ସଂଗ୍ରହାଳୟ ମଧ୍ୟରେ ସଂରକ୍ଷିତ ଥିବା ବିଭିନ୍ନ ସାମଗ୍ରୀ ଦେଖି ଜିଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ତହସିଲଦାର ଅବିନାଶ ପାଣ୍ଡିଆ, ଜିଲା ସଂସ୍କୃତି ଅଧିକାରୀ ବିରଞ୍ଚି ଧରୁଆ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ ସ୍ଥପତି ସୁମନ ଷଡଙ୍ଗୀ ଛାତ୍ରୀଛାତ୍ରମାନଙ୍କୁ ସଂଗ୍ରହାଳୟ ବୁଲାଇବା ସହିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।



ଛାତ୍ରୀଛାତ୍ରମାନେ ସଂଗ୍ରହାଳୟ ବୁଲି ଦେଖୁଛନ୍ତି।

# ସମ୍ଭାବ୍ୟ ବ୍ଲକ ଅଧ୍ୟକ୍ଷ ଆସନ ତାଲିକା ପ୍ରକାଶିତ

**ବରଗଡ଼ ଅଫିସ୍,୨୮।୧୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ସମ୍ଭାବ୍ୟ ଆସନ ତାଲିକା ପ୍ରକାଶିତ ହୋଇଛି। ଏହି ତାଲିକା ଅନୁଯାୟୀ ଅତାବିରା ବ୍ଲକ ଅନୁସୂଚୀତ ଜାତି ମହିଳା, ଅମ୍ବାଭୋନା ଅଣସଂରକ୍ଷିତ, ଗାଇସିଲେଟ ଅଣସଂରକ୍ଷିତ, ଝାରବନ୍ଧ ଅଣସଂରକ୍ଷିତ ମହିଳା, ପାଇକମାଳ ଅଣସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ବରଗଡ଼ ବ୍ଲକ ଅନୁସୂଚୀତ ଜାତି, ବରପାଲି ଅଣସଂରକ୍ଷିତ ମହିଳା, ବିଜେପୁର ଓ ଭଟଲି ଅଣସଂରକ୍ଷିତ, ଭେଡ଼େନ ଅନୁସୂଚିତ ଜାତି ମହିଳା, ରାଜବୋରାସମ୍ବର ଅଣସଂରକ୍ଷିତ ଏବଂ ସୋହେଲା ବ୍ଲକ ଅଣସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଜଣାଇଛନ୍ତି।

# ପ୍ରଗତିଶୀଳ ପଣ୍ଡରା ଯୁବମଞ୍ଚର ପ୍ରଥମ ଯୁବଚିନ୍ତନ ସମ୍ମିଳନୀ

**ବାଉଁଶୁଣୀ,୨୮।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ମନୁପାଲି ପଞ୍ଚାୟତ ଜମଟାଙ୍ଗି ଗ୍ରାମରେ ଜିଲା ପ୍ରଗତିଶୀଳ ପଣ୍ଡରା ଯୁବମଞ୍ଚର ସାଙ୍ଗଠନିକ ଯୁବଚିନ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜୟକୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟବେକ୍ଷକ ରଘୁରାଜସିଂ ସେନାପତି, ସମ୍ମାନିତ ଅତିଥି ରାଜ୍ୟ କୋର କମିଟି ସଦସ୍ୟ ବୁଦ୍ଧଦେବ ବିଶି ଯୋଗଦେଇ ଜାତିର ପ୍ରଗତି, ସଂହତି ଓ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ଗୋବର୍ଦ୍ଧନ ସାହୁ, ଉପକେନ୍ଦ୍ର ସଭାପତି ମାର୍କଣ୍ଡ ମହଲା, ଜୟନ୍ତ କରଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ଜିଲାର ସମସ୍ତ କେନ୍ଦ୍ର ସହିତ ବଲାଙ୍ଗୀର ଓ ବରଗଡ଼ ଜିଲା ଯୁବ ପ୍ରତିନିଧି ଯୋଗଦେଇଥିଲେ। ବୌଦ୍ଧ ଓ କନ୍ଧମାଳ ବ୍ଲକସ୍ତରୀୟ ଯୁବମଞ୍ଚ ଓ ମହିଳା ଯୁବମଞ୍ଚ ଶାଖା ଗଠନ କରାଯାଇଥିଲା।

# ସମ୍ବଲପୁରକୁ ହରାଇ ସେମିରେ କଟାପାଲି

**ପାଇକମାଳ, ୨୮।୧୨(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ସହଦେବ ମେମୋରିଆଲ ଛିନ୍ଦେଇକେଲା କପ୍‌ର ମଙ୍ଗଳବାର ଶେଷ କ୍ରିକେଟ୍ ଲିଗ୍ ସମ୍ବଲପୁର ଓ କଟାପାଲି ମଧ୍ୟରେ ହୋଇଥିଲା। କଟାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଦଳ ସମସ୍ତ ଉଇକେଟ ହରାଇ ୧୭୧ ରନ୍ କରି ପରାଜିତ ହୋଇଥିଲା। ଫଳରେ କଟାପାଲି ସେମିରେ ପ୍ରବେଶ କରିଛି। ପତିତପାବନ ସାହୁଙ୍କ ଦ୍ୱାରା ପରିଚାଳିତ ପୁରସ୍କାର ବିତରଣ ଉତ୍ସବରେ ସଚ୍ଚିଦାନନ୍ଦ ପଣ୍ଡା ଓ ପ୍ରଶାନ୍ତ ସାହୁ ଅତିଥିଭାବେ ଯୋଗ ଦେଇ କଟାପାଲିର ହିମାଂଶୁ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।

# ଫାଇନାଲରେ ଆଲ୍ଲାହାବାଦ

**ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ**



ଅତିଥିମାନେ ସେଲ ରାଞ୍ଚିର ଉତ୍ତମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରୁଛନ୍ତି।

**ଅମରପାଲି,୨୮।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପର ଦ୍ୱିତୀୟ ସେମିଫାଇନାଲ ମଙ୍ଗଳବାର ଖେଳାଯାଇଥିଲା। ସେଲ ରାଞ୍ଚିକୁ ହରାଇ ଏନଏନଏସ ଆଲ୍ଲାହାବାଦ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଆଲ୍ଲାହାବାଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ ଉଇକେଟ ହରାଇ ୧୩୮ରନ କରିଥିଲା। ରାଞ୍ଚିର ରୋହିତ କୁମାର ୩ଟି ଉଇକେଟ ନେଇଥିଲେ। ଜବାବରେ ସେଲ ରାଞ୍ଚି ଦଳ ୧୬.୪ ଓଭରରେ ୭ଉଇକେଟ ହରାଇ ୧୪୦ରନ କରିଥିଲା। ବିପକ୍ଷ ଆଲ୍ଲାହାବାଦର କ୍ରିଷ୍ଣା ସରୋଜ ଓ ଇମ୍ରାନ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଆଲ୍ଲାହାବାଦ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୫ ଉଇକେଟ ହରାଇ ୧୨୨ରନ କରିଥିଲା। ଦଳର ଦୀପଙ୍କର ସିଂ ୪୩ ଓ ଆଶିଷ ରତ୍ନମ ୩୬ରନ କରିଥିଲେ। ବିପକ୍ଷ ରାଞ୍ଚିର ସାମନ୍ତ କଁୱର ୩ଟି ଉଇକେଟ ନେଇଥିଲେ। ଜବାବରେ ସେଲ ରାଞ୍ଚି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ହରାଇ ୧୧୯ରନ କରିଥିଲା। ଦଳର ଉତ୍ତମ ୨୫ ବଲରୁ ୬୯ରନ କରିଥିଲେ। ଆଲ୍ଲାହାବାଦର ଇମ୍ରାନ ୩ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପରଓଭର ଖେଳା ଯାଇଥିଲା। ଏଥିରେ ଆଲ୍ଲାହାବାଦ ୧୧ରନ କରିଥିବା ବେଳେ ସେଲ ରାଞ୍ଚି ୭ରନ କରି ପରାସ୍ତ ହୋଇଥିଲା। ଫଳରେ ଆଲ୍ଲାହାବାଦ ୨-୧ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ଜଗଦଲା, ଦୁର୍ଜନଟୈଲା ସରପଞ୍ଚ ରଞ୍ଜିତ ଖେତି, ପୂର୍ବତନ ସରପଞ୍ଚ ସୁରନାରାୟଣ ଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପତି, ଜିଲା ମହିଳା ବିଜେଡି ସମ୍ପାଦିକା ଶାନ୍ତି ଲୁହା ଅତିଥିଭାବେ ଯୋଗଦେଇଥିଲେ। ସେଲ ରାଞ୍ଚିର ଉତ୍ତମଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ଚୁଡାମଣି ପାଢୀ ପରିଚାଳନା କରିଥିଲେ। ବୁଧୁବାର ଫାଇନଲା ମ୍ୟାଚ ଫରେଷ୍ଟ କ୍ଲବ ଛତିଶଗଡ ଓ ଏନଏନଏସ ଆଲ୍ଲାହାବାଦ ମଧ୍ୟରେ ହେବ ବୋଲି ଆୟୋଜକ ସଶୀଲ ପ୍ରଧାନ ପ୍ରକାଶ କରିଛନ୍ତି।

